ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୧୮୦
୭ ଡିସେମ୍ବର, ୨୦୨୫ ରବିବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 180
7th December, 2025 Sunday
Bhubaneswar

ODISHA EXPRESS SIGHTS TRUTH WRITES TRUTH ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଅବ୍ୟାପାରେଷୁ ବ୍ୟାପାରଂ ଯୋ ନରଃ କର୍ତ୍ତୁମିଚ୍ଛତି
ସ ତତ୍ର ନିଧନଂ ଯାତି କୀଲୋତ୍ପାଟୀବ ବାନରଃ**

ଯେଉଁ ଲୋକ ନିଜର ସମ୍ପର୍କ ନଥିବା ବିଷୟରେ ହସ୍ତକ୍ଷେପ କରି କାର୍ଯ୍ୟ କରିବାକୁ ଇଚ୍ଛା କରେ, ସେହି ଲୋକ କିଳା ଉପୁଡ଼ାଇବାକୁ ଚେଷ୍ଟା କରିଥିବା ମାଙ୍କଡ଼ ପରି ମୃତ୍ୟୁମୁଖରେ ପଡ଼େ ।

### ବିଶାଖାପଟନମ୍‌ରେ ବ୍ୟାଟ୍‌ସମ୍ୟାନ୍ ଓ ବୋଲରଙ୍କ କମାଲ

# ସିରିଜ୍ ଜିତିଲା ଭାରତ

**ବିଶାଖାପଟନମ,୬।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିଶାଖାପଟନମରେ ବାଜି ମାରିଛି ଟିମ୍ ଇଣ୍ଡିଆ। ୯ ୱିକେଟରେ ପରାସ୍ତ କରିଛି ଦକ୍ଷିଣ ଆଫ୍ରିକାକୁ। ଆଉ ମ୍ୟାଚ୍ ଜିତିବା ସହିତ ୨-୧ରେ

## ବିରାଟ ମ୍ୟାନ୍ ଅଫ ଦି ସିରିଜ୍
## ଜୈସୱାଲ ମ୍ୟାନ୍ ଅଫ୍ ଦି ମ୍ୟାଚ୍

ଜିତିଛି ସିରିଜ୍। ଶନିବାର ଖେଳା ଯାଇଥିବା ଦିନିକିଆ ସିରିଜର ତୃତୀୟ ତଥା ଅନ୍ତିମ ମ୍ୟାଚ୍‌ରେ ଭାରତ ଆଗରେ ୨୭୧ ରନର ବିଜୟ ଲକ୍ଷ୍ୟ ରଖିଥିଲା ଦକ୍ଷିଣ ଆଫ୍ରିକା। ଆଉ ଏହାକୁ ଅତି ସହଜରେ ମାତ୍ର ୩୯.୫ ଓଭରରେ ଗୋଟିଏ ୱିକେଟ୍ ହରାଇ ହାସଲ କରି ନେଇଛି ଦଳ।

ଦଳ ପକ୍ଷରୁ ଓପନର ଯଶସ୍ୱୀ ଜୈସୱାଲ ସର୍ବାଧିକ ୧୧୬ (୧୨୧ ବଲ୍, ୧୨ ଚୌକା ଓ ୨ ଛକା) ରନ୍ କରିଥିବା ବେଳେ ରୋହିତ ଶର୍ମା ୭୫ (୭୩ ବଲ୍, ୭ ଚୌକା ଓ ୩ ଛକା) ରନ୍ କରିଥିଲେ। ବିରାଟ କୋହଲି ୪୫ ବଲରୁ ୬୫ ରନ୍ (୬ ଚୌକା ଓ ୩ ଛକା) କରିଥିଲେ। ଜୈସୱାଲ ଓ ବିରାଟ ଅପରାଜିତ ରହି ମ୍ୟାଚ୍‌କୁ ଜିତାଇଥିଲେ। ଆଜିର ମ୍ୟାଚ୍‌କୁ ମିଶାଇ ମାତ୍ର ୩ଟି ଦିନିକିଆ ମ୍ୟାଚ୍ ଖେଳିଥିବା ଜୈସୱାଲ ଆଜି ତାଙ୍କର ପ୍ରଥମ ଦିନିକିଆ ଶତକ ମାରିଥିଲେ। ଏହି ଶତକୀୟ ଇନିଂସ ପାଇଁ ତାଙ୍କୁ ମ୍ୟାନ୍ ଅଫ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ପ୍ରଥମ ଦୁଇଟି ମ୍ୟାଚ୍‌ରେ ଶତକ ଓ ତଥା ଆଜି ଅର୍ଦ୍ଧଶତକ କରିଥିବା ବିରାଟ କୋହଲିଙ୍କୁ ମ୍ୟାନ୍ ଅଫ ଦ ସିରିଜ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଜି ଦକ୍ଷିଣ ଆଫ୍ରିକା ପକ୍ଷରୁ କେବଳ କେଶବ ମହାରାଜଙ୍କୁ ଗୋଟିଏ ୱିକେଟ ମିଳିଥିଲା।

ଆଜି ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିବା ଭାରତୀୟ ଦଳକୁ ପ୍ରଥମ ଓଭରରେ ହିଁ ମିଳିଥିଲା ପ୍ରଥମ



ସଫଳତା। ପ୍ରଥମ ଓଭରରେ ପଞ୍ଚମ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ ରିୟାନ ରିକେଲଟନ। ଅର୍ଶଦୀପଙ୍କ ବଲ୍‌ରେ କେଏଲ ରାହୁଲଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇଥିଲେ ସେ। ଖାତା ଖୋଲି ନପାରି ପ୍ୟାଭିଲିୟନକୁ ଫେରିଯାଇଥିଲେ ରିୟାନ।

କିନ୍ତୁ ତା'ପରେ ଡି'କକ୍ ଓ ଅଧିନାୟକ ତେମ୍ବା ବଭୁମାଙ୍କ ଯୋଡି କ୍ରିଜ୍‌ରେ ଜମି ଯାଇଥିଲେ। ଏହି ଯୋଡି ଭାଙ୍ଗିଥିଲା ୨୦.୬ ଓଭରରେ। ଆଉଟ୍ ହୋଇଥିଲେ ଅଧିନାୟକ ତେମ୍ବା ବଭୁମା। ସେ ୬୭ଟି ବଲରୁ ୫ଟି ଚୌକା ସହାୟତାରେ ୪୮ ରନ୍ କରିଥିବା ବେଳେ ରବୀନ୍ଦ୍ର ଜାଡେଜାଙ୍କ ବଲ୍‌ରେ ବିରାଟ କୋହଲିଙ୍କ ଦ୍ୱାରା କ୍ୟାଚ୍ ଆଉଟ୍ ହୋଇଥିଲେ।

ଅଧିନାୟକ ଆଉଟ୍ ହେବା ସତ୍ତ୍ୱେ ଡି'କକ୍ ଧୈର୍ଯ୍ୟର ସହିତ ତାଙ୍କର ଖେଳ ଜାରି ରଖିଥିଲେ। ତାଙ୍କୁ ବେଶ୍ ସହଯୋଗ କରିଥିଲେ ମାଥ୍ୟୁ ବ୍ରେଟଜକେ। ଏହି ଯୋଡି ଦଳୀୟ ସ୍କୋରକୁ ୧୬୮ ରନ୍‌ରେ ପହଞ୍ଚାଇଥିବା ବେଳେ ୨୮.୨ ଓଭରରେ ଆଉଟ ହୋଇଥିଲେ ବ୍ରେଟଜକେ। ସେ ୨୩ଟି ବଲରୁ ୨୪ ରନ୍ କରିଥିଲେ। ପ୍ରସିଦ୍ଧ କୃଷ୍ଣଙ୍କ ଦ୍ୱାରା ସେ ଏଲବିଡବ୍ଲ୍ୟୁ ହୋଇଥିଲେ। ଏହି ୱିକେଟ ସହିତ ଖେଳ ବଦଳି ଯାଇଥିଲା। ଦକ୍ଷିଣ ଆଫ୍ରିକା ଚାପଗ୍ରସ୍ତ ହୋଇଯାଇଥିଲା ଓ ଭାରତ ହାତକୁ ମ୍ୟାଚ୍ ଚାଲିଯାଇଥିଲା। ୨୮.୨ ଓଭରରେ ବ୍ରେଟଜକେଙ୍କୁ ଏଲ୍‌ବିଡବ୍ଲ୍ୟୁ କରିବା ପରେ ସେହି ଓଭରର ଶେଷ ବଲ୍‌ରେ ଏଡେନ ମାର୍କରମଙ୍କୁ ଆଉଟ୍ କରିଥିଲେ ପ୍ରସିଦ୍ଧ କୃଷ୍ଣ। ତାଙ୍କ ବଲରେ ବିରାଟ କୋହଲିଙ୍କ ଦ୍ୱାରା କ୍ୟାଚ୍ ଆଉଟ୍ ହୋଇଥିଲେ ମାର୍କରମ। ସେ ମାତ୍ର ୧ ରନ୍ କରିଥିଲେ।

୧୦୬ (୮୯ ବଲ୍, ୮ ଚୌକା ଓ ୬ ଛକା) ରନ୍ କରିଥିବା ବେଳେ ୩୨.୫ ଓଭରରେ ପ୍ରସିଦ୍ଧ କୃଷ୍ଣଙ୍କ ଦ୍ୱାରା ବୋଲ୍ଡ ହୋଇଯାଇଥିଲେ ଡି'କକ୍। ସେ ଆଉଟ୍ ହେବା ପରେ ୫ ଓଭର ଧରି ସ୍ଥିତିକୁ ସମ୍ଭାଳିଥିଲେ ଡେୱାଲ୍ଡ ବ୍ରେବିସ ଓ ମାର୍କୋ ଜାନସେନ। କିନ୍ତୁ କୁଲଦୀପ ଯାଦବଙ୍କ ଗୋଟିଏ ଓଭରରେ ଉଭୟେ ଆଉଟ୍ ହୋଇଥିଲେ। ୩୮.୧ ଓଭରରେ କୁଲଦୀପ ଯାଦବଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ ବ୍ରେବିସ। ସେହି ଓଭରର ତୃତୀୟ ବଲରେ କ୍ୟାଚ୍ ଆଉଟ୍ ହୋଇଥିଲେ ମାର୍କୋ ଜାନସେନ। ପରେ ପରେ କୋର୍ବିନ ବଚ (୯) ଓ ଲୁଙ୍ଗି ଏନଗିଡିଙ୍କ ୱିକେଟ ନେଇଥିଲେ କୁଲଦୀପ। ୪୭.୫ ଓଭରରେ ଓଟନୀଲ ବାର୍ଟମ୍ୟାନଙ୍କ ୱିକେଟ୍ ନେଇ ନିଜର ଚତୁର୍ଥ ୱିକେଟ୍ ହାସଲ କରିଥିଲେ ଗତ ମ୍ୟାଚ୍ ପାଇଁ ସମାଲୋଚନାର ଶିକାର ହୋଇଥିବା ପ୍ରସିଦ୍ଧ କୃଷ୍ଣ। ଭାରତ ପକ୍ଷରୁ କୁଲଦୀପ ଯାଦବ ଓ ପ୍ରସିଦ୍ଧ କୃଷ୍ଣ ୪ଟି ଲେଖାଏ ୱିକେଟ ନେଇଥିବା ବେଳେ ଅର୍ଶଦୀପ ସିଂହ ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ୱିକେଟ ନେଇଛନ୍ତି।

## ମନ୍ଦିର ପାଣ୍ଠି ଦେବତାଙ୍କର ବ୍ୟାଙ୍କକୁ ଦିଆଯାଇପାରିବ ନାହିଁ

**ନୂଆଦିଲ୍ଲୀ,୬।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ମନ୍ଦିରକୁ ଦାନ ଭାବରେ ଦିଆଯାଇଥିବା ଟଙ୍କା ସମ୍ପର୍କରେ ଆଜି ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ, ମନ୍ଦିରକୁ ଦାନ କରାଯାଇଥିବା ଟଙ୍କା ଦେବତାଙ୍କର। ଏହାକୁ କୌଣସି ସମବାୟ ବ୍ୟାଙ୍କକୁ ସଞ୍ଚୟ କିମ୍ବା ସମୃଦ୍ଧ କରିବା ପାଇଁ ବ୍ୟବହାର କରାଯାଇପାରିବ ନାହିଁ।

ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗଚିଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ କେରଳର କିଛି ସମବାୟ ବ୍ୟାଙ୍କର ଆବେଦନର ଶୁଣାଣି କରୁଥିଲେ। ଯେଉଁଥିରେ ଥିରୁନେଲି ମନ୍ଦିର ଦେବସ୍ୱମର ଜମା ଫେରାଇବା ପାଇଁ କେରଳ ହାଇକୋର୍ଟଙ୍କର ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରାଯାଇଥିଲା। ସୁପ୍ରିମକୋର୍ଟ ପଚାରିଥିଲେ ଯେ, କେରଳ ହାଇକୋର୍ଟଙ୍କର ନିର୍ଦ୍ଦେଶରେ କ'ଣ ଭୁଲ ଅଛି ?

ସିଜେଆଇ ସୂର୍ଯ୍ୟକାନ୍ତ ପଚାରିଥିଲେ, ଆପଣ ମନ୍ଦିରର ଟଙ୍କାକୁ ବ୍ୟାଙ୍କକୁ ବଞ୍ଚାଇବା ପାଇଁ ବ୍ୟବହାର କରିବାକୁ ଚାହୁଁଛନ୍ତି। ମନ୍ଦିରର ଟଙ୍କା ଅଧିକ ସୁଧ ପ୍ରଦାନ କରିପାରୁଥିବା ସମବାୟ ବ୍ୟାଙ୍କରେ ରଖିବା ପରିବର୍ତ୍ତେ ଜାତୀୟ ବ୍ୟାଙ୍କକୁ ଯିବାରେ କ'ଣ ଅସୁବିଧା ଅଛି ? ସେ କହିଥିଲେ ଯେ, ମନ୍ଦିରର ଟଙ୍କା ଦେବତାଙ୍କର, ତେଣୁ ଏହାର ସୁରକ୍ଷିତ ସଂରକ୍ଷଣ ଏବଂ କେବଳ ମନ୍ଦିର ପାଇଁ ବ୍ୟବହାର କରାଯିବା ଉଚିତ୍। ଏହା ଏକ ସମବାୟ ବ୍ୟାଙ୍କର ଆୟ କିମ୍ବା ଅସ୍ତିତ୍ୱର ଆଧାର ହୋଇପାରିବ ନାହିଁ।

ଆବେଦନକାରୀ ବ୍ୟାଙ୍କଗୁଡ଼ିକର ପ୍ରତିନିଧିତ୍ୱ କରୁଥିବା ଆଇନଜୀବୀ ମନୁ କୃଷ୍ଣନ୍ ଯୁକ୍ତି ଦେଇଥିଲେ ଯେ, ଦୁଇ ମାସ ମଧ୍ୟରେ ଜମା ଫେରସ୍ତ କରିବାକୁ ହାଇକୋର୍ଟଙ୍କ ହଠାତ୍ ନିର୍ଦ୍ଦେଶ ଅସୁବିଧା **(ଶେଷ ପୃଷ୍ଠା ଦେଖନ୍ତୁ)**

## ବିଜେପିରେ ପ୍ରଫୁଲଙ୍କ ଦୁଇପୁଅ

**ଭୁବନେଶ୍ୱର,୬।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିଜୁ ଜନତା ଦଳ (ବିଜେଡି)ର ଅନ୍ୟତମ ଗଡ କୁହାଯାଉଥିବା ଭଦ୍ରକରେ

### ବିଜେଡିକୁ ଝଟ୍‌କା

ରାଜନୈତିକ ବାତାବରଣ ଅସ୍ଥିର ହୋଇଯାଇଛି। ଦେଢ଼ ବର୍ଷ ପୂର୍ବରୁ ଭଦ୍ରକ ଜିଲ୍ଲାରେ ବିଜେଡି ଯେଉଁ ସ୍ଥିତିରେ ଥିଲା, ଏବେ ଆଉ ତାହା ହୋଇ ରହିନାହିଁ। ୭ଟି ବ୍ଲକ୍‌କୁ ନେଇ ଗଠିତ ଭଦ୍ରକ ଜିଲ୍ଲାର ୪ଟି ବ୍ଲକର ଟାଣୁଆ ନେତା ଏବେ ବିଜେପି ଶିବିରରେ ସାମିଲ ହୋଇସାରିଛନ୍ତି। ସ୍ଥାନୀୟ ନେତାମାନେ ବିଜେପିରେ ସାମିଲ ହେବା ଦ୍ୱାରା ବିଜେଡି କ୍ରମାଗତ ଭାବେ ଦୁର୍ବଳ ହୋଇଯାଉଥିବା ଚର୍ଚ୍ଚା ଚାଲିଛି। ଅନେକ କହୁଛନ୍ତି ଭଦ୍ରକରେ 'ଶଙ୍ଖ' ଭାଙ୍ଗିଯିବ।



ତେବେ ଜିଲ୍ଲାରେ ଭାରତୀୟ ଜନତା ପାର୍ଟି (ବିଜେପି)ର କାୟା ବିସ୍ତାର ହେଉଛି। ଏଠାରେ ପଦ୍ମ ସମୃଦ୍ଧ ହେବାରେ ଲାଗିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପରାମର୍ଶ ଦଳୀୟ କର୍ମୀଙ୍କୁ ଅଟକାଇପାରି ନାହିଁ ବୋଲି ମଧ୍ୟ ଚର୍ଚ୍ଚା ହେଉଛି।

ଭଦ୍ରକ ଜିଲ୍ଲାର ୪ ଜଣ ବିଜେଡି ନେତା ଆଜି ବିଜେପିରେ ସାମିଲ ହୋଇଛନ୍ତି। ଏଥିରେ ଦୁଇ ଜଣ ଅଛନ୍ତି ବିଜେଡିର ବରିଷ୍ଠ ନେତା ତଥା ଭଦ୍ରକ ରାଜନୀତିରେ ଚର୍ଚ୍ଚିତ ଚେହେରା ପ୍ରଫୁଲ୍ଲ ସାମଲଙ୍କ ପୁଅ। ଏତଦ୍ ବ୍ୟତୀତ ପ୍ରଫୁଲ୍ଲ ସାମଲଙ୍କ ଭଉଣୀ ମଧ୍ୟ ବିଜେପିରେ ଯୋଗ ଦେଇଛନ୍ତି। ପ୍ରଫୁଲ୍ଲଙ୍କ ପୁଅ ତଥା **(ଶେଷ ପୃଷ୍ଠା ଦେଖନ୍ତୁ)**

## ବିଳମ୍ବରେ ଚେତା ପଶିଲା: ମନଇଚ୍ଛା ଭଡ଼ା ଉପରେ ରୋକ୍

**ନୂଆଦିଲ୍ଲୀ,୬।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଇଣ୍ଡିଗୋ ବିମାନ ଚଳାଚଳରେ ଅଚଳାବସ୍ଥା ସାଙ୍ଗକୁ ବିମାନ ବାତିଲ କାରଣରୁ ଗତ ତିନି ଚାରିଦିନ ହେବ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମୟରେ ଯାତ୍ରୀଙ୍କୁ ସହାୟତା କରିବା ବଦଳରେ ବିମାନ କମ୍ପାନୀମାନେ ମନଇଚ୍ଛା ଭଡ଼ା ବଢ଼ାଇ ଲୁଟି ଚାଲିଛନ୍ତି। ବିଳମ୍ବରେ ହେଲେ ବି ଶନିବାର ଦିନ ସରକାରଙ୍କ ନିଦ ଭାଙ୍ଗିଛି ଓ କେତେ କିଲୋମିଟର ପାଇଁ ସର୍ବାଧିକ କେତେ ଟଙ୍କାର ଭଡ଼ା ଆଦାୟ କରାଯାଇପାରିବ ତା'ର ଏକ ତାଲିକା ଜାରି କରିଛନ୍ତି ସରକାର।




ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶ ଅନୁଯାୟୀ ୫୦୦ କିଲୋମିଟର ଦୂରତା ଯାଏ ସର୍ବାଧିକ ଭଡ଼ା ୭୫୦୦ ଟଙ୍କା, ୫୦୦ରୁ ୧୦୦୦ କିଲୋମିଟର ଯାଏ ଦୂରତା ପାଇଁ ସର୍ବାଧିକ ଭଡ଼ା ୧୨୦୦୦ ଟଙ୍କା, ୧୦୦୦ରୁ ୧୫୦୦ କିଲୋମିଟର ଯାଏ ଦୂରତା ପାଇଁ ସର୍ବାଧିକ ଭଡ଼ା ୧୫୦୦୦ ଟଙ୍କା ଓ ୧୫୦୦ କିଲୋମିଟରରୁ ଅଧିକ ଦୂରତା ହେଲେ ସର୍ବାଧିକ ଭଡ଼ା ୧୮୦୦୦ ଟଙ୍କା ନେଇପାରିବେ ବିମାନ କମ୍ପାନୀମାନେ।

ଅନ୍ୟପକ୍ଷରେ **(ଶେଷ ପୃଷ୍ଠା ଦେଖନ୍ତୁ)**

### ଇଣ୍ଡିଗୋ ବିରୋଧରେ ଜନସ୍ୱାର୍ଥ ମାମଲା

**ନୂଆଦିଲ୍ଲୀ:** ଇଣ୍ଡିଗୋ ବିମାନ ବାରମ୍ବାର ବାତିଲ ଯୋଗୁଁ ଯାତ୍ରୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆଜି ଏ ନେଇ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଛି। ଭାରତର ପ୍ରଧାନ ବିଚାରପତିଙ୍କୁ ଏହି ମାମଲାରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରାଯାଇଛି । ସୁପ୍ରିମକୋର୍ଟ ଏହି ମାମଲାରେ ସ୍ୱତଃ ତଦନ୍ତ କରନ୍ତୁ ବୋଲି ନିବେଦନ କରିଛନ୍ତି। ତୁରନ୍ତ ଏହି ମାମଲାର ଶୁଣାଣି ପାଇଁ ଏକ ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ କରାଯାଉ ବୋଲି ଯାତ୍ରୀମାନେ **(ଶେଷ ପୃଷ୍ଠା ଦେଖନ୍ତୁ)**

## ହଷ୍ଟେଲ ଭିତରେ ଗୁଳିମାଡ଼: ୧୧ ମୃତ

**ନୂଆଦିଲ୍ଲୀ,୬।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଏକ ଶିକ୍ଷାନୁଷ୍ଠାନ ହଷ୍ଟେଲ ଭିତରେ ପଶି ୩ ଅଜ୍ଞାତ ବନ୍ଧୁକଧାରି ଆଖିବୁଜା ଗୁଳିମାଡ଼ କରିବାରୁ ୧୧ ଜଣଙ୍କର ମୃତ୍ୟୁ ଘଟିଛି। ଏହା ସହିତ ଅନ୍ୟ ୧୪ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ୩ ବର୍ଷର ଶିଶୁ, ୧୨ ବର୍ଷର ନାବାଳକ ଏବଂ ୧୬ ବର୍ଷର ନାବାଳିକା ରହିଛନ୍ତି। ଘଟଣାଟି ଘଟିଛି ଦକ୍ଷିଣ ଆଫ୍ରିକାର ପ୍ରିଟୋରିଆ ସହରରେ।

ସୂଚନା ଅନୁସାରେ, ସ୍ଥାନୀୟ ସମୟ ଅପରାହ୍ନ ୪ଟା ୩୦ରେ ୩ ଜଣ ଅଜଣା ବନ୍ଧୁକଧାରୀ ହଷ୍ଟେଲ ଭିତରକୁ ଅଚାନକ ପଶି ଗୁଳିମାଡ଼ କରିଥିଲେ। ଅଳ୍ପ କିଛି ସମୟ ମଧ୍ୟରେ ହଷ୍ଟେଲଟି ରକ୍ତ ରଞ୍ଜିତ ହୋଇଯାଇଥିଲା। ଲୋକଙ୍କ ଭିତରେ କୋକୁଆ ଭୟ ସୃଷ୍ଟି ହୋଇଥିଲା। ଘଟଣା ପରେ ଅଭିଯୁକ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ।

ଖବରପାଇ ପୁଲିସ ପହଞ୍ଚି ତଦନ୍ତ କରିଥିଲେ ହେଁ ଆକ୍ରମଣକାରୀଙ୍କୁ ଧରିପାରି ନାହିଁ। ଆହତମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୁଳିକାଣ୍ଡର କାରଣ ଜଣାପଡ଼ି ନାହିଁ।

## ନେହରୁଙ୍କ ଚିନ୍ତାଧାରାକୁ ମୂଳପୋଛ କରିବା ବିଜେପିର ଲକ୍ଷ୍ୟ

**ନୂଆଦିଲ୍ଲୀ,୬।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମହାତ୍ମା ଗାନ୍ଧୀଙ୍କ ହତ୍ୟାକୁ ଯେଉଁ ମାନସିକତା ପୂର୍ବରୁ ପ୍ରୋତ୍ସାହିତ କରିଥିଲା, ତାହା ଏବେ ପ୍ରତିଷ୍ଠାନରେ ବ୍ୟାପିଯାଇଛି। ମୋଦି ସରକାରଙ୍କ ଚିନ୍ତାଧାରା କଥା କହି ଆଜି ପ୍ରବଳ ବର୍ଷିଛନ୍ତି କଂଗ୍ରେସ ସଂସଦୀୟ ଦଳ ଅଧକ୍ଷା ସୋନିଆ ଗାନ୍ଧୀ। ସେ ଅଭିଯୋଗ କରିଛନ୍ତି ଯେ ଏହି ଚିନ୍ତାଧାରାର ଅନୁଗାମୀମାନେ କେବଳ ଗାନ୍ଧୀଙ୍କ ହତ୍ୟାକାରୀଙ୍କୁ ମହିମା ମଣ୍ଡନ କରନ୍ତି ନାହିଁ ବରଂ ଭାରତର ମୂଳ ମୂଲ୍ୟବୋଧ, ସମ୍ବିଧାନ



ଏବଂ ପ୍ରତିଷ୍ଠାନଗୁଡ଼ିକୁ ମଧ୍ୟ ଦୁର୍ବଳ କରିବାକୁ ଚେଷ୍ଟା କରନ୍ତି। ରାଜଧାନୀ ଦିଲ୍ଲୀର ଜବାହାର ଭବନରେ ନେହେରୁ ସେଣ୍ଟର ଇଣ୍ଡିଆର ଶୁଭାରମ୍ଭ ଅବସରରେ ସିପିପି ଅଧକ୍ଷା ସୋନିଆ ଗାନ୍ଧୀ କହିଛନ୍ତି ଏହି ଚିନ୍ତାଧାରା କେବଳ ଇତିହାସକୁ ବିକୃତ କରିବା ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ଅତୀତରେ ଏହା ଦ୍ୱାରା ପ୍ରୋତ୍ସାହିତ ଘୃଣା ମହାତ୍ମା ଗାନ୍ଧୀଙ୍କ ହତ୍ୟାର କାରଣ ହୋଇଛି। ସମାନ ଚିନ୍ତାଧାରାର ଅନୁଗାମୀମାନେ ଆଜି 'ଗାନ୍ଧୀଙ୍କ ହତ୍ୟାକାରୀଙ୍କୁ ମହିମାମଣ୍ଡନ କରନ୍ତି। ଶାସକ ଦଳର ଲକ୍ଷ୍ୟ ହେଉଛି ନେହରୁଙ୍କୁ ବଦନାମ କରିବା। ଏହା ସେହି ବିଚାରଧାରା ଯାହା ଘୃଣାର ପରିବେଶ ସୃଷ୍ଟି କରିଥିଲା, **(ଶେଷ ପୃଷ୍ଠା ଦେଖନ୍ତୁ)**

## ନିଆଁରେ ଜଳିଗଲେ କଲେଜ୍ ଛାତ୍ରୀ

**ରାଜଗାଙ୍ଗପୁର,୬।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଏବଂ ବଲଙ୍ଗାରେ ନାବାଳିକା ନିଆଁରେ ଜଳିଯିବା ଘଟଣାକୁ ଓଡିଶାବାସୀ ଭୁଲିପାରି ନଥିବା ବେଳେ ସୁନ୍ଦରଗଡ ଜିଲ୍ଲାରେ ସମାନ ପ୍ରକାରର ଘଟଣା ଦେଖିବାକୁ ମିଳିଛି। ରାଜଗାଙ୍ଗପୁର ରାଜଗାଙ୍ଗପୁର ସରବତୀ ଦେବୀ ମହିଳା ମହାବିଦ୍ୟାଳୟରେ ଯୁକ୍ତ ଦୁଇ ଛାତ୍ରୀ ନିଆଁରେ ଜଳି ଯାଇଛନ୍ତି। ଜୀବନ ମୃତ୍ୟୁ ସହିତ ସଂଘର୍ଷ କରୁଥିବା ଛାତ୍ରୀ ଜଣକ ରାଜଗାଙ୍ଗପୁର ଥାନା ଅଧୀନ ଲାଞ୍ଜିବେର୍ଣ୍ଣା ଅଞ୍ଚଳର ବୋଲି ଜଣାପଡିଛି।

ସୂଚନା ଅନୁସାରେ ଛାତ୍ରୀ ଜଣକ ଶୁକ୍ରବାର ରାତିରେ ପରିବାର ଲୋକଙ୍କର ସହିତ ଖାଇ ସାରି ଘରେ ଶୋଇଥିଲେ। ବିଳମ୍ବିତ ରାତିରେ ଘରେ ଶୋଇଥିବା ବେଳେ ତାଙ୍କର ଦେହରେ ନିଆଁ ଲାଗିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ରାଉରକେଲାସ୍ଥିତ ଏକ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ଏନେଇ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍) ପକ୍ଷରୁ କୁହାଯାଇଛି ଯେ, ସୁନ୍ଦରଗଡ ଜିଲ୍ଲା ଲାଞ୍ଜିବେର୍ଣ୍ଣା ଅଞ୍ଚଳର ଜଣେ ନାବାଳିକା ଛାତ୍ରୀଙ୍କୁ ଗୁରୁତର ଅବସ୍ଥାରେ ଆଜି ଭୋର ୩ଟା ୪୦ରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେ ଗତକାଲି ରାତି ପ୍ରାୟ ୨ଟାରେ ନିଆଁରେ ଜଳି ଯାଇଥିବା ତାଙ୍କର ପରିବାର ଲୋକେ କହିଛନ୍ତି। କୁହାଯାଉଛି ଯେ, ନାବାଳିକାର ପୂର୍ବରୁ ଜଣେ ବସ୍ କର୍ମଚାରୀଙ୍କ ସହିତ ପ୍ରେମ ସମ୍ପର୍କ ରହିଥିଲା। ଗତକାଲି କୌଣସି କଥାକୁ ନେଇ ମୋବାଇଲ୍ ଫୋନରେ କଥାବାର୍ତ୍ତା ସମୟରେ ଯୁକ୍ତିତର୍କ ହୋଇଥିଲା। ପୁରୁଷ ବନ୍ଧୁକୁ ରାଜଗାଙ୍ଗପୁର ପୁଲିସ ଅଟକ ରଖିଥିବା ସୂଚନା ମିଳିଛି। ପୁଲିସ ଏହି ଘଟଣାର ତଦନ୍ତ କରୁଛି।

## ଗତବର୍ଷ ୫୩ ହଜାର ଟପିଛି ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା

**ଭୁବନେଶ୍ୱର,୬।୧୨: ତଥ୍ୟ**

ରାଜ୍ୟକୁ ଆସୁଥିବା ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ଗତବର୍ଷ ୫୩ ହଜାରକୁ ଟପିଛି । ଏମାନଙ୍କ ମଧ୍ୟରେ ସର୍ବାଧିକ ପର୍ଯ୍ୟଟକ ପଶ୍ଚିମ ୟୁରୋପରୁ ଓଡିଶାକୁ ଆସିଛନ୍ତି। ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା । ମନ୍ତ୍ରୀ ଦର୍ଶାଇଛନ୍ତି ଯେ କରୋନା କାଳରେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ୨୦୨୧ମସିହାରେ ମାତ୍ର ୨୨୬୯ରେ ସୀମିତ ରହିଥିଲା। ଏହା ପରଠାରୁ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି ।

୨୦୨୨ ବର୍ଷରେ ଓଡିଶାକୁ ୨୨,୧୨୧ ଜଣ ବିଦେଶୀ ପର୍ଯ୍ୟଟକ ଆସିଥିବାବେଳେ ୨୦୨୩ରେ ଏମାନଙ୍କ ସଂଖ୍ୟା ୪୫ହଜାରକୁ ଅତିକ୍ରମ କରିଯାଇଥିଲା। ତେବେ ଗତବର୍ଷ ଓଡିଶାକୁ ୫୩,୩୯୨ ଜଣ ବିଦେଶୀ ପର୍ଯ୍ୟଟକ ଆସିଛନ୍ତି । ଏହି ପର୍ଯ୍ୟଟକମାନେ ସାଧାରଣତଃ ଉତ୍ତର ଆମେରିକା, କେନ୍ଦ୍ର ଏବଂ ଦକ୍ଷିଣ ଆମେରିକା, ଅଷ୍ଟ୍ରେଲିଆ, ପଶ୍ଚିମ ୟୁରୋପ, ପୂର୍ବ ୟୁରୋପ, ପଶ୍ଚିମ ଏସିଆ, ଆଫ୍ରିକା, ଆଦି ଦେଶରୁ ଓଡିଶାକୁ



ଆସିଥାନ୍ତି ।

ତେବେ ଗତବର୍ଷ ଓଡିଶାକୁ ଆସିଥିବା ପର୍ଯ୍ୟଟକମାନଙ୍କ ମଧ୍ୟରୁ ପଶ୍ଚିମ ୟୁରୋପୀୟ ଦେଶ ଯଥା ଫ୍ରାନ୍ସ, ଜର୍ମାନ, ଇଟାଲୀ, ନେଦରଲ୍ୟାଣ୍ଡ, ନରୱେ, ସୁଇଡେନ୍, ସୁଇଜରଲ୍ୟାଣ୍ଡ, ଇଂଲଣ୍ଡ, ଗ୍ରିସ୍ ଆଦି ଦେଶରୁ ପ୍ରାୟ ୨୧ ହଜାର ପର୍ଯ୍ୟଟକ ଆସିଥିଲେ । ଏହି ସମୟରେ ଆଫ୍ରିକାରୁ କେବଳ ୧୫୧୩ ଜଣ ପର୍ଯ୍ୟଟକ ଓଡିଶା ବୁଲିବାକୁ ଆସିଛନ୍ତି । ତେବେ ଏହିବର୍ଷ ପାକିସ୍ତାନରୁ ଓଡିଶାକୁ ୫ଜଣ ପର୍ଯ୍ୟଟକ ଆସିଥିବା ରେକର୍ଡ କରାଯାଇଛି ।

ବିଦେଶୀ ପର୍ଯ୍ୟଟକମାନଙ୍କ ଆକୃଷ୍ଟ କରିବାପାଇଁ ରାଜ୍ୟ ସରକାର ଇକୋ ରିଟ୍ରିଟ୍, ଓଡିଶା ୱାକ୍, କୋଣାର୍କ ଓ ଧଉଳିରେ ଲାଇଟ୍ ଏଣ୍ଡ ସାଉଣ୍ଡ ବ୍ୟବସ୍ଥା, କୋଣାର୍କ ମହୋତ୍ସବ ଆଦିର ଆୟୋଜନ କରୁଛନ୍ତି । ଏଭଳି କାର୍ଯ୍ୟକ୍ରମ ବିଦେଶୀ ପର୍ଯ୍ୟଟକଙ୍କୁ ଓଡିଶା ଆସିବାକୁ ବେଶ୍ ଉତ୍ସାହିତ କରୁଛି ।

ଚଳିତ ଆର୍ଥିକ ବର୍ଷରେ ଓଡିଶା ପର୍ଯ୍ୟଟନର ପ୍ରଚାର ପ୍ରସାର ପାଇଁ ରାଜ୍ୟ ସରକାର ୨୭ କୋଟି ୫୩ଲକ୍ଷ ଟଙ୍କାରୁ ଅଧିକ ଅର୍ଥ ପ୍ରଦାନ କରିଛନ୍ତି। ଏଥି ମଧ୍ୟରେ ଶ୍ରୀଜଗନ୍ନାଥ ମନ୍ଦିରକୁ ୟୁଟ୍ୟୁବ ଚ୍ୟାନେଲ ଓ ଏଫ୍ ଏମ୍ ରେଡିଓ କାର୍ଯ୍ୟକ୍ରମ ପାଇଁ ୧କୋଟି **(ଶେଷ ପୃଷ୍ଠା ଦେଖନ୍ତୁ)**

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୭ ଡିସେମ୍ବର ୨୦୨୫ । ରବିବାର




## ନେଉଳ ଚିକେନ ଖାଇଲା: ହଣା ଖାଇଲେ ବୃଦ୍ଧ



**କବିସୂର୍ଯ୍ୟନଗର: ଏକ୍ସପ୍ରେସ ନ୍ୟୁଜ୍**

ନାବାଳକର ଖଣ୍ଡା ଚୋଟରେ ବୃଦ୍ଧର ମୃତ୍ୟୁ । ଅପରାଧକୁ ନେଇ ଏ ହେଉଛି ବଡ଼ ଖବର । ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଅଞ୍ଚଳରେ ଘଟିଛି ଅମାନୁଷିକ ହତ୍ୟାକାଣ୍ଡ । ବର୍ତ୍ତମାନର ଏ ହେଉଛି ଏକ ବଡ଼ ଖବର । କବିସୂର୍ଯ୍ୟନଗର ଥାନା ପଥରାପଲି ଗାଁରେ ଘଟିଛି ହତ୍ୟାକାଣ୍ଡ । ପୋଷା ନେଉଳ ପଡୋଶୀ ଘର ଚିକେନ ଖାଇଦେଲା ବୋଲି ନେଉଳକୁ ପିଟି ମାରିଦେଲେ । ଏପଟେ ନେଉଳ ହତ୍ୟାକାରୀକୁ ଖଣ୍ଡାରେ ହାଣି ହତ୍ୟା କଲା ନାବାଳକ ନେଉଳ ପୋଷ୍ୟକାରୀ । ଉଭୟ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଛି ପୋଲିସ ।

ଯାହା ଖବର ମିଳିଛି ନାବାଳକର ଖଣ୍ଡା ଚୋଟରେ ବୃଦ୍ଧର ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ, ପଥରାପଲ୍ଲୀ ଗ୍ରାମର କୃଷ୍ଣଚନ୍ଦ୍ର ମହାନ୍ତି ବୋଲି ଜଣାପଡିଛି । ହତ୍ୟାକାରୀ ଜଣକ ହେଲେ ନାରାୟଣ ଦାସ । ଆକ୍ରମଣ କରିବା ପରେ ଘଟଣାସ୍ଥଳରୁ ହତ୍ୟାକାରୀ ଫେରାର ଥିବା ସୂଚନା ମିଳିଛି । ଖବର ପାଇ ଗାଁରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଯାହା ସୂଚନା ମିଳିଛି, ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ପଥରାପଲ୍ଲୀ ଗ୍ରାମରେ ପଡୋଶୀଙ୍କ ନେଉଳ ଘରେ ପଶି ଚିକେନ ଖାଇଦେଇଥିଲା । ପୁଣି ଶନିବାର କୃଷ୍ଣଙ୍କ ଘରକୁ ନେଉଳ ଆସିବା ଯୋଗୁଁ ନେଉଳକୁ ପିଟି ମାଇଦେଇଥିଲା କୃଷ୍ଣ । ନେଉଳ ମରିବା ପରେ ଦୁଇ ପଡୋଶୀଙ୍କ ମଧ୍ୟରେ କଳହ ହୋଇଥିଲା । କଳହ ଉଗ୍ରରୂପ ନେବା ପରେ ସ୍କୁଲକୁ ଯାଇଥିବା ନାରାୟଣ ଦାସ ଖବର ପାଇ ଘରକୁ ଆସି ନେଉଳ ମରିବା ଜାଣିବା ପରେ ନେଉଳକୁ ମାରିଥିବା କୃଷ୍ଣ ଘରେ ବସି ଟିଭି ଦେଖୁଥିବା ବେଳେ ନାବାଳକ ନାରାୟଣ ଘରେ ପଶି କୃଷ୍ଣଙ୍କୁ ଖଣ୍ଡାରେ ଆକ୍ରମଣକରି ଫେରାର ମାରିଥିଲା । ପରିବାର ଲୋକେ କୃଷ୍ଣଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ କବିସୂର୍ଯ୍ୟନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଏଠାରେ ଡାକ୍ତର ବୃଦ୍ଧଙ୍କୁ ମୃତ୍ୟୁ ଘୋଷଣା କରିଛନ୍ତି । ଖବରପାଇ ପୋଲିସ ଗ୍ରାମରେ ପହଞ୍ଚି ତଦନ୍ତ ଚଳାଇଥିବା ବେଳେ ମୃତ କୃଷ୍ଣ ଓ ମୃତ ନେଉଳକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାଯାଇଛି ।

## ଟ୍ରକ୍ ଧକ୍କାରେ ବାଇକ ଆରୋହୀ ମୃତ

**ଗୋଲାମୁଣ୍ଡା:ଏକ୍ସପ୍ରେସ୍ ନ୍ୟୁଜ୍**

କୁହୁଡି ହେଲା କାଳ, ବିଜୁ ଏକ୍ସପ୍ରେସ ରାସ୍ତାରେ ଦୁର୍ଘଟଣା ଜଣେ ମୃତ । ଶୁକ୍ରବାର କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଖାମାରହଳଦୀ ଛକ ନିକଟରେ ଅଜଣା ଗାଡି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ କେରମୁଣ୍ଡା ଗାଁର ସୁବାଷ ସାଗର ୫୫ବର୍ଷ । ସୂଚନା ଥାଉ କି ପ୍ରତିଦିନ ସୁବାସ ପନିପରିବା ବ୍ୟବସାୟ ପାଇଁ ଧର୍ମଗଡକୁ ଯାଉଥିଲେ । ଖମାରହଳଦୀ ନିକଟରେ ଏକ ଅଜଣା ଟ୍ରକ ଆସି ତାଙ୍କୁ ଧକ୍କା ଦେଇଥିଲା । ସ୍ଥାନୀୟ ଲୋକେ ଦୁର୍ଘଟଣା ଘଟିଥିବା ଦେଖି ଘଟଣା ସ୍ଥଳକୁ ପହଞ୍ଚି ସୁବାସକୁ ଗୁରୁତର ଭାବରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଏ ସଂକ୍ରାନ୍ତରେ ପରିବାର ଲୋକେ ଗୋଲାମୁଣ୍ଡାରେ ଏତଲା ଦେଲା ପରେ ଏତଲାକୁ ଭିତ୍ତି କରି ଗୋଲାମୁଣ୍ଡା ଥାନା କେଶ ନମ୍ବର ୨୦୧/୨୫ରେ ଏକ ମାମଲା ରୁଜୁ କରି ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାକୁ ଶବ ବ୍ୟବଚ୍ଛେଦ ପଠାଇ ଥିଲେ । ପରେ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରିଥିଲେ । ପରିବାର ଲୋକେ ଖମାର ହଳଦୀ ଛକ ନିକଟରେ ଶବ ରଖି ରାସ୍ତା ଅବରୋଧ କରିଥିଲେ । ଘଟଣା ସ୍ଥଳକୁ ପୋଲିସ ଓ ତହସିଲ କର୍ମଚାରୀ ଘଟଣା ସ୍ଥଳକୁ ପହଞ୍ଚି ବୁଝା ସୁଝା କଳାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।

# କମିଶନରେଟ ପୋଲିସ ଏସସିୟୁ ଜାଲରେ ୨ ବନ୍ଧୁକ ମାଫିଆ

## ବୋଲେରୋ ସହ ୧୦ ପିସ୍ତଲ, ୧ ଅଟୋମାଟିକ କାରବାଇନ ଓ ୧୨ ଜୀବନ୍ତ ଗୁଳି ଜବତ

**ଭୁବନେଶ୍ୱର (ପ୍ରଦୀପ୍ତ କୁମାର ଦାସ)**

କମିଶନରେଟ ପୋଲିସ ଏସସିୟୁ ପଞ୍ଝାରେ ଧରାପଡିଛନ୍ତି ଦୁଇ କୁଖ୍ୟାତ ଆନ୍ତରାଜ୍ୟ ବନ୍ଧୁକ ମାଫିଆ । ତେବେ ଶୁକ୍ରବାର ଅପରାହ୍ନରେ ଏକ ବଲେରୋ ଗାଡ଼ିରେ ଅନୁଗୁଳରୁ ବ୍ରହ୍ମପୁର ଅଭିମୁଖେ ଚୋରା ଚାଲାଣ ବେଳେ ଏହି ବେଆଇନ ଚୋରା ବନ୍ଧୁକ ସହ ଜୀବନ୍ତ ଗୁଳି ସବୁ ଜବତ କରିଛି କମିଶନରେଟ ପୋଲିସ ସ୍ପେଶାଲ କ୍ରାଇମ ୟୁନିଟ । ପ୍ରକାଶଯୋଗ୍ୟଯେ ଅନୁଗୁଳର ନୂଆହାଟସାହି ନିବାସୀ ସୁମନ୍ତ ନାୟକ ଓ ଢେଙ୍କାନାଳ ପରଜଙ୍ଗ ସ୍ଥିତ ବନ୍ତପୁର ନିବାସୀ ସୌଭାଗ୍ୟ ନାୟକ ନାମକ ଦୁଇ ଜଣ ପେଶାଦାର କୁଖ୍ୟାତ ଅପରାଧୀଙ୍କୁ ଏହି ବେଆଇନ କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ଗିରଫ କରିଛି କମିଶନରେଟ ପୋଲିସ । ସ୍ଥାନୀୟ ଖଣ୍ଡଗିରି ଥାନା ଅନ୍ତର୍ଗତ ଜାତୀୟ ରାଜପଥର ଖଣ୍ଡଗିରି ଓଭର ବ୍ରିଜ ଦେଇ ଉଭୟ ଉକ୍ତ ବଲେରୋରେ ଏସବୁ ବେଆଇନ ଆଗ୍ନେୟ ମାରଣାସ୍ତ୍ର ଚୋରାଚାଲାଣ କରୁଥିବା ବିଶ୍ୱସ୍ତ ଗୁଇନ୍ଦା ସୂତ୍ରରୁ ଖବର ପାଇବାପରେ ଏସସିୟୁ ଟିମ ଚଢ଼ାଉ କରି ସେମାନଙ୍କୁ କାବୁ କରିଥିଲା । ସେମାନଙ୍କ ନାମରେ ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାର ବିଭିର୍ନ ଥାନାରେ ଅନେକ ଅପରାଧିକ ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି । ତେବେ ଏମାନେ ଝାରଖଣ୍ଡ, ମୁଙ୍ଗେର ଓ ବିହାରରୁ ଏସବୁ ମାରଣାସ୍ତ୍ର ଆଣି ରାଜ୍ୟର ବିଭିନ୍ନ ଅଞ୍ଚଳରେ ବିକ୍ରି କରୁଥିବା ସହ ଆନ୍ତରାଜ୍ୟ ଚୋରା ବନ୍ଧୁକ ଚାଲାଣ ରାକେଟରେ ମଧ୍ୟ ସମ୍ପୃକ୍ତ ବୋଲି ପୋଲିସ ସନ୍ଦେହ କରୁଛି । ଉଭୟଙ୍କୁ ଗିରଫ କରିବା ସହ ଏହି ବେଆଇନ କାରବାରରେ ବ୍ୟବହୃତ ବଲେରୋ, ଉପରୋକ୍ତ ୧୧ ଗୋଟି ଚୋରା ବନ୍ଧୁକ, ୧୨ ଜୀବନ୍ତ ଗୁଳି, ୩ଟି ମୋବାଇଲ ଫୋନ ଓ ନଗଦ ୧୬୦୦ ଟଙ୍କା ଜବତ କରିଛି ପୋଲିସ । ଏହି ବେଆଇନ କାରବାରର ନେଟୱର୍କ ପଛରେ ଅନ୍ୟ କେଉଁ ଅପରାଧୀମାନେ ସମ୍ପୃକ୍ତ ଅଛନ୍ତି ସେମାନଙ୍କୁ ଧରିବାକୁ ମଧ୍ୟ ଏସସିୟୁ ଟିମ ଅଧିକ ତଦନ୍ତ ଜାରିରଖିଥିବା କମିଶନରେଟ ପୋଲିସ ସୂତ୍ରରୁ ପ୍ରକାଶ ।



## ନିଶାସକ୍ତ ଡ୍ରାଇଭରଙ୍କ ଉନ୍ମତ୍ତକାଣ୍ଡ

**ବଲାଙ୍ଗିର: ଏକ୍ସପ୍ରେସ ନ୍ୟୁଜ୍**

ନିଶାସକ୍ତ ଟ୍ରାକ୍ଟର ଡ୍ରାଇଭରଙ୍କ ଉନ୍ମତ୍ତକାଣ୍ଡ । ଗାଡ଼ି ପରେ ଗାଡ଼ିକୁ ପିଟି ଚାଲିଲା । ଭୟରେ ଦୌଡିଲେ ଲୋକ । ବର୍ତ୍ତିଗଲା ଜୀବନ । ବଲାଙ୍ଗିର ଟାଉନ ଥାନା ଅଞ୍ଚଳ ବସ୍ ଟର୍ମିନାଲ ନିକଟରେ ଘଟିଛି ଏଭଳି ସିରିଜ୍ ଦୁର୍ଘଟଣା । ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି ।

ସୂଚନାଯୋଗ୍ୟ ଯେ, ବଲାଙ୍ଗିର ଟାଉନ ଥାନା ଅଞ୍ଚଳ ବସ୍ ଟର୍ମିନାଲ ନିକଟରେ ପୌରପରିଷଦ ପାଇଖାନା ସଫେଇ ଟ୍ରାକ୍ଟର ଗାଡ଼ିଟି ସିରିଜ୍ ଦୁର୍ଘଟଣା ଘଟାଇଛି । ନିଶାସକ୍ତ ଅବସ୍ଥାରେ ଟ୍ରାକ୍ଟର ଡ୍ରାଇଭର ଜଣଙ୍କ ଦ୍ରୁତଗତିରେ ମାଡ଼ିଆସି ରାସ୍ତା କଡ଼ରେ ଥିବା ଠେଲାକୁ ଧକ୍କା ଦେଇଥିଲା । ପରେ ନିକଟରେ ଥିବା ଏକ ବାଇକ୍‌କୁ ଧକ୍କା ଦେଇଥିଲା । ଶେଷରେ ସ୍କୁଟି, ସାଇକେଲ ସହ ଦୋକାନ ଘରକୁ ଟ୍ରାକ୍ଟରଟି ଧକ୍କା ଦେଇଥିଲା । ଲୋକ ଭୟଭୀତ ଅବସ୍ଥାରେ ଟ୍ରାକ୍ଟରକୁ ଦେଖି ଦୌଡ଼ି ପଳାଇଥିଲେ । ଫଳରେ ଅଳ୍ପକେ ବର୍ତ୍ତିଗଲା ଲୋକଙ୍କ ଜୀବନ ।

ତେବେ ସିରିଜ୍ ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି । ସଂପୃକ୍ତ ଡ୍ରାଇଭରଙ୍କୁ ଅଟକ ରଖିଲେ ସ୍ଥାନୀୟ ଲୋକ । ଘଟଣାସ୍ଥଳରେ ଟାଉନ ଥାନା ପୋଲିସ ପହଞ୍ଚି ଲୋକଙ୍କ ବୁଝାସୁଝା କରିବା ସହ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି ।

## ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ ଜଣେ ଗିରଫ

**କୋଦଳା: ଏକ୍ସପ୍ରେସ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା କୋଦଳା ଏନଏସି କାର୍ଯ୍ୟାଳୟ ପରିସରରେ ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଶୁକ୍ରବାର ଅଭିଯୁକ୍ତ ଡାକ ସ୍ୱାଇଁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ୪ ଅଭିଯୁକ୍ତଙ୍କ ମଧ୍ୟରୁ ଅନ୍ୟ ଜଣେ ଅଭିଯୁକ୍ତ ବିକାଶ ସ୍ୱାଇଁ ଏବେବି ଫେରାର ରହିଥିବା ଜଣାପଡିଛି । ପୋଲିସ ତାକୁ ଧରିବାକୁ ଜାଲ ବିଛାଇଛି । ଖୁବଶୀଘ୍ର ଧରା ପଡିବ ବୋଲି କହିଛି ପୋଲିସ । ସେପଟେ ମୁଖ୍ୟ ଷଡଯନ୍ତ୍ରକାରୀ ଏନଏସି ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ନାୟକ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥଙ୍କ ନାମରେ ବି ମାମଲା ରୁଜୁ ହୋଇଥିବା ବେଳେ ସେମାନଙ୍କୁ ତଦନ୍ତ କରୁନି ପୋଲିସ । ଏମାନଙ୍କୁ ପୋଲିସ ପଚରାଉଚରା କରିଛି କି ନାହିଁ ତାହା ବି ଜଣାପଡିନି । ଅନ୍ୟପଟେ ଏହି ୨ ଅଭିଯୁକ୍ତ ଖୁଲମଖୁଲା ବୁଲୁଛନ୍ତି ଏବଂ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେଉଥିବା ଦେଖିବାକୁ ମିଳିଛି । ଅଧ୍ୟକ୍ଷ ଶାସକ ଦଳର ହୋଇଥିବାରୁ ଖସାଇ ଦେବାକୁ ମସୁଧା ଚାଲିଥିବା ନେଇ କୋଦଳା ସହରରେ ଆଲୋଚନାର ବିଷୟ ହୋଇଛି । ଘଟଣା ସମୟର ସିସିଟିଭି ଫୁଟେଜ୍ ଗାଏବ୍ ହୋଇଯାଇଛି । କିଭଳି ଗାଏବ୍ ହେଲା, କିଏ ଏଭଳି କାର୍ଯ୍ୟରେ ସଂପୃକ୍ତି ଅଛି ସେ ନେଇ ପୋଲିସ ତଦନ୍ତ କରୁଛି କି ନାହିଁ ତାହା ସବୁଠାରୁ ବଡ଼ ପ୍ରଶ୍ନ । କାରଣ ସିସିଟିଭିରୁ ଘଟଣାର ସତ୍ୟତା ପଦାକୁ ଆସିବା କଥା । ଏଣୁ ସିସିଟିଭି ଫୁଟେଜ ଗାଏବ୍ କରାଯାଇଥିବାରୁ ଷଡଯନ୍ତ୍ର ନିଶ୍ଚିତ ଭାବେ ହୋଇଛି ବୋଲି ଆଲୋଚନା ହେଉଛି । ନଚେତ ଅଧକ୍ଷ ଓ କାର୍ଯ୍ୟ ନିର୍ବାହି ଅଧିକାରୀଙ୍କ ମୋବାଇଲ ଯାଞ୍ଚ କଲେ ସବୁ ତଥ୍ୟ ମଧ୍ୟ ପଦାକୁ ଆସିବ କାହିଁକି ଏଇମାନଙ୍କ ମୋବାଇଲ ଯାଞ୍ଚ କରାଯାଉ ନାହିଁ ଏହା ଏବେ ପ୍ରଶ୍ନ କୋଦଳା ଏନଏସି ଅଧକ୍ଷ ସୂର୍ଯ୍ୟ ନାରାୟଣ ନାୟକଙ୍କ ନିର୍ଦ୍ଦେଶରେ ହିଁ ଏଭଳି ହୀନ କାର୍ଯ୍ୟ ହୋଇଥିବା ଅଭିଯୋଗ କରିଛନ୍ତି ଆହତ ସାମ୍ବାଦିକ ଭଗବାନ ପାଢୀ ।

## ଭଙ୍ଗା ଛାତ ତଳେ ଅଙ୍ଗନବାଡି

**ନିଆଳୀ: ଏକ୍ସପ୍ରେସ ନ୍ୟୁଜ୍**

ରାଜ୍ୟ ଓ କେନ୍ଦ୍ର ସରକାର ଶିକ୍ଷାର ଉନ୍ନତି ଓ ସୁସ୍ଥ ପରିବେଶ ପାଇଁ ପାଣିଭଳି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ଡିଣ୍ଡିମ ପିଟୁଥିବାବେଳେ ବାସ୍ତବ ଚିତ୍ର ପୁରା ଓଲଟା । ଆମେ କେଉଁ ଉପାନ୍ତ ଅଞ୍ଚଳ କଥା କହୁନାହିଁ । ଖୋଦ୍ ରାଜ୍ୟ ରାଜଧାନୀ ଠାରୁ ମାତ୍ର ୪୦ କିଲୋମିଟର ଦୂର ନିଆଳୀ, ଏହି ନିଆଳୀ ବ୍ଲକ୍‌ର ନିଆଳୀ ପଞ୍ଚାୟତ କଥା ହିଁ କହୁଛୁ । ନିଆଳୀ ବ୍ଲକ୍ ଓ ନିଆଳୀ ସିଡିପିଓ କାଜ୍ୟାଳୟ ଠାରୁ ମାତ୍ର ଏକ କିଲୋମିଟର ଦୁରରେ ଥିବା ନିଆଳୀ ସାହି ଅଙ୍ଗନୱାଡି କେନ୍ଦ୍ର ଓ ନିଆଳୀ ହରିଜନସାହି ଅଙ୍ଗନୱାଡି କେନ୍ଦ୍ର, ଏହି ଅଙ୍ଗନୱାଡି କେନ୍ଦ୍ର ଦୁଇଟିରେ ସାତ ସାତ ଜଣ ୧୪ଜଣ ଶିଶୁ ନାମ ଲେଖାଇ ପାଠ ପଢୁଛନ୍ତି । ଏହି ଦୁଇଟି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନଥିବାରୁ ବ୍ରହ୍ମାଠାକୁରଙ୍କ ଘର ହିଁ ଭରଷା । ଏହି ଘରପୁଣି ଦୟନୀୟ ଅବସ୍ଥା ଥିବାବେଳେ ଏହାର ଛାତ ବିଭିନ୍ନ ଜାଗାରେ ଫାଟି କଂକ୍ରିଟ ଝୁଲନ୍ତା ଅବସ୍ଥା ଅଛି । ଏହି ଘରେ ରଥକାଠ ଓ ଜାଳ ରହିଛି । ଦୁଇଜଣ ଅଙ୍ଗନୱାଡି ଦିଦି ଓ ଦୁଇଜଣ ସାହାୟକା, ନିଯୁକ୍ତି ଥିବା ବେଳେ ନିଆଳୀ ସାହି ଅଙ୍ଗନୱାଡି ଦିଦି ଘରେ ରୋଷେଇ କରି ଏକ ଘଣ୍ଟା ବିଳମ୍ବରେ ଅଙ୍ଗନୱାଡି କେନ୍ଦ୍ରରେ ପହଞ୍ଚୁଛନ୍ତି । ଏଠାରେ ପ୍ରଶ୍ନ ଉଠୁଛି ଦୁଇ ଦୁଇଟି ସହାୟକା ଥାଇ ଅଙ୍ଗନୱାଡି ଦିଦି ରୋଷେଇ କରି ବିଳମ୍ବର ଆସିବା ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ ନିଆଳୀ ସିଡିପିଓଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ ।



## ଘରଦ୍ୱାର ଭାଙ୍ଗିଲେ ହାତୀପଲ

**ଗଜପତି: ଏକ୍ସପ୍ରେସ ନ୍ୟୁଜ୍**

ଗଜପତି ଜିଲ୍ଲା ଗୁମ୍ମାବ୍ଲକରେ ହାତୀଙ୍କ ଉପଦ୍ରବ ଲାଗି ରହିଛି । ଗତ ୪ ଦିନ ହେଲା ୪ ଟିକିଆ ହାତୀପଲ ଗୁମ୍ମା ବ୍ଲକର ଗାଁକୁ ଗାଁ ବୁଲୁଛନ୍ତି । ହେଲେ ଶନିବାର ବ୍ଲକର ଯାନୀଗୁଡ଼ା ଗ୍ରାମରେ ପଶି ଘର, ଗୁହାଳ ଭାଙ୍ଗିବା ସହ କଦଳିବାଡ଼ି ଭାଙ୍ଗି ନଷ୍ଟ କରିଛନ୍ତି । ଫଳରେ ସ୍ଥାନୀୟ ବାସିନ୍ଦା ଏବେ ଘର ଭିତରେ ଭୟରେ ରହୁଛନ୍ତି । ଗତ ୪ ଦିନ ହେଲା ଏହି ହାତୀପଲ ଦେବଗିରି ରେଞ୍ଜର ବିଭିନ୍ନ ଅଞ୍ଚଳ ବୁଲୁଛନ୍ତି । ଏହି ହାତୀଗୁଡ଼ିକ ଆନ୍ଧ୍ର ପଟୁ ଆସିଥିବା ବନ ବିଭାଗ ସୂଚନା ଦେଇଛି । ଏବେ ହାତୀଙ୍କ ଗତିପଥ ଉପରେ ବନ ବିଭାଗ ନଜର ରଖିଛି । ହାତୀଙ୍କ ସହ କୌଣସି ଦୁର୍ବବ୍ୟହାର ନ କରିବା ପାଇଁ ସ୍ଥାନୀୟ ଲୋକଙ୍କୁ ବନ ବିଭାଗ ତରଫରୁ ସଚେତନ କରାଯାଉଛି । ତେବେ ହାତୀମାନେ କରିଥିବା କ୍ଷୟକ୍ଷତି ଆକଳନ କରାଯାଇ ସ୍ଥାନୀୟ ଲୋକଙ୍କୁ କ୍ଷତିପୂରଣ ଦିଆଯିବ ବୋଲି ବିଭାଗ ତରଫରୁ ସୂଚନା ଦେଇଛନ୍ତି ଗଜପତି ଡିଏଫ୍ଓ କେ. ନାଗାରାଜୁ ।

## ପୌରପାଳିକା ପରିଦର୍ଶନରେ ଚିକିଟି ଏନଏସି ପ୍ରତିନିଧି ଦଳ

**ରାୟଗଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ରାୟଗଡ଼ା ପୌରପାଳିକାର ପରିମଳ ବ୍ୟବସ୍ଥା ଅନୁଧ୍ୟାନ କରିବା ପାଇଁ ଗଞ୍ଜାମ ଜିଲ୍ଲା ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦର (ଏନ୍ଏସି) ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ରାୟଗଡ଼ା ଗସ୍ତ କରିଛନ୍ତି ।

ଚିକିଟି ଏନଏସିର ଅଧ୍ୟକ୍ଷ ଦୀପା ସାହୁ, ଉପାଧ୍ୟକ୍ଷ ହର ପ୍ରସାଦ ଚୌଧୁରୀ, କାଉନସିଲରବୃନ୍ଦ, କାର୍ଯ୍ୟନିର୍ବାହୀ ଅଧିକାରୀ, ବରିଷ୍ଠ ଅଧିକାରୀ, ବିଭାଗୀୟ ଯନ୍ତ୍ରୀ, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପରଭାଇଜର ଏବଂ ପରିମଳ ବିଶେଷଜ୍ଞଙ୍କୁ ନେଇ ଗଠିତ ଏହି ଦଳକୁ ରାୟଗଡ଼ା ପୌରପାଳିକାର କର୍ମଚାରୀମାନଙ୍କ ଦ୍ୱାରା ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ପରେ ରାୟଗଡ଼ା ପୌରପାଳିକାର ସମ୍ମିଳନୀ କକ୍ଷରେ ଉଭୟ ପକ୍ଷଙ୍କ ମଧ୍ୟରେ ଏକ ସୌଜନ୍ୟମୂଳକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ।

ଏହି ପରିଦର୍ଶନ ସମୟରେ ପ୍ରତିନିଧି ଦଳ ରାୟଗଡ଼ା ପୌରପାଳିକାର ୧୧ ନମ୍ବର ୱାର୍ଡ ଅନ୍ତର୍ଗତ ଆଣ୍ଡାରିଗୁଡାଠାରେ ନିର୍ମିତ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ । ସେଠାରେ କାର୍ଯ୍ୟକ୍ଷମ ଥିବା ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମସିସି), ମ୍ୟାଟେରିଆଲ୍ ରିକଭରୀ ଫାସିଲିଟି (ଏମଆରଏଫ) ଏବଂ ଏଫଏସଟିପି (ଏଫଏସଟିପି) ପ୍ଲାଣ୍ଟ ପରିଦର୍ଶନ କରି ବର୍ଜ୍ୟବସ୍ତୁ ପରିଚାଳନା ଶୈଳୀ ସମ୍ପର୍କରେ ଅବଗତ ହୋଇଥିଲେ । ଏହା ସହିତ ରାୟଗଡା ପୌର ପରିଷଦ ଦ୍ୱାରା ପରିଚାଳିତ ଅଡିଟୋରିଅମ, ଆହାର କେନ୍ଦ୍ର, ଅଶୋକ କଲ୍ୟାଣ ମଣ୍ଡପ, ମହାତ୍ମାଗାନ୍ଧି ପାର୍କ ଏବଂ ବିଭିନ୍ନ ଉନୟନ ମୂଳକ କାର୍ଯ୍ୟର ମଧ୍ୟ ପରିଦର୍ଶନ କରିଥିଲେ ।

ଉଲ୍ଲେଖଯୋଗ୍ୟ ଯେ, ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ 'ସ୍ୱଚ୍ଛ ସର୍ବେକ୍ଷଣ-୨୦୨୪' ଅଧୀନରେ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହୋଇଥିବା ଏକ ଅଗ୍ରଣୀ ବିଜ୍ଞାପିତ ଅଞ୍ଚଳ ପରିଷଦ ।

ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ପୌରପାଳିକାର ଅଧ୍ୟକ୍ଷ, ଉପାଧ୍ୟକ୍ଷା, ନିର୍ବାହୀ ଅଧିକାରୀ, ପୌର କର୍ମଚାରୀ, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପରଭାଇଜର ଏବଂ ପରିମଳ ବିଶେଷଜ୍ଞଙ୍କ ସହିତ ପୌର ପରିଷଦର କାଉନସିଲରମାନେ ଉପସ୍ଥିତ ରହି ଚିକିଟି ପ୍ରତିନିଧି ଦଳ ସହ ଆଲୋଚନା କରିଥିଲେ । ଉଭୟ ସହରାଞ୍ଚଳରେ ପରିମଳ ସେବାରେ କିପରି ଅଧିକ ଉନ୍ନତି ଅଣାଯାଇପାରିବ ଏବଂ ସହରକୁ କିପରି ଅଧିକ ସ୍ୱଚ୍ଛ ରଖାଯାଇପାରିବ, ସେ ନେଇ ଉଭୟ ପକ୍ଷ ମଧ୍ୟରେ ଫଳପ୍ରଦ ବିଚାର ବିମର୍ଶ ହୋଇଥିଲା ।



### ବାଣିଜ୍ୟ

## ରୁଷ ମାର୍କେଟ୍‌ରେ ଏଣ୍ଟ୍ରି ମାରିବ ପତଞ୍ଜଳି

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ପୁଟିନଙ୍କ ଭାରତ ଗସ୍ତରେ ପ୍ରତିରକ୍ଷା ଠାରୁ ଆରମ୍ଭ କରି ଏକାଧିକ କ୍ଷେତ୍ରରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ପତଞ୍ଜଳି ମଧ୍ୟ ଏହାର ଆୟୁର୍ବେଦ ମାର୍କେଟକୁ ବଢାଇବା ପାଇଁ ଋଷ ସହ ଚୁକ୍ତି କରିଛି । ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ବ୍ୟବସାୟିକ ସହଯୋଗକୁ ସୁଦୃଢ଼ କରିବା ପାଇଁ ପତଞ୍ଜଳି ରୁଷ ସରକାରଙ୍କ ସହ ଏକ ରଣନୈତିକ ସହଯୋଗ ଚୁକ୍ତି ସ୍ୱାକ୍ଷର କରିଛି ।

ପତଞ୍ଜଳିର ପ୍ରତିଷ୍ଠାତା ଯୋଗଗୁରୁ ରାମଦେବ ଏବଂ ମସ୍କୋର ମନ୍ତ୍ରୀ ଏବଂ ଭାରତ ସହ ସହଯୋଗ ପାଇଁ ବ୍ୟବସାୟ ପରିଷଦର ଅଧ୍ୟକ୍ଷ ସେରଗେଇ ଚେରେମିନ୍ ପରସ୍ପର ଚୁକ୍ତି ସାଇନ କରିଥିଲେ । ଏଥିରେ ସୁସ୍ଥ ଜୀବନ, ଆୟୁର୍ବେଦ ଓ ଔଷଧୀୟ ଉତ୍ପାଦନ ଉପରେ ଗୁରୁତ୍ୱ ଦିଆଯାଇଛି । ଋଷର ବଜାର ସମ୍ଭାବନାକୁ ଉପଯୋଗ କରି ପତଞ୍ଜଳି ଆୟୁର୍ବେଦ କ୍ଷେତ୍ରରେ ଏହାର ଅଭିଜ୍ଞତା ଦ୍ୱାରା ପ୍ରଡକ୍ଟକୁ ଆହୁରି ଗ୍ଲୋବାଲାଇଜ୍ କରିବ ।

ଏହି ଚୁକ୍ତିନାମା ଋଷ ଓ ଭାରତ ମଧ୍ୟରେ ଅର୍ଥନୈତିକ ସମ୍ପର୍କକୁ ବୃଦ୍ଧି କରିବା ସହ ସାଂସ୍କୃତିକ ଆଦାନପ୍ରଦାନକୁ ଉତ୍ସାହିତ କରିବା ଏବଂ ଆୟୁର୍ବେଦ ସମ୍ପର୍କିତ ଜ୍ଞାନ ମଧ୍ୟ ଋଷ ପାଇପାରିବ ଏବଂ ଦୁଇ ଦେଶ ମଧ୍ୟରେ ଏକ ସ୍ଥାୟୀ ବ୍ୟବସାୟିକ ଅଭ୍ୟାସ ପାଇଁ ପଥ ପରିଷ୍କାର କରିବାକୁ ଚୁକ୍ତିରେ ଲକ୍ଷ୍ୟ ରଖାଯାଇଛି ।

ଏହା ବାଦ୍ ଦୁଇ ଦେଶ ସ୍ୱାସ୍ଥ୍ୟ, ପ୍ରବାସ ଓ ସାମୁଦ୍ରିକ ସହଯୋଗ ସମେତ ଏକ ଡଜନରୁ ଅଧିକ ଚୁକ୍ତି ଓ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି । ପିଏମ୍ ମୋଦି ରୁଷ ଲୋକଙ୍କ ପାଇଁ ୩୦ ଦିନର ଇ-ଟୁରିଷ୍ଟ ଭିସା ଓ ୩୦ ଦିନର ଗ୍ରୁପ୍ ଟୁରିଷ୍ଟ ଭିସା ନେଇ ଘୋଷଣା କରିଛନ୍ତି । ଅନ୍ୟପଟେ ରାଷ୍ଟ୍ରପତି ପୁଟିନ କହିଛନ୍ତି ଯେ ରୁଷ ଓ ଭାରତ ମଧ୍ୟରେ ପାରସ୍ପାରିକ ସମ୍ପର୍କ ମଜଭୁତ ରହିଛି । ସେ ସ୍ପଷ୍ଟ କରିଛନ୍ତି ଯେ ରୁଷ ସବୁଠୁ ବଡ଼ ଭାରତୀୟ ନ୍ୟୁକ୍ଲିୟର ପ୍ଲାଣ୍ଟର ନିର୍ମାଣ ପ୍ରୋଜେକ୍ଟ ଉପରେ ମଧ୍ୟ କରୁଛି । ଛଅଟି ରିଆକ୍ଟର ମଧ୍ୟରୁ ତିନୋଟି ଶକ୍ତି ନେଟୱାର୍କ ସହିତ ସଂଯୁକ୍ତ ହୋଇସାରିଛି । ଚାରିଟି ଏପର୍ଯ୍ୟନ୍ତ ନିର୍ମାଣାଧୀନ ଅଛି । ଏଗୁଡ଼ିକ ଭାରତର କାରଖାନା ଏବଂ ଘରକୁ ସ୍ୱଚ୍ଛ ଉର୍ଜା ଯୋଗାଇବାରେ ସାହାଯ୍ୟ କରିବ ବୋଲି ପୁଟିନ କହିଥିଲେ ।



## ସାଟେଲାଇଟ୍ ସର୍ଭେରେ ସନ୍ଦେହଜନକ ୩୮ ହଜାର ପ୍ଲଟ୍

**ନବରଙ୍ଗପୁର: ଏକ୍ସପ୍ରେସ ନ୍ୟୁଜ୍**

ଏସ୍ଏଚ୍‌ଜିଙ୍କ ଦ୍ୱାରା ଧାନକ୍ରୟକୁ ନେଇ ଜିଲ୍ଲାଧାନ କିଣା କମିଟି ବୈଠକରେ ଗରମା ଗରମ ଆଲୋଚନା ହୋଇଥିଲା । ଏସଏଚ୍‌ଜି ମାଧ୍ୟମରେ ଦଲାଲ ଓ ବେପାରୀଙ୍କ ଧାନ ମଣ୍ଡିରେ ବିକ୍ରି ହେଉଥିବା ଅଭିଯୋଗ ହୋଇଥିଲା । ଏଥିପାଇଁ ପ୍ରକୃତ ଚାଷୀ ମଣ୍ଡିରେ ଧାନ ବିକ୍ରିରୁ ବଞ୍ଚିତ ହେବାକୁ ପଡୁଛି ବୋଲି ଖୋଦ୍ ସାଂସଦ ଇଂ.ବଳଭଦ୍ର ମାଝୀ, ବିଧାୟକ ଗୌରୀଶଙ୍କର ମାଝୀ, ଓ ମନ୍ତ୍ରୀଙ୍କ ପ୍ରତିନିଧି କାହ୍ନୁ ଦାସ ପ୍ରଶ୍ନ ଉଠାଇ ବୈଠକକୁ ବର୍ଜନ କରିଥିଲେ । ଜିଲ୍ଲାରେ ଧାନ କିଣୁଥିବା ଏସଏଚ୍‌ଜିର ଯାଞ୍ଚ ସମ୍ପୃକ୍ତ ଅଞ୍ଚଳର ବିଡିଓ ଓ ତହସିଲଦାରଙ୍କୁ କରିବାକୁ ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁ ନିର୍ଦ୍ଦେଶ ପରେ ଯାଞ୍ଚ ପ୍ରକ୍ରିୟା ହୋଇଥିଲା । ଏଥିରେ ନବରଙ୍ଗପୁର ଜିଲ୍ଲାର ୭ଟି ଏସଏଚ୍‌ଜି ଗୃପ ଚିହ୍ନଟ ହୋଇଥିବା କହିଛନ୍ତି ଜିଲ୍ଲା ଯୋଗାଣ ଅଧିକାରୀ ଦେବାଶିଷ ମହାନ୍ତି ।

ଏହି ରିପୋର୍ଟକୁ ଜିଲ୍ଲାପାଳଙ୍କ ନିକଟରେ ଦାଖଲ କରିବେ । ତା ପରେ ଉକ୍ତ ଅଂଚଳର ଲ୍ୟାମ୍ପସ୍ ଜରିଆରେ ଧାନ କିଣାଯିବ ବୋଲି କହିଛନ୍ତି ଜିଲ୍ଲା ଯୋଗାଣ ଅଧିକାରୀ । ଲୋକ ପ୍ରତିନିଧିଙ୍କ ଦାବିରେ ସତ୍ୟତା ପ୍ରମାଣିତ ହୋଇଥିବା ବେଳେ ସଠିକ ଭାବେ ଯାଂଚ ହେଲେ ଆଉ କିଛି ଏସଏଚ୍‌ଜି ବି କଟିବେ ବୋଲି କିଛି ଏସଏଚ୍‌ଜିର କର୍ମକର୍ତ୍ତା ଓ ମନ୍ତ୍ରୀଙ୍କ ପ୍ରତିନିଧି ଶ୍ରୀ ଦାସ କହିଛନ୍ତି । ଆଉ ୧୨ ଦିନ ପରେ ଜିଲ୍ଲାରେ ଖରିଫ ଧାନମଣ୍ଡି । ତା' ପୂର୍ବରୁ ସାଟେଲାଇଟ୍ ସର୍ଭେରେ ୩୭ ହଜାର ୯୯୮ ସନ୍ଦେହଜନକ ପ୍ଲଟ୍ ଧରାପଡିଛି । ଧାନ ନକରି ପ୍ଲଟ ପଞ୍ଜୀକରଣ କରାଯାଇଥିବା ସର୍ଭେ ତଥ୍ୟରେ ଉଲ୍ଲେଖ ରହିଛି ।

ସର୍ଭେ ରିପୋର୍ଟରେ ଏସଏଚ୍‌ଜି ପକ୍ଷରୁ କରାଯାଇଥିବା ପ୍ଲଟ ପଞ୍ଜୀକରଣ ଅଧିକ । ଜିଲ୍ଲାର ୧୩ଟି ଲ୍ୟାସରେ ୧୫ ହଜାର ୧୩୬ ପ୍ଲଟ ସନ୍ଦେହଜନକ ରହିଛି । ସେହିପରି ୪୪ଟି ଏସିଏଚ୍‌ଜିରେ ୨୧ ହଜାର ୨୧୬ ପ୍ଲଟ୍ ସନ୍ଦେହଜନକ ରହିଛି । ୨ଟି ପାଣିପଞ୍ଚାୟତରେ ୧୬୪୬ ପ୍ଲଟ ସନ୍ଦେହଜନକ ରହିଛି । ନବରଂଗପୁର ଜିଲ୍ଲାର ଚନ୍ଦାହାଣ୍ଡି ବ୍ଲକରେ ସର୍ବାଧିକ ୩୬୮୬ ସନ୍ଦେହଜନ ପ୍ଲଟ ରହିଛି । ସେଭଳି ନବରଙ୍ଗପୁର ଲ୍ୟାମ୍ପସରେ ୧୫୯୨ ପ୍ଲଟ୍, ନନ୍ଦାହାଣ୍ଡି ଲ୍ୟାମ୍ପସରେ ୮୨୬ ପ୍ଲଟ୍, ତେନ୍ତୁଳିଖୁଣ୍ଟି ଲ୍ୟାମ୍ପରେ ୫୫୪, ଅଞ୍ଚଳଗୁ ସ୍ମା ଲ୍ୟାମ୍ପସରେ ୯୨୨, ପାପଡାହାଣ୍ଡି ଲ୍ୟାମ୍ପସରେ ୯୪୦, ମୈଦଲପୁର ଲ୍ୟାମ୍ ସରେ ୭୩୬, କୋଡିଙ୍ଗା ଲ୍ୟାମ୍ପସରେ ୧୦୩୭, କୋଷାଗୁମୁଡା ଲ୍ୟାମ୍ପସରେ ୭୫୭, ଡାବୁଗାଁ ଲ୍ୟାମ୍ପସରେ ୪୬୬, ଉମରକୋଟ ଲ୍ୟାମ୍ ସରେ ୧୫୭୭, ଝରିଗାଁ ଗ୍ୟାସରେ ୮୮୩ ଓ ରାଇଘର ଲ୍ୟାମ୍ପସରେ ୧୧୬୦ ପ୍ଲଟ୍ ସନ୍ଦେହଜନକ ରହିଛି ।

ଅନ୍ୟପକ୍ଷେ ୪୪ଟି ଏସଏଚ୍‌ଜିରେ ପଞ୍ଜୀକୃତ ହୋଇଥିବା ଚାଷୀଙ୍କ ୨୧ ହଜାର ୨୧୬ ପ୍ଲଟ୍ ଓ ୨ଟି ପାଣିପଞ୍ଚାୟତରେ ୧୬୪୬ ପ୍ଲଟ୍ ସନ୍ଦେହଜନକ ଥିବା ସର୍ଭେରୁ ଜଣାପଡିଛି । କ୍ଷେତ୍ର କର୍ମଚାରୀଙ୍କ ସାଟେଲାଇଟ୍ ସର୍ଭେ ତଥ୍ୟ ନେଇ ପୁଣିଥରେ ଯାଞ୍ଚ କଲେ ଅନେକ ତ୍ରୁଟି ଥିବା ଜଣାପଡୁଛି । କିନ୍ତୁ ଗତବର୍ଷ ମାତ୍ର ୧୩ ହଜାର ୩୧୦ ପ୍ଲଟ୍ ସନ୍ଦେହଜନକ ଥିବା ବେଳେ ଚଳିତବର୍ଷ ୩୭ ହଜାର ୯୯୮ ଏଭଳି ପ୍ଲଟ୍ ରହିଛି । ଗତବର୍ଷ ତୁଳନାରେ ଚଳିତବର୍ଷ ଅଧିକ ୨୪ ହଜାର ୬୮୮ ପ୍ଲଟକୁ ସନ୍ଦେହ କରିଛି ସାଟେଲାଇଟ୍ । ଅବଶ୍ୟ ଗତବର୍ଷ ୪୨ ହଜାର ୮୧୦ ଚାଷୀ ପଞ୍ଜୀକରଣ କରିଥିଲେଛ । ଚଳିତବର୍ଷ ୫୦ ହଜାର ୯୧୯ ଚାଷୀ ପଞ୍ଜୀକରଣ କରିଛନ୍ତି । ଚଳିତବର୍ଷ ୧୩ଟି ଲ୍ୟାମ୍ପସରେ ୨୨ ହଜାର ୯୭୨ ଚାଷୀ ପଞ୍ଜୀକରଣ କରିଥିବା ବେଳେ ୪୪ଟି ଏସଏଚ୍‌ଜିରେ ଲ୍ୟାମ୍ପସ୍ ଠାରୁ ଅଧିକ ୧୮ ହଜାର ୨୮୨ ଚାଷୀ ପଞ୍ଜୀକରଣ କରିଛନ୍ତି । ୧୭୦ କର୍ମଚାରୀଙ୍କୁ ନିୟୋଜନ କରି ପୁଣି କ୍ଷେତ୍ର ଯାଞ୍ଚ ଚାଲିଛି । ଏଯାଏଁ ୪ହଜାର ପ୍ଲଟର ସର୍ଭେ ସରିଲାଣି । ମଣ୍ଡି ଆରମ୍ଭ ହେବା ପୂର୍ବରୁ ପ୍ରକ୍ରିୟା ଶେଷ କରିବାକୁ ଉଦ୍ୟମ କରାଯିବ ବୋଲି ଏଆରସିଏସ ଶିବଶଙ୍କର ପ୍ରଧାନ କହିଛନ୍ତି ।



## ଆଲିଆଙ୍କ ଗୃହ ପ୍ରବେଶ

### ସିନେମାଫିନେମା ଟିଭିଫିବି

**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

ବଲିଉଡ୍‌ର ମୋଷ୍ଟ ଆଡରେବଲ କପଲ ଆଲିଆ ଭଟ୍ଟ ଏବଂ ରଣବୀର କପୁର । ଗତ ମାସରେ ମୁମ୍ବାଇର ପାଲି ହିଲ୍‌ରେ ଥିବା ସେମାନଙ୍କର ବିଳାସପୂର୍ଣ୍ଣ ୬ ମହଲା ବିଶିଷ୍ଟ ଘରର କିଛି କାମ ବାକି ଥିଲା । ଏବେ ତାହା ସମ୍ପୂର୍ଣ୍ଣ ହୋଇଛି ଏବଂ ସେମାନେ ତାଙ୍କର ସୁନ୍ଦର ଘରକୁ ଶିଫ୍ଟ ହେବା ସହ ଏକ ନୂତନ ଅଧ୍ୟାୟ ଆରମ୍ଭ କରିଛନ୍ତି । ଶାଶୂ ନୀତୁ କପୁର, ଝିଅ ରାହା ଏବଂ ସ୍ୱାମୀଙ୍କ ସହ ଗୃହ ପ୍ରବେଶ କରିଛନ୍ତି ଆଲିଆ । ଏଥିସହ କପୁର ପରିବାର ଏହି ନୂତନ ଘରେ ରାହାଙ୍କ ତୃତୀୟ ଜନ୍ମଦିନ ପାଳନ କରିଥିଲେ । ହେଲେ ଆଲିଆ ପ୍ରଥମେ ଏହି ଉତ୍ସବକୁ ବ୍ୟକ୍ତିଗତ ରଖିଥିଲେ, କିନ୍ତୁ ଏବେ ସେ ତାଙ୍କ ହାଉସୱାର୍ମିଂ ସମାରୋହ ଏବଂ ରାହାଙ୍କ ଜନ୍ମଦିନ ସେଲିବ୍ରେସନ ଫଟୋ ସେୟାର କରିଛନ୍ତି ।

ଶୁକ୍ରବାର, ଆଲିଆ ଭଟ୍ଟ ତାଙ୍କ ଇନଷ୍ଟାଗ୍ରାମରେ ନଭେମ୍ବର ୨୦୨୫ର କିଛି ବିଶେଷ ସ୍ମୃତିକୁ ସେୟାର କରିଛନ୍ତି । ଯାହା ବହୁତ ହୃଦୟସ୍ପର୍ଶୀ ଥିଲା । ପୋଷ୍ଟ ସେୟାର କରି ସେ ଲେଖିଛନ୍ତି, 'ନଭେମ୍ବର ୨୦୨୫, ତୁମେ ଦେଢ଼ ମାସ ପରି ଥିଲା ।' ଆଲିଆ ଭଟ୍ଟ ଏବଂ ତାଙ୍କ ଝିଅ ରାହାଙ୍କ ସହିତ ଫଟୋ ଆରମ୍ଭ ହୁଏ । ଯେଉଁଥିରେ ପିଙ୍କ ରଙ୍ଗର ଆଉଟଫିଟ ପିନ୍ଧିଛନ୍ତି । ପରବର୍ତ୍ତୀ ସ୍ଲାଇଡରେ ହୋମ୍‌ୱାର୍ମିଂ ଉତ୍ସବର ସୁନ୍ଦର ଫଟୋ ରହିଛି, ଯେଉଁଥିରେ ଆଲିଆ ଏବଂ ରଣବୀର ପ୍ରବେଶ ଦ୍ୱାରରେ ଏକ କଳଶ ସହ ସେମାନଙ୍କର ନୂତନ ଘରକୁ ପ୍ରବେଶ କରୁଥିବାର ଦେଖାଯାଉଛି । ଆଲିଆ ଗୋଲ୍ଡେନ ଶାଢ଼ିରେ ନଜର ଆସିଥିବା ବେଳେ ରଣବୀର ହ୍ୱାଇଟ କୁର୍ତ୍ତା ପାଇଜାମା ପିନ୍ଧିଥିବାର ଦେଖିବାକୁ ମିଳିଛି ।



ଏହା ପରେ ରାହାଙ୍କ ଜନ୍ମଦିନର ଏକ ଫଟୋ ଆସିଛି, ଯେଉଁଥିରେ ଆଲିଆ ତାଙ୍କ ବନ୍ଧୁମାନଙ୍କ ସହ ଦେଖାଯାଉଛି । ଅନ୍ୟ ଏକ ଫଟୋରେ ଆଲିଆ ତାଙ୍କ ମାଆ ସୋନି ରାଜଦାନଙ୍କ ସହିତ ପୋଜ୍ ଦେଉଛନ୍ତି । ଆଉ ଏକ ହୃଦୟସ୍ପର୍ଶୀ ଫଟୋରେ ନୀତୁ ଆଲିଆଙ୍କୁ ଆଲିଙ୍ଗନ କରୁଥିବା ସହ ଅନ୍ୟ ଫଟୋରେ ଦମ୍ପତି ଏକାଠି ପୂଜାର୍ଚ୍ଚନା କରୁଛନ୍ତି ଆଲିଆ ହାତ ଯୋଡିଥିବା ବେଳେ ଏବଂ ରଣବୀର ତାଙ୍କ ପିତାଙ୍କ ଫଟୋ ଆଗରେ ସମ୍ମାନର ସହିତ ପ୍ରଣାମ କରୁଥିବା ମଧ୍ୟ ଦେଖାଯାଉଛି ।

ଆଲିଆ ଭଟ୍ଟଙ୍କ ୱାର୍କପ୍ରଣ୍ଟ ବିଷୟରେ କହିବାକୁ ଗଲେ, ଆଲିଆଙ୍କ ପାଖରେ କିଛି ବଡ଼ ଫିଲ୍ମ ପ୍ରୋଜେକ୍ଟ ଅଛି, ଯାହା ମଧ୍ୟରୁ ଗୋଟିଏ ହେଉଛି ଆଲଫା, ଏକ ଆକ୍ସନ୍-ପ୍ୟାକଡ ଥ୍ରୀଲର । ସେ ଏହି ଫିଲ୍ମରେ ଏକ ବୋଲ୍ଡ ଏବଂ ଆକ୍ସନ ଭୂମିକାରେ ଅଭିନୟ କରୁଛନ୍ତି ଏବଂ ଏହା ପୂର୍ବରୁ ପ୍ରଶଂସକମାନଙ୍କ ମଧ୍ୟରେ ବହୁତ ଚର୍ଚ୍ଚା ସୃଷ୍ଟି କରୁଛି । ସେ ସଞ୍ଜୟ ଲୀଳା ଭଂସାଲିଙ୍କ ଲଭ୍ ଆଣ୍ଡ୍ ୱାରରେ ରଣବୀର କପୁର ଏବଂ ଭିକି କୌଶଲଙ୍କ ସହିତ ମଧ୍ୟ ନଜର ଆସିବେ ।

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର । ୭ ଡିସେମ୍ବର ୨୦୨୫ । ରବିବାର

ଓଡ଼ିଶା

# ସୋଲାର ଲାଇଟ ଅଚଳ, ଯାତାୟାତ ଠପ୍

**କନ୍ଧମାଳ, ୬।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**



ଓଡିଶାର କାଶ୍ମୀର କୁହାଯାଉଥିବା ଦାରିଙ୍ଗବାଡିରେ ସନ୍ଧ୍ୟା ହେଲେ ରାସ୍ତାଘାଟ ଅନ୍ଧାର ହୋଇପଡୁଛି । ପଞ୍ଚାୟତ ଏବଂ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଷ୍ଟ୍ରିଟ ଆଲୁଅର ବ୍ୟବସ୍ଥା କରାଯାଇଥିଲେ ସୁଦ୍ଧା ରକ୍ଷଣାବେକ୍ଷଣ କରା ନ ଯିବା ହେତୁ ବହୁ ଷ୍ଟ୍ରିଟ ଲାଇଟ ଅଚଳ ହୋଇପଡିଛି । ଫଳରେ ଦାରିଙ୍ଗବାଡି ଅଞ୍ଚଳର ଶତାଧିକ ଲୋକ ଏବଂ ପର୍ଯ୍ୟଟକ ସନ୍ଧ୍ୟା ହେଲେ ବଜାରରେ ବୁଲିବାକୁ ସୁରକ୍ଷିତ ଭାବୁନାହାନ୍ତି । ପର୍ଯ୍ୟଟକ ଦାରିଙ୍ଗବାଡିରେ ଷ୍ଟ୍ରିଟ ଫୁଡ ଖାଇବା ଓ ବଜାର ବୁଲିବା ସମୟରେ ଅନ୍ଧାର ଯୋଗୁ ମଜା ନେଇପାରୁନାହାନ୍ତି । ସନ୍ଧ୍ୟା ସମୟରେ ହିଁ ଷ୍ଟ୍ରିଟ ଫୁଡ ଦୋକାନଗୁଡିକ ଖୋଲୁଥିବାରୁ ଷ୍ଟ୍ରିଟ ଆଲୁଅ ନ ଥିବାରୁ ସେମାନଙ୍କ ବ୍ୟବସାୟ ହେଉ ନ ଥିବା ଅଭିଯୋଗ ହେଉଛି ।

ପ୍ରକାଶ ଯେ ୫୯ ନଂ ଜାତୀୟ ରାଜପଥ ବିଭାଗ ପକ୍ଷରୁ ବାଲିଗୁଡାଠାରୁ ଦାରିଙ୍ଗବାଡି ପର୍ଯ୍ୟନ୍ତ ଜାତୀୟ ରାଜପଥର ସମ୍ପ୍ରସାରଣ ସମୟରେ ସୋଲାର ପାନେଲ ଥାଇ ଷ୍ଟ୍ରିଟ ଲାଇଟ ବ୍ୟବସ୍ଥା କରାଯାଇଥିଲା । ପ୍ରତି ୩୦ ମିଟର ଦୂରତା ଓ ରାଜପଥ କଡ଼ରେ ରହିଥିବା ଗ୍ରାମ ଭିତରେ ଏହି ଆଲୁଅ ବ୍ୟବସ୍ଥା କରାଯାଇଥିଲା ୩ ଶହରୁ ଉର୍ଦ୍ଧ୍ୱ ଷ୍ଟ୍ରିଟ ଲାଇଟରୁ ସୋଲାର ପାନେଲ ସହ ବେଟେରୀ ଆଦି ଚୋରି ହୋଇ ଏବେ ଅଚଳ ଅବସ୍ଥାରେ ରହିଛି । ଏହି ଆଲୁଅ ବ୍ୟବସ୍ଥା ସହ ରାସ୍ତାର ରକ୍ଷଣାବେକ୍ଷଣ ଅତି କମରେ ୫ ବର୍ଷ ପର୍ଯ୍ୟନ୍ତ ସମ୍ପୃକ୍ତି ଠିକା ସଂସ୍ଥା କରିବା ନିୟମ ରହିଥିଲେ ମଧ୍ୟ ଉକ୍ତ ଠିକା ସଂସ୍ଥା ଜିଲାପ୍ରଶାସନ, ସ୍ଥାନୀୟ ପ୍ରଶାସନ କିମ୍ବା ସାଧରଣ ଲୋକଙ୍କ କଥାକୁ ଭ୍ରୂକ୍ଷେପ କରୁ ନ ଥିବା ଅଭିଯୋଗ ହେଉଛି । ଶୀଘ୍ର ଆଲୁଅ ବ୍ୟବସ୍ଥା କରା ନ ଗଲେ ଆସନ୍ତା ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି । ଏନେଇ ବିଡ଼ିଓ ପ୍ରୀତିରଞ୍ଜନ ରଥଙ୍କ ସହ ଯୋଗାଯୋଗ କରାଯିବାରୁ ସେ ଏନେଇ ସମ୍ପୃକ୍ତ ଠିକା ସଂସ୍ଥାକୁ ତାଗିଦ୍ କରାଯାଇଛି । ଶୀଘ୍ର ନ କଲେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ପ୍ରଶାସନକୁ ଅବଗତ କରାଯିବ ବୋଲି ସେ କହିଛନ୍ତି । ସୂଚନା ଯୋଗ୍ୟ ଯେ ଜାତୀୟ ରାଜପଥର ଉକ୍ତ ବ୍ଲକ ପାଟାଙ୍ଗି, କିରିକୁଟି, ଆଦିବାସୀ, ସିମନବାଡି, ଡାବୁଲୁମାହା, ସୁଲୁମାହା, ଶ୍ରାନିକେତା, ଦାରିଙ୍ଗବାଡି, ପଞ୍ଚୁପାଲି, ଡବେରୀ ଅଞ୍ଚଳର ସମସ୍ତ ଷ୍ଟ୍ରିଟ ଆଲୁଅ ଅଚଳବସ୍ଥାରେ ଅଛି ।

## ଆଜିର ରାଶିଫଳ

| ତାରିଖ | ରବିବାର–ତୃତୀୟା |
|---|---|
| ୭.୧୨.୨୦୨୫ | ନକ୍ଷତ୍ର– ଆର୍ଦ୍ରା, ମିଥୁନଚନ୍ଦ୍ର |

**ମେଷ** : ବକେୟା ପଡ଼ିଥିବା ଅର୍ଥ ମିଳିବ ।
**ବୃଷ** : ବ୍ୟବସାୟରେ କ୍ଷତିଗ୍ରସ୍ତ ହେବେ ।
**ମିଥୁନ** : ଦିନଟି ସୌଖ୍ୟପ୍ରଦ ରହିବ ।
**କର୍କଟ** : ଆର୍ଥିକହାନି ହେବ ।
**ସିଂହ** : କର୍ମକ୍ଷେତ୍ରରେ ପଦୋନ୍ନତି ପାଇବେ ।
**କନ୍ୟା** : ସୁସମାଚାର ପ୍ରାପ୍ତ ହେବେ ।
**ତୁଳା** : କାର୍ଯ୍ୟ ସଫଳ ହେବ ।
**ବିଛା** : ମନସ୍ତାପ କରିବେ ।
**ଧନୁ** : ହସଖୁସିରେ ଦିନଟି କଟିବ ।
**ମକର** : ବନ୍ଧୁ ମିଳନ ହେବ ।
**କୁମ୍ଭ** : ପଡ଼ୋଶୀଙ୍କ ସହ ମନାନ୍ତର ହେବ ।
**ମୀନ** : ଅପମାନ ଯୋଗ ରହିଛି ।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଢେଙ୍କାନାଳ, ୬।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଶୋଇବା ଘରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି ମହିଳାଙ୍କ ମୃତଦେହ । ଫ୍ୟାନରେ ପିନ୍ଧା ଲୁଗାକୁ ବେକରେ ଲାଗି ଝୁଲୁଥିବା ଅବସ୍ଥାରେ ମୃତଦେହକୁ ସଦର ଥାନା ପୁଲିସ ଉଦ୍ଧାର କରିଛି । ମୃତଦେହ ନିକଟରୁ ଜବତ ହୋଇଛି ମହିଳାଙ୍କ ସୁଇସାଇଡ ନୋଟ୍ । ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଚାଉଳିଆ ଗ୍ରାମରେ ଘଟିଛି ଏପରି ଅଭାବନୀୟ ଘଟଣା । ମୃତ ମହିଳା ଜଣଙ୍କ ଚାଉଳିଆ ଗ୍ରାମର କୁନା ବେହେରାଙ୍କ ପତ୍ନୀ କବିତା ମାହୁନ୍ତ (୨୫) ବୋଲି ଜଣାପଡିଛି । ମୃତ୍ୟୁର ସଠିକ କାରଣ ଜଣା ପଡିନଥିଲେ ମଧ୍ୟ ଜବତ ହୋଇଥିବା ମୃତା ମହିଳା ଏକ ସୁଇସାଇଡ଼ ନୋଟରେ ମୋ ମୃତ୍ୟୁ ପାଇଁ ଟୁକୁ ଦାୟୀ ବୋଲି ଲେଖାଯାଇଛି ।

ମୃତା ମହିଳା ଜଣେ ଦୁଷ୍କର୍ମ ପୀଡିତା ବୋଲି ତାଙ୍କ ସ୍ୱାମୀ କହିଛନ୍ତି । ଦୁଷ୍କର୍ମ ପରେ ଅଭିଯୁକ୍ତ ନାନା ଧମକ ଚମକ ଦେଉଥିଲେ । ତେବେ ଦୁଷ୍କର୍ମ ଅଭିଯୋଗର ୫ଦିନ ପରେ ମଧ୍ୟ ପୁଲିସ ଅଭିଯୁକ୍ତକୁ ଗିରଫ କରିନାହିଁ । ଏପଟେ ଭୟ ଓ ଲୋକଲଜ୍ୟା ସହି ନପାରି ଆତ୍ମହତ୍ୟା କରିଥିବା ତାଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି । ଗତ ୩୦ତାରିଖ ରାତିରେ ବାଡ଼ିପଟକୁ କବିତା ପରିଶ୍ରା ଯାଇଥିବା ବେଳେ ତାଙ୍କ ଗ୍ରାମର ଟୁକୁ ଦାସ ନାମକ ଯୁବକ ତାଙ୍କୁ ଦୁଷ୍କର୍ମ କରିଥିବା ସମ୍ପର୍କରେ ସଦର ଥାନାରେ ଅଭିଯୋଗ ହୋଇଥିଲା ବୋଲି ଜଣାପଡିଛି । ଅଭିଯୋଗ ପରେ ମାମଲା ରୁଜୁକରି ପୁଲିସ ତଦନ୍ତ କରୁଛି । ମହିଳାଙ୍କ ଡାକ୍ତରୀ ମାଇନା କରାଯାଇ ତଦନ୍ତ ଜାରି ରହିଛି । ମାତ୍ର ଅଭିଯୁକ୍ତ ଟୁକୁ ଦାସ ଫେରାର ରହିଛି। ଅପରପକ୍ଷରେ ପୁଲିସ ପ୍ରାଥମିକ ତଦନ୍ତରୁ ଅଭିଯୁକ୍ତ ଓ କବିତାଙ୍କ ସ୍ୱାମୀ ଦୁହେଁ ମିଶି ସେଟରିଂ କାମ କରନ୍ତି । ଅଭିଯୁକ୍ତ ଟୁକୁ ଦାସ କୁନା ବେହେରାଙ୍କ ଘରକୁ ସବୁବେଳେ ଯିବା ଆସିବା କରନ୍ତି । ତେବେ ଖୁବଶୀଘ୍ର ମୃତ୍ୟୁ ଘଟଣାର ସତ୍ୟ ଜଣାପଡିବ ଓ ଅଭିଯୁକ୍ତ ଗିରଫ ହେବ ବୋଲି ଢେଙ୍କାନାଳ ଏସପି ପ୍ରକାଶ କରିଛନ୍ତି ।

# କଣ୍ଟାପଡାରେ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣରେ କେଳେଙ୍କାରୀ

**ନିଆଳି, ୬।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**




କଣ୍ଟାପଡା ବ୍ଲକ୍ ୧୪ଟି ଗ୍ରାମପଞ୍ଚାୟତରେ କିଭଳି ଚାଲିଛି ସ୍ୱାସ୍ଥ୍ୟବସ୍ଥା ରୋଗୀଙ୍କ ସହିତ ଖେଳୁଛନ୍ତି ଖେଳ, କେଉଁଠି ରୋଗୀ ଉପସ୍ୱାସ୍ଥ୍ୟ କେନ୍ଦ୍ର ଥାଇ ୧୫ କିଲୋମିଟର ଦୂର ଆଡ଼ସପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ମଇଧରପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଛନ୍ତି । କଣ୍ଟାପଡା ବ୍ଲକରେ ୧୫ଟି ଆୟୁଷ୍ମାନ ଉପାସ୍ୱାସ୍ଥ୍ୟକେନ୍ଦ୍ର ରହିଥିବାବେଳେ ସେଥିମଧ୍ୟରୁ ୧୨ଟି ନୂତନ ଆୟୁଷ୍ମାନ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମାଣ କରିବା ପାଇଁ କଣ୍ଟାପଡା ବ୍ଲକ୍‌ରେ ପର୍ଯ୍ୟାୟ କ୍ରମେ ଟେଣ୍ଡର କରାଯାଇଥିଲା, ଏହି ଟେଣ୍ଡର ଗୁଡିକର ନିର୍ମାଣ ଶେଷ କରିବାର ସମୟ ସୀମା ସରିଯାଇଥିଲେ ମଧ୍ୟ ଗୃହଗୁଡିକ କାମ ସରିନାହିଁ । ଏ ନେଇ କଣ୍ଟାପଡା ବିଡ଼ିଓଙ୍କୁ ପଚାରିବାରୁ ୧୨ଟି ନୂତନ ଗୃହ ମଧ୍ୟରୁ ୮ଟି ଗୃହ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରାଯାଇଛି ଓ ୪ଟି ଗୃହ ନିର୍ମାଣ କାର୍ଯ୍ୟ ଚାଲିଛି ବୋଲି କହିଛନ୍ତି । ଏ ନେଇ ଅଡସପୁର ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି ଆମକୁ ବ୍ଲକ୍ ପ୍ରଶାସନ ଘର ହସ୍ତାନ୍ତର କରିନାହିଁ । ଏଠାରେ ପ୍ରଶ୍ନ ଉଠୁଛି ଉଭୟ ବିଭାଗ ମଧ୍ୟରୁ କିଏ ସତ କହୁଛି । ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି କଣ୍ଟାପଡା ବ୍ଲକ୍ ଗୋବିନ୍ଦପୁର ପଞ୍ଚାୟତ ତରଡପଡା ଗ୍ରାମ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପସ୍ୱାସ୍ଥ୍ୟକେନ୍ଦ୍ରରେ, ଏଠାରେ ନୂତନ ଗୃହକାମ ଛଅ ମାସ ହେବ ସରିଥିବାରୁ ଠିକାଦାର ବ୍ଲକ୍ ପ୍ରଶାସନକୁ ହସ୍ତାନ୍ତର କରିଦେଇଛନ୍ତିଛ ହେଲେ ଏପର୍ଯ୍ୟନ୍ତ ନୂତନ ଗୃହକାଯ୍ୟକାରୀ ହୋଇ ନଥିବାରୁ ତରଡପଡ଼ା ସରକାରୀ ସ୍କୁଲର ପ୍ରଥମ ମହଲାରେ ଉପକେନ୍ଦ୍ର ଖୋଲାଯାଇ ରୋଗୀମାନଙ୍କୁ ଚିକିତ୍ସା କରାଯାଉଛିଛ ଏହି ଉପକେନ୍ଦ୍ରର ଦାୟିତ୍ୱରେ ଥିବା ସିଏଚଓ ଅରୁଣା ବେହେରା କହିଛନ୍ତି ନୂତନ ଗୃହ ଦିଆଯାଇନଥିବାରୁ ଆମକୁ ସରପଞ୍ଚ ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଏଠାରେ ଉପକେନ୍ଦ୍ର ଖୋଲିବାକୁ କହିଛନ୍ତି । ଉକ୍ତ କେନ୍ଦ୍ରଟି ପ୍ରଥମ ମହଲାରେ ହୋଇଥିବାରୁ ୭୦ଓ ୮୦ବର୍ଷର ବୃଦ୍ଧ ଓ ବୃଦ୍ଧା ରୋଗୀମାନେ ସିଡିରେ ଉପରକୁ ଯାଇ ଚିକିତ୍ସା ହେବାରେ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ପୂର୍ବ ସରକାରରେ ଛଅ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ କରାଯାଇ ଉପସ୍ୱାସ୍ଥ୍ୟକେନ୍ଦ୍ରଗୁଡିକ ହୋଇଥିଲେ ମଧ୍ୟ ସେଗୁଡିକ କାମରେ ଆସୁନାହିଁ, ଏଥିପ୍ରତି ଜିଲ୍ଲା ପ୍ରଶାସନ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।



## ସ୍ୱାସ୍ଥ୍ୟକେନ୍ଦ୍ର ଛାତ ଭୁଶୁଡି ୪ ଗୁରୁତର

**ଖୋର୍ଦ୍ଧା, ୬।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଛାତ ଭୁଶୁଡ଼ି ୪ ଜଣ ଶ୍ରମିକ ଗୁରୁତର ଭାବେ ଆହତ ହୋଇଛନ୍ତି । ପ୍ରକାଶ ଥାଉକି ଗଣିଆ ବ୍ଲକଟି ଏକ ଅନୁନ୍ନତ ଅଞ୍ଚଳ ହେତୁ ଏଠରେ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ବହୁ ସମସ୍ୟା ଦେଖା ଦେଉଥିଲା । ବିଶେଷ କରି ଶିଶୁ ଓ ମହିଳାମାନେ ବିଶେଷ ଭାବେ ଅସୁବିଧାର ସମ୍ମୁଖୀନ ହେଉଥିଲେ । ରାଜ୍ୟ ସରକାର ଏଥିପାଇଁ ତିରିଶ ଶଯ୍ୟା ଡାକ୍ତର ଖାନା ନିର୍ମାଣ ନିମନ୍ତେ ୨ କୋଟି ୨୦ ଲକ୍ଷ ଟଙ୍କା ମଂଜୁର କରିଥିଲେ । ମାତ୍ର ଶୁକ୍ରବାର ଦିନ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ମୁଖ ଭାଗ ଛାତ ପଡିସାରିବାର ଦୁଇଘଣ୍ଟା ପରେ ଛାତ ଭୁଶୁଡ଼ି ଥିଲା । ଯାହା ଫଳରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ମଧ୍ୟରୁ ଚାରିଜଣ ପଡ଼ି ଗୁରୁତର ଭାବେ ଆହତ ହୋଇଥିଲେ । କାର୍ଯ୍ୟରତ ଶ୍ରମିକମାନେ ହେଲେ କାଳିଆ ଜେନା (୩୫), କାଳିଆ ପ୍ରଧାନ (୨୦), ଦିଲ୍ଲୀପ ପ୍ରଧାନ (୨୫) ଓ ରାଜା ନାୟକ (୨୨) ଅଟନ୍ତି । ଗୁରୁତର ଆହତ ବ୍ୟକ୍ତିମାନଙ୍କୁ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତୁରନ୍ତ ପ୍ରାଥମିକ ଚିକିତ୍ସା କରାଯାଇଥିଲା । ପରେ କାଳିଆ ଜେନାଙ୍କୁ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ଏନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇ ଥିଲେ ମଧ୍ୟ କୌଣସି ଉତ୍ତର ମିଳିନଥିଲା । ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମନୋମୁଖୀ ଏବଂ ନିମ୍ନମାନର କାର୍ଯ୍ୟହେତୁ ଏଭଳି ଘଟଣା ଘଟିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଅଛି ।

## ଟ୍ରାକ୍ଟର ଧକ୍କାରେ ଛାତ୍ରୀ ମୃତ

**ଭଦ୍ରକ, ୬।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ବୟାବନାପୁର ହଳଦୀଗଡିଆ ଗ୍ରାମର ଛାତ୍ରୀ ଶ୍ରଦ୍ଧାଞ୍ଜଳି ପଣ୍ଡାଙ୍କ ମୃତ୍ୟୁ ଘଟଣାରେ ପୁଲିସ ୫୪୮/୨୫ନଂ ମାମଲା ରୁଜୁ କରିବା ସହ ଚାଳକ ରଜଣିତ ପଞ୍ଚାୟତ ଅନ୍ତର୍ଗତ ନିଳାଦ୍ରୀ ଗ୍ରାମର ନୀଳକଣ୍ଠ ଜେନାଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି । ମୃତକଙ୍କ ପିତା ଗୟାଧର ପଣ୍ଡାଙ୍କ ଅଭିଯୋଗ କ୍ରମେ ଥାନାରେ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ଜିଲ୍ଲାପାଳ ଦିଲ୍ଲିପ କୁମାର ରାଉତରାୟ ଗୁରୁବାର ରାତ୍ରରେ ତହସିଲରେ ପହଞ୍ଚି ଗୟାଧରଙ୍କୁ ୩୦ ହଜାର ଟଙ୍କାର ରେଡକ୍ରସ ସହାୟତା ଚେକ ପ୍ରଦାନ କରିଥିଲେ। ଗୁରୁବାର ରାତ୍ରରେ ଜିଲ୍ଲା ପୁଲିସ ଅଧିକ୍ଷକ ମନୋଜ କୁମାର ରାଉତ ରାଜପଥରେ ବେଆଇନ ବାଲିଗାଡି ଚଳାଚଳ ଉପରେ ନଜର ରଖି ଜବତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜପଥରୁ ପୁଲିସ ୪ଟି ବେଆଇନ ବାଲି ପରିବହନକାରୀ ହାଇଓ୍ୱା ଜବତ କରିଥିବା ଜଣାଯାଇଛି। ମୃତୁଛାତ୍ରୀଙ୍କ ନିମନ୍ତେ ଭଣ୍ଡାରିପୋଖରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୋକସଭା ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଅଧକ୍ଷ କୃପାସିନ୍ଧୁ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶୋକ ସଭାରେ ଅଧାପକ ଅନନ୍ତ କିଶୋର ମହାପାତ୍ର, ଭରତ ଚନ୍ଦ୍ର କରଣ, ଆନନ୍ଦ ଚନ୍ଦ୍ର ନାୟକ, ହରିହର ସାହୁ, ଶ୍ରାବଣୀ ଦାସ, ମମିତା ନାୟକ, ମଦନ ମୋହନ ପଣ୍ଡା, ଦିଲ୍ଲିପ ନାୟକ, ଉମାକାନ୍ତ ଖଣ୍ଡାଇ, ନୃସିଂହ ସ୍ୱାଇଁ, ସୁଧିର ଶେଣ୍ଠ, ଅଶୋକ ଜେନା, ରଞ୍ଜନ ନାୟକ, ଭୀମ ସ୍ୱାଇଁ, ପ୍ରଣବ ବେହେରା, ଗୀତାଞ୍ଜଳି ମହାନ୍ତି ଓ ଛାତ୍ରଛାତ୍ରୀମାନେ ଅମର ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରି ଶୋକ ବ୍ୟକ୍ତ କରିଥିଲେ ।

## ଘର ଭାଙ୍ଗିଲେ ହାତୀପଲ

**ଗଜପତି, ୬।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଗଜପତି ଜିଲା ଗୁମ୍ମାବ୍ଲକରେ ହାତୀଙ୍କ ଉପଦ୍ରବ ଲାଗି ରହିଛି । ଗତ ୪ ଦିନ ହେଲା ୪ ଟିକିଆ ହାତୀପଲ ଗୁମ୍ମା ବ୍ଲକର ଗାଁକୁ ଗାଁ ବୁଲୁଛନ୍ତି । ହେଲେ ଶନିବାର ବ୍ଲକର ଯାନୀଗୁଡ଼ା ଗ୍ରାମରେ ପଶି ଘର, ଗୁହାଳ ଭାଙ୍ଗିବା ସହ କଦଳିବାଡ଼ି ଭାଙ୍ଗି ନଷ୍ଟ କରିଛନ୍ତି । ଫଳରେ ସ୍ଥାନୀୟ ବାସିନ୍ଦା ଏବେ ଘର ଭିତରେ ଭୟରେ ରହୁଛନ୍ତି । ଗତ ୪ ଦିନ ହେଲା ଏହି ହାତୀପଲ ଦେବଗିରି ରେଞ୍ଜର ବିଭିନ୍ନ ଅଞ୍ଚଳ ବୁଲୁଛନ୍ତି । ଏହି ହାତୀଗୁଡ଼ିକ ଆନ୍ଧ୍ର ପଟୁ ଆସିଥିବା ବନ ବିଭାଗ ସୂଚନା ଦେଇଛି । ଏବେ ହାତୀଙ୍କ ଗତିପଥ ଉପରେ ବନ ବିଭାଗ ନଜର ରଖିଛି । ହାତୀଙ୍କ ସହ କୌଣସି ଦୁର୍ବ୍ୟବହାର ନ କରିବା ପାଇଁ ସ୍ଥାନୀୟ ଲୋକଙ୍କୁ ବନ ବିଭାଗ ତରଫରୁ ସଚେତନ କରାଯାଉଛି । ତେବେ ହାତୀମାନେ କରିଥିବା କ୍ଷୟକ୍ଷତି ଆକଳନ କରାଯାଇ ସ୍ଥାନୀୟ ଲୋକଙ୍କୁ କ୍ଷତିପୂରଣ ଦିଆଯିବ ବୋଲି ବିଭାଗ ତରଫରୁ ସୂଚନା ଦେଇଛନ୍ତି ଗଜପତି ଡିଏଫ୍ଓ କେ. ନାଗାରାଜୁ ।

## ଭୁଶୁଡ଼ିଲା ପୋଲ

**ଆନନ୍ଦପୁର, ୬।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ତରତରା କଣ୍ଟିପାଳ ମୁଖ୍ୟ ରାସ୍ତାର କୁକୁରିଆନାଳ ହୋଇଥିବା ପୋଲଟି ଭୁଶୁଡ଼ି ଯାଇଛି । ସୂଚନାରୁ ଜଣାପଡ଼ିଛି, ଏହି ପୋଲ ଉପରେ କଣ୍ଟିପାଳ, ତରତରା, କାଠକଟା, ଶାଳବଣି, ବାଉଁଶଗଡ଼ ସମେତ ପ୍ରାୟ ୫ଟି ପଞ୍ଚାୟତର ଲୋକମାନେ ନିର୍ଭରର କରିଥାନ୍ତି । ମୁଖ୍ୟ ରାସ୍ତାର ଏହି ସେତୁ ବର୍ଷା ପ୍ରଭାବରେ ୩ ମାସ ତଳେ ଏହା ଦବିଯାଇଥିଲା । ଏହାକୁ ନେଇ ସ୍ଥାନୀୟ ଲୋକେ ସରପଞ୍ଚଙ୍କୁ ଜଣାଇବା ସହ ଗଣମାଧମରେ ପ୍ରକାଶ ପାଇଥିଲା । ଏହି ପୋଲଟି ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିବାରୁ ସ୍ଥାନୀୟ ଲୋକେ ବଡ଼ବଡ଼ ଗାଡ଼ି ଛାଡ଼ିବାକୁ ବାରଣ କରିଥାନ୍ତି । ହେଲେ ଶନିବାର ସକାଳୁ ଏକ ବୋରୱେଲ୍ ଗାଡ଼ି ପାର୍ ହେଉ ହେଉ ସଙ୍ଗେ ସଙ୍ଗେ ପୋଲଟି ଭାଙ୍ଗିଯାଇଥିଲା । ଯାହା ଫଳରେ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଲୋକେ ।

# କାନ୍ଦିରୀଙ୍କ ପାଇଁ ସରକାରୀ ସହାୟତା ଅପହଞ୍ଚ

**ଢେଙ୍କାନାଳ, ୬।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**



ଲୋକଙ୍କର ସରକାର କହି ନେତା ମନ୍ତ୍ରୀ ଡିଣ୍ଡିମ ପିଟୁଥିବାବେଳେ ବାସ୍ତବରେ କିନ୍ତୁ ଲୋକଙ୍କ ପାଖରେ ସରକାର ପହଞ୍ଚି ପାରୁନାହିଁ, କି ଲୋକଙ୍କ ସମସ୍ୟାର ସମାଧାନ କରିପାରୁନାହିଁ । ଏହାର ଜ୍ୱଳନ୍ତ ଉଦାହରଣ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନ୍ଏସି ୧୧ ନଂ ୱାର୍ଡ୍ ଜନାର୍ଦ୍ଦନପୁର ଗ୍ରାମରେ ଦେଖିବାକୁ ମିଳିଛି । ଜନାର୍ଦ୍ଦନପୁର ଗ୍ରାମର ଅସହାୟ ମହିଳା କାନ୍ଦିରୀ ଦେଇ(୮୦) କେବଳ ଖାଦ୍ୟ ସୁରକ୍ଷା ଯୋଜନାରେ ୫ କିଲୋ ଚାଉଳ ପାଉଥିବାବେଳେ ଭତ୍ତା ପାଉଛନ୍ତି ମାତ୍ର ଏକ ହଜାର ଟଙ୍କା। ବୟସ ତାଙ୍କର ୮୦ ଅତିକ୍ରମ କରିଯାଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ସେ ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି । ସବୁଠାରୁ ବଡ ଦୁଃଖର କଥାକି ମୁଣ୍ଡ ଗୁଞ୍ଜିବାକୁ ତାଙ୍କର ଘରଟିଏ ନାହିଁ । ପରଘରେ ସେ କାମକଲେ ତ ଖାଇବାକୁ ଗଣ୍ଡେ ମିଳେ, ନଚେତ୍ ଓପାସ ରହିବାକୁ ପଡ଼ିଥାଏ । ମୁଣ୍ଡ ଗୁଞ୍ଜିବାକୁ ଘରଟିଏ ନଥିବାରୁ ୟା ତା ଘର ବାରଣ୍ଡାରେ ତା'ର ଜୀବନ କାଟୁଛି । ବର୍ଦ୍ଧିତ ଭତ୍ତା ଓ ଘରଟିଏ ପାଇଁ କାନ୍ଦିରୀ ଏନ୍ଏସି କର୍ତ୍ତୃପକ୍ଷ, ଉପଜିଲ୍ଲାପାଳ ହିନ୍ଦୋଳ ଓ ସାଂସଦ ରୁଦ୍ରନାରାୟଣ ପାଣିଙ୍କୁ ଗୁହାରି କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରିନଥିଲେ ବୋଲି ସେ ଅଭିଯୋଗ କରିଛନ୍ତି । ହିନ୍ଦୋଳ ଉପଖଣ୍ଡରେ ବହୁ ଅଯୋଗ୍ୟ ଲୋକଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ ଘର ଦିଆଯାଇଥିବା ବେଳେ ଅସହାୟ କାନ୍ଦିରୀ କିନ୍ତୁ ଏଥିରୁ ବାଦ୍ ପଡ଼ିଛି । କାନ୍ଦିରୀ ବୋଧେ ହାତଗୁଞ୍ଜା ଦେଇପାରିଲା ନାହିଁ, ତେଣୁ ସେ ଅନ୍ତୋଦୟ ଗୃହ ଯୋଜନାରୁ ବଞ୍ଚିତ ହେଲା ବୋଲି ସାଧାରଣରେ ଆଲୋଚନା ହେଉଛି । ଦୀର୍ଘଦିନ ଧରି ସେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିଲେ ମଧ୍ୟ କୌଣସି ନେତା ବା ପ୍ରଶାସନ ଦୃଷ୍ଟି ନଦେବାକୁ ନେଇ ସାଧାରଣରେ ଏବଂ ବୁଦ୍ଧିଜୀବୀ ମହଲରେ ଦୃଢ଼ ନିନ୍ଦା କରାଯିବା ସହ ଯଥାଶୀଘ୍ର ତାଙ୍କୁ ଘର ଓ ବର୍ଦ୍ଧିତ ଭତ୍ତା ଯୋଗାଇଦେବାକୁ ଦାବି ହେଉଛି । କେବେ ପ୍ରଶାସନ ଦୁଃଖିନୀ କାନ୍ଦିରୀର ଦୁଃଖ ଶୁଣୁଛି ତାହା ଦେଖିବାକୁ ବାକି ରହିଲା ।

## ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ

**ସୁନ୍ଦରଗଡ଼ : ଏକ୍ସପ୍ରେସ୍ ନ୍ୟୁଜ୍**

ସୁନ୍ଦରଗଡ ଜିଲ୍ଲା ରାଜଗାଙ୍ଗପୁର ଥାନା ଲାଞ୍ଜିବର୍ଣ୍ଣା ଅଞ୍ଚଳରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଛାତ୍ରୀ ଜଣକ ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଛନ୍ତି । ଛାତ୍ରୀଙ୍କ ଶରୀରର ୯୦ ପ୍ରତିଶତ ପୋଡିଯାଇଛି । ତାଙ୍କୁ ଗୁରୁତର ଅବସ୍ଥାରେ ତୁରନ୍ତ ଉଦ୍ଧାର କରାଯାଇ ରାଉରକେଲା ଆଇଜିଏଚରେ ଭର୍ତ୍ତି କରାଯାଇନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ଆତ୍ମାହୁତି ଉଦ୍ୟମର କାରଣ ଜଣାପଡିନାହିଁ । ଘଟଣାସ୍ଥଳରେ ସୁନ୍ଦରଗଡ଼ ଏସପି ପହଞ୍ଚିଥିବାବେଳେ ଏହି ଘଟଣାରେ ଜଣଙ୍କୁ ଅଟକ ରଖି ଅଧିକ ପଚରାଉଚରା କରାଯାଉଛି ।

## ଗଞ୍ଜେଇ ଚୋରା ଚାଲାଣକାରୀ ଗିରଫ

**ମୋହନା : ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜେଇ ଚୋରାଚାଲାଣ କରୁଥିବା ବେଳେ ଶୁକ୍ରବାର ଜଣେ ବ୍ୟକ୍ତିଙ୍କୁ ମୋହନା ଅବକାରୀ ବିଭାଗ କର୍ମଚାରୀ ଗିରଫ କରି କୋର୍ଟଚାଲାଣ କରିଛି । ସେ ହେଲେ ଗଜପତି ଜିଲା ଅଡ଼ବା ଥାନା ଅନ୍ତର୍ଗତ କେଶରୀଗୁଡ଼ା ଗ୍ରାମର ମାଥିସ ଲିମା । ଆର.ଉଦୟଗିରି ଅବକାରୀ ନିରୀକ୍ଷକ ମନୁ ଆୟଲଙ୍କ ନେତୃତ୍ୱରେ କର୍ମଚାରୀମାନେ ବୁଡ଼ଙ୍ଗପୁର ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ସନ୍ଦେହରେ ଏକ ବାଇକକୁ ଅଟକାଇ ଯାଞ୍ଚ କରଥିଲେ । ସେଥିରୁ ଏକ ଜରି ବ୍ୟାଗରେ ଥିବା ଗଞ୍ଜେଇ ମିଳିଥିଲା ।

## ଓଡ଼ିଶା ମେଟାଲିକ୍ସ କାରଖାନା କାରବାରର ତଦନ୍ତ ଆରମ୍ଭ

**ଝାରସୁଗୁଡ଼ା, ୬।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବୁଢ଼ୀପଦରସ୍ଥିତ ଓଡ଼ିଶା ମେଟାଲିକ୍ସ କାରଖାନାରେ ପାଉଁଶ ପାହାଡ଼ ଭୁଶୁଡ଼ିବା ଘଟଣାରେ ଜାତୀୟ ଗ୍ରିନ୍ ଟ୍ରିବ୍ୟୁନାଲରେ ମାମଲା ରୁଜୁ ହୋଇଛି । ଏନ୍‌ଜିଟିଙ୍କ ନିର୍ଦ୍ଦେଶ ଅନୁସାରେ, ଆଜି ଯୁଗ୍ମ କମିଟି ଘଟଣାସ୍ଥଳରେ ପହଞ୍ଚି ପାଉଁଶପାହାଡ଼ ଭୁଶୁଡ଼ିବା ଘଟଣାରେ ସରଜମିନ୍ ତଦନ୍ତ କରିଥିଲା । କିଭଳି ଭାବେ କାରଖାନାରୁ ପାଉଁଶ ପାହାଡ଼ ଭୁଶୁଡ଼ିଲା, ପାଉଁଶ ପାହାଡ଼ ପାଇଁ ଅନୁମତି ରହିଥିଲା ନା ନାହିଁ, ଏବେ ପ୍ରତିକାର କ'ଣ କରାଯିବ ସେନେଇ ତମାମ୍ ଦିଗ ଉପରେ ଛାନ୍‌ଭିନ୍ ହୋଇଥିଲା । ଆସନ୍ତା ସପ୍ତାହରେ ଏହି ଟିମ୍ ଏନ୍‌ଜିଟିଙ୍କୁ ତଦନ୍ତ ରିପୋର୍ଟ ଦାଖଲ କରିବ ବୋଲି ଜଣାପଡ଼ିଛି । ଏହି ଟିମ୍‌ରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ତହସିଲଦାର ସଦାକର କୁମ୍ଭାର, ଏସ୍‌ସିବି ଆରଓ ହିରଣ୍ୟ ନାୟକ, ଏସ୍‌ସିବିର ବୈଜ୍ଞାନିକ ଶୁଖେନ୍ଦୁ ବିଶ୍ୱାସ, ଏସ୍‌ସିବି ବୈଜ୍ଞାନିକ ଅନୁଷ୍କା ଏକ୍କା, ଏମ୍‌ଓଇଏଫର ଡ. ରାଜେଶ୍ୱରୀ ପ୍ରସାଦ ରହିଥିଲେ । ଗତ ଜୁଲାଇ ୧୪ ତାରିଖରେ ବୁଢ଼ୀପଦରସ୍ଥିତ ଓଡ଼ିଶା ମେଟାଲିକ୍ସ କାରଖାନାର ପାଉଁଶ ପାହାଡ଼ ଭୁଶୁଡ଼ି ଯାଇଥିଲା । ଉକ୍ତ ପାଉଁଶ ମିଶା ପାଣି ଚାଷୀଙ୍କ କ୍ଷେତରେ ମାଡ଼ିଯାଇଥିବା ବେଳେ ଏହି ଅଞ୍ଚଳର ପ୍ରାକୃତିକ ଜଳସ୍ରୋତ କନ୍ହେଇ ନାଳର ପାଣିରେ ମଧ୍ୟ ମିଶି ଯାଇଥିଲା । ଏନେଇ ଜମେରା ଓ ମରାକୁଟା ଗ୍ରାମବାସୀଙ୍କ ଅଭିଯୋଗ ଆଧାରରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ କରାଯାଇ ଜିଲ୍ଲା ପ୍ରଶାସନକୁ ରିପୋର୍ଟ ପ୍ରଦାନ କରାଯାଇଥିଲା । ମାତ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କରାଯାଇଥିବା ତଦନ୍ତରେ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରି ପ୍ରଥମେ ଜିଲ୍ଲାପାଳ ଓ ପରେ ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଥିଲେ । ଘଟଣା ଦିନ କେଉଁ କାରଣରୁ ଓ କେଉଁ ସ୍ଥାନରୁ ନାଲିରଙ୍ଗ ମିଶ୍ରିତ ପାଣି କାରଖାନା ବାହାରକୁ ପ୍ରବାହିତ ହୋଇଥିଲା ଓ ପ୍ରାକୃତିକ ନାଳାରେ ମିଶିଥିଲା ତାକୁ ନେଇ ଗ୍ରାମବାସୀ ପ୍ରଶ୍ନ କରିଥିଲେ । ଏହାସହିତ ଯେଉଁସ୍ଥାନରେ ପାଉଁଶ ପାହାଡ଼ ଭୁଶୁଡ଼ିଥିଲା, ସେହି ସ୍ଥାନରେ ପାଉଁଶ ଡେକିଂ କରିବା ପାଇଁ କମ୍ପାନି ନିକଟରେ ବିଧିବଦ୍ଧ ଅନୁମତି ରହିନଥିବା ସତ୍ତ୍ୱେ କମ୍ପାନି ସବୁ ନିୟମକାନୁନକୁ ଜଳାଞ୍ଜଳି ଦେଇ କେଉଁ ପରିସ୍ଥିତିରେ ପାଉଁଶ ପାହାଡ଼ ସୃଷ୍ଟି କରିଥିଲା, କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କୁ କମ୍ପାନି ଭଣ୍ଡେଇ ଦେଇଥିବା ବେଳେ କମ୍ପାନି ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଥିଲାଛ ତେବେ ତଦନ୍ତ ପାଇଁ ଆଜି ଯୁଗ୍ମ କମିଟି ଯାଇଥିବା ବେଳେ ଘଟଣାସ୍ଥଳରେ ଚାପା ଉତ୍ତେଜନା ମଧ୍ୟ ଦେଖାଦେଇଥିଲା । କେବଳ ଅଭିଯୋଗକାରୀଙ୍କ ଜମି ନୁହେଁ, ବରଂ ଅଭିଯୋଗ କରିନଥିବା କ୍ଷତିଗ୍ରସ୍ତ ଜମି ମାଲିକଙ୍କ ଜମିକୁ କାହିଁକି ତଦନ୍ତ ପରିସରଭୁକ୍ତ କରାଯାଉନି ବୋଲି ଲୋକେ ପ୍ରଶ୍ନ କରିବା ସହ ଏହି ତଦନ୍ତ କେବଳ ଏକ ପ୍ରହସନ ବୋଲି ବି ଅଭିଯୋଗ କରିଥିଲେ ।

# ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ ଅଚଳାବସ୍ଥା

**ବରଗଡ଼, ୬।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**



ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ ଅଚଳାବସ୍ଥା ଲାଗି ରହିଛି । ନଭେମ୍ବର ୨୮ତାରିଖରୁ ମଣ୍ଡି ଖୋଲିଛି ସତ, ହେଲେ ଏପର୍ଯ୍ୟନ୍ତ ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ଅଧୀନ ଥିବା ବିଭିନ୍ନ ମଣ୍ଡିରୁ କେବଳ ୭୦୧୧ ପ୍ୟାକେଟ ଧାନ ଉଠାଯାଇଛି । ବର୍ତ୍ତମାନ ସୁଦ୍ଧା ଅତାବିରା ଆର୍‌ଏମ୍‌ସି ଅଧୀନରେ ଅତାବିରା ବ୍ଲକର ବିଭିନ୍ନ ମଣ୍ଡିରେ ସରକାରୀ ଟୋକନ ଥିବା ଚାଷୀଙ୍କ ୧ଲକ୍ଷ ୭୩ ହଜାର ୫୬୭ ପ୍ୟାକେଟ ପଡ଼ିଥିବା ବେଳେ ବେସରକାରୀ ଭାବେ ଆଉ ଲକ୍ଷାଧିକ ପ୍ୟାକେଟ ଧାନ ଖୋଲା ଆକାଶ ତଳେ ପଡ଼ି ରହିଛି । ଶୁକ୍ରବାର ୪ହଜାର ୫୦୫ ପ୍ୟାକେଟ ଉଠିଥିବା ସ୍ଥଳରେ ଆହୁରି ୧ଲକ୍ଷ ୬୯ହଜାର ୬୨ ପ୍ୟାକେଟ ବିକ୍ରି ଅପେକ୍ଷାରେ ମଣ୍ଡିଗୁଡିକରେ ପଡ଼ିଛି । ନାନା ଆଳ ଦେଖାଇ ଧାନକିଣାକୁ ମନ୍ଥର କରାଯାଉଥିବା ବେଳେ ଅଭାବୀ ଧାନ ବିକ୍ରିକୁ ଦେଖି ଚାଷୀଙ୍କ ମାନସିକ ସ୍ଥିତିକୁ ଦୋହଲାଇ ଦେଇଛି । ଏହି କାରଣରୁ ଭିନ୍ନ ଭିନ୍ନ ସ୍ଥାନରେ ଚାଷୀ ଆନ୍ଦୋଳନ ହୋଇ ସାରିଛି । ଅନ୍ୟପଟେ ଚଳିତବର୍ଷ କେନ୍ଦ୍ର ସରକାର ଏମ୍‌ଏମ୍‌ସି ଉପରେ ୬୯ ଟଙ୍କା ବୃଦ୍ଧି କରିଛନ୍ତି । ଯାହାକି ଧାନର ସହାୟକ ମୂଲ୍ୟ ୨୩୬୯ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଉଥିବା ୮୦୦ଟଙ୍କା ବୋନସକୁ ମିଶାଇଲେ ଚାଷୀ ତା'ର ପ୍ରାପ୍ୟ କ୍ୱିଣ୍ଟାଲ ପିଛା ୩୧୬୯ ଟଙ୍କା ପାଇବା କଥା । କିନ୍ତୁ ବର୍ତ୍ତମାନ ସରକାର କହିଛନ୍ତି ଚାଷୀ କେବଳ ୩୧୦୦ ଟଙ୍କା ହିଁ ପାଇବ । ତେବେ ବର୍ଦ୍ଧିତ ଏମ୍‌ଏସ୍‌ପି ଗଲା କୁଆଡ଼େ ବୋଲି ପ୍ରଶ୍ନ କରିଛନ୍ତି ଚାଷୀ । ଗତ ଖରିଫ ଧାନ କିଣାବିକା ବର୍ଷରେ ଆଜିର ଦିନରେ ଚାଷୀଙ୍କ ୬୦ ହଜାର ୬୩ ପ୍ୟାକେଟ ଧାନ ଉଠିଥିଲା ବେଳେ ବିଭିନ୍ନ ମଣ୍ଡିରେ କେବଳ ୮୫ ହଜାର ୧୬୭ ପ୍ୟାକେଟ ଧାନ ପଡ଼ି ରହିଥିଲା । ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଧାନ କିଣାବିକାରେ ବହୁ ମନ୍ଥରତା ଦେଖି ଚାଷୀ ଚିନ୍ତିତ ରହିଛନ୍ତି ।

ସେହିପରି ଚାଷୀଙ୍କ ସମସ୍ୟାର ତ୍ୱରିତ୍ୱ ସମାଧାନ ପାଇଁ ପଦକ୍ଷେପ ନେବା ଦାବିରେ ବରଗଡ଼ ଜିଲା କଂଗ୍ରେସ ତାତି ଉଠିଛି । ଏହି କ୍ରମରେ ଶୁକ୍ରବାର ଜିଲା କଂଗ୍ରେସ ସଭାପତି ହରଦୀପ ସିଂଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିକ୍ଷୋଭ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ । ସେଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ଦାବିପତ୍ର ଗ୍ରହଣ କରିଥିଲେ । ଦାବିପତ୍ରରେ ୪ଦଫା ଦାବି କରାଯାଇଛି । ବିନା କଟ୍‌ନୀ ଛଟ୍‌ନୀରେ ସମସ୍ତ ଚାଷୀଙ୍କ ଧାନ କିଣାଯିବା, ଫସଲବୀମାରେ ରହିଥିବା ସମସ୍ତ ଅସଙ୍ଗତି ଦୂର କରି ଚାଷୀ ପରିବାରକୁ ସ୍ୱାସ୍ଥ୍ୟ ବୀମାଭୁକ୍ତ କରାଯିବା, ୫୫ବର୍ଷ ବୟସରୁ ଉର୍ଦ୍ଧ୍ୱ ବୟସ୍କ ଚାଷୀ ଏବଂ ଭାଗଚାଷୀମାନଙ୍କୁ ମାସିକ ୧୦ହଜାର ଟଙ୍କା ଲେଖାଏ ଭତ୍ତା ପ୍ରଦାନ, ଚିର ମରୁଡ଼ି ପ୍ରପୀଡ଼ିତ ପଦ୍ମପୁର ଅଞ୍ଚଳକୁ ଜଳସେଚିତ କରିବା ପାଇଁ ଅଙ୍ଗନଦୀ ଉପରେ ଏକ ବନ୍ଧ ନିର୍ମାଣ ପାଇଁ କଂଗ୍ରେସ ଦାବି କରିଛି ।

: ନିଯୁକ୍ତି ପରୀକ୍ଷା ବାରମ୍ବାର ବାତିଲ କରାଗଲେ ଖାଲି ପଡ଼ିଥିବା ପଦବୀଗୁଡ଼ିକ କିଭଳି ପୂରଣ ହେବ ସେଇଟା ହିଁ ମୂଳ ପ୍ରଶ୍ନ । ରାଜ୍ୟର ପ୍ରତିଟି ବିଭାଗର ଦପ୍ତରରେ କର୍ମଚାରୀ ଅଭାବ କାରଣରୁ ଲୋକେ ଆଶାନୁରୂପକ ସେବା ପାଇପାରୁନାହାନ୍ତି । ନିଯୁକ୍ତି ପରୀକ୍ଷାକୁ ନେଇ ଏଇଭଳି ଏକ ଧୂଆଁଳିଆ ସ୍ଥିତି ଜାରି ରହିଲେ ଛାତ୍ରଛାତ୍ରୀ ଏବଂ ପରୀକ୍ଷାର୍ଥୀଙ୍କ ମନରେ ହତାଶା ଭାବ ସୃଷ୍ଟି ହେବା ସ୍ୱାଭାବିକ । ପରିଶ୍ରମ କରି ଲାଭ କ'ଣ, ଯୋଗ୍ୟତାର ମୂଲ୍ୟାୟନ କ'ଣ ହେଉଛି? – ଏଭଳି ଚିନ୍ତା ଛାତ୍ରଛାତ୍ରୀଙ୍କ ପ୍ରସ୍ତୁତି ଏବଂ ପ୍ରଦର୍ଶନ ଉପରେ ନିଶ୍ଚିତ ଭାବେ ଏକ ନକରାତ୍ମକ ପ୍ରଭାବ ପକାଇବ । ତେଣୁ ପରୀକ୍ଷା ପରିଚାଳନାକୁ ଅଧିକ ଗୁରୁତ୍ୱ ଦେଇ ଏହାକୁ ସ୍ୱଚ୍ଛ କରାଗଲେ ହିଁ ଏହା ଯୋଗ୍ୟତାର ମାପକାଠି ହୋଇପାରିବ ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୭ ଡିସେମ୍ବର ୨୦୨୫ | ରବିବାର

ଓଡ଼ିଶା ଏକ୍ସପ୍ରେସ୍

## ପରୀକ୍ଷା ପ୍ରହସନ ନହେଉ

ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହେବା, ଭାଇରାଲ ହେବା ଏବଂ ବଜାରରେ ପ୍ରଶ୍ନପତ୍ର ବିକ୍ରି ହେବା– ଏସବୁ ଏକ ନିୟମିତ ଧାରାରେ ପଡ଼ିଗଲାଣି । ଛାତ୍ରଛାତ୍ରୀମାନଙ୍କର ଏବଂ ନିଯୁକ୍ତି ପରୀକ୍ଷା ଦେଉଥିବା ଯୁବପିଢ଼ିଙ୍କ ପରୀକ୍ଷା ଉପରୁ ଆସ୍ଥା ତୁଟିଗଲାଣି । ପରିଶ୍ରମ କରି ପରୀକ୍ଷା ପାଇଁ ପ୍ରସ୍ତୁତ ହେବାର ଲାଭ କ'ଣ ବୋଲି ଯୁବପିଢ଼ି ହତାଶାର ସହ କହୁଛନ୍ତି । ପ୍ରଶ୍ନପତ୍ର ପରୀକ୍ଷା ପୂର୍ବରୁ ଭାଇରାଲ ହେବା ଘଟଣା ଧରାପଡ଼ିବାରୁ ସିନା ପରୀକ୍ଷା ବାତିଲ କରାଯାଉଛି, ଯଦି ଏହା ଧରାନପଡ଼େ ତା'ହେଲେ ତ ଅନେକ ଯୋଗ୍ୟ ପରୀକ୍ଷାର୍ଥୀ ଯୋଗ୍ୟତା ଥାଇ ମଧ୍ୟ କାଟ୍ ଖାଇଯିବେ ! ପୂର୍ବରୁ ଯେଉଁସବୁ ନିଯୁକ୍ତି ପରୀକ୍ଷା ହୋଇଛି ସେଥିରେ ଯେ ସ୍ୱଚ୍ଛତା ରହିଛି ଏବଂ ପରୀକ୍ଷା ପୂର୍ବରୁ ପରୀକ୍ଷାର୍ଥୀମାନେ ପ୍ରଶ୍ନପତ୍ର ହାତେଇ ନାହାନ୍ତି ଏଭଳି ଆଶଙ୍କାକୁ କ'ଣ ଏଡେଇ ଦେଇହେବ? ସବୁ ଘଟଣା କ'ଣ ପଦାକୁ ଆସେ? ଅନେକ ଏହିଭଳି ଘଟଣାକୁ ଯେ ଜାଣିଶୁଣି ଚପାଇ ଦିଆଯାଇ ନଥିବ ଏକଥା କିଏ କହିବ? ଲଗାତାର ଏଭଳି ଘଟଣା ପଦାକୁ ଆସିବା ପରେ ମନେହେଉଛି– ଏକ ର୍ୟାକେଟ୍ ଏହାକୁ ବ୍ୟବସାୟରେ ପରିଣତ କରିସାରିଲେଣି ଏବଂ ଏଥିରେ ପରୀକ୍ଷା ପରିଚଳନା କରୁଥିବା ବିଭାଗ ଏବଂ ଦାୟିତ୍ୱରେ ଥିବା ସଂସ୍ଥାର କର୍ମଚାରୀମାନଙ୍କର ଯେ ସଂପୃକ୍ତି ରହିଛି ଏକଥାକୁ ମଧ୍ୟ ଏଡ଼େଇ ଦେଇହେଉ ନାହିଁ । ସେମାନଙ୍କୁ ଠାବ କରି ଦୃଷ୍ଟାନ୍ତମୂଳକ ଦଣ୍ଡ ନଦେଲେ ଏଇଭଳି ଧାରା ଯେ ବଜାୟ ରହିବ ଏଥିରେ ସନ୍ଦେହ ନାହିଁ । ନକଲି ବନ୍ଧୁକ– ନକଲି ଖାଦ୍ୟ ଏବଂ ନକଲି ଔଷଧ ବ୍ୟବସାୟ ଭଳି– ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ବିକ୍ରି କରିବା ମଧ୍ୟ ଏକ ବ୍ୟବସାୟରେ ସତେ ଯେମିତି ପରିଣତ ହୋଇସାରିଛି । ନିକଟରେ ଏଏନ୍ଏମ୍ ପରୀକ୍ଷା ବାତିଲ କରାଯାଇଛି । ରାଜ୍ୟର ୪୭ଟି ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା ଆରମ୍ଭ ହେବାର କିଛି ମୁହୂର୍ତ୍ତ ପରେ ପରୀକ୍ଷାର୍ଥୀମାନଙ୍କୁ ପରୀକ୍ଷା ବାତିଲ ହେଲା ବୋଲି କୁହାଯାଇଥିଲା । ପ୍ରଶ୍ନପତ୍ର ଏବଂ ଉତ୍ତର ଖାତା ହଲ୍‌ରେ ରଖି ବାହାରକୁ ଚାଲିଯିବାର ଆଦେଶ ଦିଆଯାଇଥିଲା । ଅନେକ ପରୀକ୍ଷାର୍ଥୀ ହଲ୍‌ରୁ ବାହାରିବା ସମୟରେ କାନ୍ଦୁଥିବାର ଦେଖିବାକୁ ମିଳିଥିଲା । ମାସ ମାସ ଧରି ଯେଉଁ ପରୀକ୍ଷା ଦେବାକୁ ସେମାନେ ପ୍ରସ୍ତୁତ ହୋଇଥିଲେ, ସେ ପରୀକ୍ଷା ଦେଇନପାରିବାରୁ ଅନେକେ ଭାଙ୍ଗିପଡ଼ିଥିଲେ ।

ରାଜ୍ୟରେ ୨ଲକ୍ଷ ୩୫ହଜାରରୁ ଅଧିକ ସରକାରୀ ପଦ ଖାଲି ରହିଥିଲେ ମଧ୍ୟ ବେକାରଙ୍କୁ ଚାକିରି ସୁଯୋଗ ନଦେବା ଫଳରେ ଏବଂ ପରୀକ୍ଷା ବାରମ୍ବାର ବାତିଲ ହେବା କାରଣରୁ ବାଧ୍ୟ ହୋଇ ଅନେକ ଯୁବକ ଦାଦନ ଖଟିବାକୁ ଯାଉଛନ୍ତି ବୋଲି ବିଧାନସଭାରେ କଂଗ୍ରେସ ଏ ସମ୍ପର୍କିତ ଏକ ମୂଳତବୀ ପ୍ରସ୍ତାବ ଆଣିଥିଲା । କଂଗ୍ରେସ ସଭ୍ୟ ଅଶୋକ ଦାସ କହିଥିଲେ– ସବୁବେଳେ ପୂର୍ବ ସରକାରଙ୍କ ବିଫଳତା ବଖାଣିଲେ ହେବନାହିଁ । ସେମାନେ ବିଫଳ ହେଲେ ବୋଲି ହିଁ କ୍ଷମତାକୁ ଗଲେ । ଲୋକମାନେ ଜିତେଇଥିବା ସରକାରଙ୍କ ପାଖରୁ ଅନେକ ଆଶା ରଖିଥିଲେ ।

ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ରାଜ୍ୟରେ ନିଯୁକ୍ତି ସୁଯୋଗର ଅଭାବରୁ ବହୁ ଲୋକ ବାହାରକୁ ଚାଲିଯାଉଛନ୍ତି । ନିଯୁକ୍ତି ସୃଷ୍ଟି କରିବାର କୌଣସି ଯୋଜନା ନାହିଁ ସରକାରଙ୍କର । ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ଥିବା ପୁଲିସ ବିଭାଗରେ ନିଯୁକ୍ତି ପରୀକ୍ଷାରେ ସ୍ୱଚ୍ଛତା ରହୁନି ।

ନିଯୁକ୍ତି ପରୀକ୍ଷା ବାରମ୍ବାର ବାତିଲ କରାଗଲେ ଖାଲି ପଡ଼ିଥିବା ପଦବୀଗୁଡ଼ିକ କିଭଳି ପୂରଣ ହେବ ସେଇଟା ହିଁ ମୂଳ ପ୍ରଶ୍ନ । ରାଜ୍ୟର ପ୍ରତିଟି ବିଭାଗର ଦପ୍ତରରେ କର୍ମଚାରୀ ଅଭାବ କାରଣରୁ ଲୋକେ ଆଶାନୁରୂପକ ସେବା ପାଇପାରୁନାହାନ୍ତି ।

ନିଯୁକ୍ତି ପରୀକ୍ଷାକୁ ନେଇ ଏଇଭଳି ଏକ ଧୂଆଁଳିଆ ସ୍ଥିତି ଜାରି ରହିଲେ ଛାତ୍ରଛାତ୍ରୀ ଏବଂ ପରୀକ୍ଷାର୍ଥୀଙ୍କ ମନରେ ହତାଶା ଭାବ ସୃଷ୍ଟି ହେବା ସ୍ୱାଭାବିକ । ପରିଶ୍ରମ କରି ଲାଭ କ'ଣ, ଯୋଗ୍ୟତାର ମୂଲ୍ୟାୟନ କ'ଣ ହେଉଛି? – ଏଭଳି ଚିନ୍ତା ଛାତ୍ରଛାତ୍ରୀଙ୍କ ପ୍ରସ୍ତୁତି ଏବଂ ପ୍ରଦର୍ଶନ ଉପରେ ନିଶ୍ଚିତ ଭାବେ ଏକ ନକରାତ୍ମକ ପ୍ରଭାବ ପକାଇବ । ତେଣୁ ପରୀକ୍ଷା ପରିଚାଳନାକୁ ଅଧିକ ଗୁରୁତ୍ୱ ଦେଇ ଏହାକୁ ସ୍ୱଚ୍ଛ କରାଗଲେ ହିଁ ଏହା ଯୋଗ୍ୟତାର ମାପକାଠି ହୋଇପାରିବ ।

# ବାଣିଜ୍ୟିକ ନିଅଣ୍ଟ ଓ ମୁଦ୍ରା ଅବମୂଲ୍ୟାୟନ



### ମୂଲ୍ୟବୋଧ

ଅରବିନ୍ଦ ରାଉତରାୟ

ବିକଶିତ ରାଷ୍ଟ୍ର ଆମେରିକାକୁ ପଛରେ ପକାଇ ବିଶ୍ୱର ଦ୍ୱିତୀୟ ବୃହତ ଶକ୍ତିଶାଳୀ ରାଷ୍ଟ୍ର ଚୀନ ଏବେ ଭାରତର ପ୍ରମୁଖ ବାଣିଜ୍ୟିକ ଅଂଶୀଦାର ମର୍ଯ୍ୟାଦା ହାସଲ କରିବାରେ ସଫଳ ହୋଇଛି । ପୂର୍ବରୁ ଚୀନ ଏହି ସ୍ଥାନରେ ଚାରିବର୍ଷ ରହିବା ପରେ ଆମେରିକା ତାହାକୁ ୨୦୨୧ ରୁ ୨୦୨୩ ପର୍ଯ୍ୟନ୍ତ ପଛରେ ପକାଇ ଦେଇଥିଲା । ଚୀନ ସହିତ ଭାରତର ଆମଦାନୀ ବାଣିଜ୍ୟ ଆମେରିକା ଠାରୁ ଉର୍ଦ୍ଧ୍ୱରେ ରହିଥିବା ବେଳେ ଏହି ଦୁଇ ରାଷ୍ଟ୍ର ସହିତ ରପ୍ତାନୀ ବାଣିଜ୍ୟ ବହୁ ନିମ୍ନରେ ରହିଛି । ସାଧାରଣତଃ ଦେଶର ସାମଗ୍ରିକ ଆମଦାନୀ କାରବାର ରପ୍ତାନୀ ଠାରୁ ବଢିଗଲେ ସମତୁଲ ବାଣିଜ୍ୟ କାରବାର ପ୍ରଭାବିତ ହେବା ସହ ବାଣିଜ୍ୟିକ ନିଅଣ୍ଟ ଅବସ୍ଥା ସୃଷ୍ଟିହୁଏ । ଆମଦାନୀର ଉର୍ଦ୍ଧ୍ୱମୁଖୀ ଗତି ବୈଦେଶିକ ବିନିମୟ ମୁଦ୍ରା ଡଲାର ତୁଳନାରେ ସ୍ୱଦେଶୀ ମୁଦ୍ରାର ଅବମୂଲ୍ୟାୟନ ଘଟାଇଥାଏ । ଅବଶ୍ୟ ମୁଦ୍ରାର ଅବମୂଲ୍ୟାୟନ ରପ୍ତାନୀ ବାଣିଜ୍ୟ ବୃଦ୍ଧି ଦିଗରେ କେତେକାଂଶରେ ସହାୟକ ହେଲେ ସୁଦ୍ଧା ଆମଦାନୀର ନିମ୍ନମୁଖୀ ଗତି ଦେଶର ଅର୍ଥନୀତିକୁ ବହୁମାତ୍ରାରେ ପ୍ରଭାବିତ କରିଥାଏ । ୨୦୨୩–୨୪ ରେ ଦେଶର ବାଣିଜ୍ୟିକ ନିଅଣ୍ଟ ୭୮୧୨ କୋଟି ଡଲାରରେ ପହଞ୍ଚିଥିବା ବେଳେ ପୂର୍ବ ବର୍ଷ ଅପେକ୍ଷା ପ୍ରାୟ ୩୬ ପ୍ରତିଶତ ହ୍ରାସ ପାଇଛ । ସେହିପରି ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୮୩ ଟଙ୍କା ୨୮ ପଇସା ରହିଥିଲା ମଇ ୨୦ ତାରିଖ ସୁଦ୍ଧା । ବିଗତ ଦଶନ୍ଧି ଅର୍ଥାତ୍ ୨୦୧୪–୧୫ରେ ବାଣିଜ୍ୟିକ ନିଅ ମାତ୍ର ୧୪୪୨ କୋଟି ଡଲାରରେ ଥିବାବେଳେ ମୁଦ୍ରାର ବିନିମୟ ମୂଲ୍ୟ ୨୦୧୪ ରେ ୬୦ ଟଙ୍କା ୯୫ ପଇସା ଥିଲା ଓ ୨୦୧୫ରେ ୬୬ ଟଙ୍କା ୭୯ ପଇସାକୁ ବଢିଯାଇଥିଲା । ୧୯୪୭ ସ୍ୱାଧୀନ ଭାରତର ବିନିମୟ ହାର ଡଲାର ତୁଳନାରେ ସମାନ ସ୍ଥିତିରେ ଥିଲା । କାରଣ ଦେଶର ବାଣିଜ୍ୟିକ ସ୍ଥିତି ସମତୁଲ ରହିଥିଲା ।

୨୦୨୧ ରୁ ୨୦୨୩ ମଧ୍ୟରେ ଭାରତ–ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ସର୍ବୋଚ୍ଚ ସ୍ତରରେ ଥିଲା ଓ ତାହା ଚଳିତ ବର୍ଷ ସୁଦ୍ଧା ଏକଲକ୍ଷ ୧୮ ହଜାର ୩ ଶହ କୋଟି ଡଲାରରେ ପହଞ୍ଚିଛି । ମାତ୍ର ୨୦୨୩–୨୪ରେ ଚୀନ ଭାରତ ସହିତ ଦ୍ୱିପାକ୍ଷିକ ବାଣିଜ୍ୟକୁ ଏକଲକ୍ଷ ୧୮ ହଜାର ୪ଶହ କୋଟି ଡଲାରରେ ପହଞ୍ଚାଇ ପ୍ରମୁଖ ଅଂଶୀଦାର ପାଲଟିଯାଇଛି । ଆମେରିକା ସହିତ ଭାରତର ରପ୍ତାନୀ କାରବାର ଏକ ପ୍ରତିଶତରୁ ସାମାନ୍ୟ ଅଧିକ ହ୍ରାସ ପାଇଥିବା ବେଳେ ଚୀନ ସହିତ ୮ ଦଶମିକ ୭ ପ୍ରତିଶତ ବୃଦ୍ଧିପାଇଛି । ଏହା ସତ୍ତ୍ୱେ ରପ୍ତାନୀ ବାଣିଜ୍ୟ କ୍ଷେତ୍ରରେ ଆମେରିକା ଚୀନଠାରୁ ବହୁ ଉର୍ଦ୍ଧ୍ୱରେ ରହିଛି । ବିଶ୍ୱ ବାଣିଜ୍ୟ ଗବେଷଣା ପ୍ରୋତ୍ସାହନ ସଂଗଠନ ରିପୋର୍ଟ ଅନୁଯାୟୀ ବିଗତ ପାଞ୍ଚବର୍ଷ ମଧ୍ୟରେ ବିଶ୍ୱର ୧୫ଟି ରାଷ୍ଟ୍ର ଭାରତ ସହ ବାଣିଜ୍ୟିକ ସମ୍ପର୍କ ବଢ଼ାଇବା ପାଇଁ ଆଗେଇ ଆସିଛନ୍ତି । ମାତ୍ର ଚୀନ ସହ ଭାରତର ଆମଦାନୀ କାରବାର ୪୪ ଦଶମିକ ୭ ପ୍ରତିଶତ ବୃଦ୍ଧି ଯୋଗୁ ୨୦୨୪ରେ ବାଣିଜ୍ୟ ନିଅଣ୍ଟ ୮୫୦୯ କୋଟି ଡଲାର ଛୁଇଁଛି ।

ଭାରତୀୟ ଅର୍ଥନୀତି ପ୍ରତି ନିଅଣ୍ଟିଆ ବାଣିଜ୍ୟର ପ୍ରଭାବ ସମ୍ପର୍କରେ ଏକ ଦୃଷ୍ଟାନ୍ତ ନିଆଯାଇପାରେ । ମୋବାଇଲ ପ୍ରସ୍ତୁତି କ୍ଷେତ୍ରରେ ଭାରତ ଆତ୍ମନିର୍ଭରଶୀଳ ହୋଇପାରିଛି ବୋଲି ସରକାର ଯେତେ ଦାବି କଲେ ସୁଦ୍ଧା ତା'ର ବାସ୍ତବ ଚିତ୍ର ସଂପୂର୍ଣ୍ଣ ଭିନ୍ନ । ଆମେରିକୀୟ କମ୍ପାନୀ ଆପଲକୁ ବାଦ୍ ଦେଲେ ଭାରତରେ କାର୍ଯ୍ୟରତ ଅବଶିଷ୍ଟ ମୋବାଇଲ ନିର୍ମାତାଙ୍କ ଜନ୍ମ ଚୀନରେ । ମୋବାଇଲ ସରାମ ପ୍ରସ୍ତୁତି ବା ଉତ୍ପାଦନ ଚୀନରେ ଘରୋଇ ଶିଳ୍ପରେ ପରିଣତ ହୋଇଥିବାରୁ ଭାରତୀୟ କମ୍ପାନୀ ସେଠାରୁ ଆମଦାନୀ କରିବା ସ୍ୱାଭାବିକ । ଭାରତ ଏପର୍ଯ୍ୟନ୍ତ ଏ କ୍ଷେତ୍ରରେ ସ୍ୱାବଲମ୍ବୀ ନହେବା ଚୀନ ସହ ଆମଦାନୀ ବାଣିଜ୍ୟ ବୃଦ୍ଧିର ଅନ୍ୟତମ କାରଣ ପାଲଟିଛି । ଯନ୍ତ୍ରାଂଶ ଆମଦାନୀ ତୁଳନାରେ ରପ୍ତାନୀ ନଗଣ୍ୟ ହୋଇଥିବାରୁ ବାଣିଜ୍ୟିକ ନିଅଣ୍ଟ ବୃଦ୍ଧି ଭାରତୀୟ ଅର୍ଥନୀତିକୁ ପ୍ରଭାବିତ ନ କରିବ ବା କିପରି ? ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ହ୍ରାସ ବା ଅବମୂଲ୍ୟାୟନ ଚରମ ସୀମାରେ ନ ପହଞ୍ଚିବ ବା କେମିତି? ଆମଦାନୀର ଦ୍ରୁତଗତି ରପ୍ତାନୀ ବାଣିଜ୍ୟକୁ ଶିଥିଳ କରିଦେବା ସହ ବୈଦେଶିକ ବିନିମୟ ମୁଦ୍ରା ଆୟ ମଧ୍ୟ ନିମ୍ନଗାମୀ ହୋଇଯାଏ । ଆମଦାନୀ ବାଣିଜ୍ୟ ବାବଦ ଦେୟ ପୈଠ ପାଇଁ ବୈଦେଶିକ ମୁଦ୍ରାର ଆବଶ୍ୟକତା ଅଧିକ ଥିବାରୁ ରପ୍ତାନୀ ହ୍ରାସ ଜନିତ ଏହାର ସ୍ୱଳ୍ପତା କେବଳ ଯେ ମୁଦ୍ରା ଅବମୂଲ୍ୟାୟନର କାରଣ ପାଲଟିଯିବ ତାହା ନୁହେଁ, ଦେଶଜ ଶିଳ୍ପର ଉତ୍ପାଦନ କ୍ଷମତା ହ୍ରାସ ଘଟାଇବ । ଆବଶ୍ୟକ ଆଭ୍ୟନ୍ତରୀଣ ଚାହିଦା ପୂରଣ ପରେ ବଳକା ସାମଗ୍ରୀ ରପ୍ତାନୀ କ୍ଷେତ୍ରର ଶିଥିଳତା ଯୋଗୁ ଶିଳ୍ପ କ୍ଷେତ୍ରରେ ଅଦରକାରୀ ସାମଗ୍ରୀ ଗଚ୍ଛିତ ବ୍ୟବସ୍ଥାକୁ ଉର୍ଦ୍ଧ୍ୱମୁଖୀ କରିବ । ଉତ୍ପାଦନ ହ୍ରାସ ଦେଶରେ କର୍ମନିଯୁକ୍ତିକୁ ସଂକୁଚିତ କରିବା ସଂଗେ ସଂଗେ ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ପ୍ରମୁଖ ବାଧକ ସାଜିବାରେ ପ୍ରତିବନ୍ଧକ ରହିବ ନାହିଁ । କେତେକ କ୍ଷେତ୍ରରେ ପ୍ରଚଳିତ ବାଣିଜ୍ୟିକ ନୀତି ନିୟମ ଉଲ୍ଲଂଘନ ଭଳି ଆଶଙ୍କା ସୃଷ୍ଟି ହେବ ଓ ବିଶ୍ୱ ବାଣିଜ୍ୟିକ ଅଭିବୃଦ୍ଧି ଅସ୍ଥିର ହେବାର ଆଂଶକା ଉପୁଜିବାର ଦୃଷ୍ଟାନ୍ତ ରହିଛି ।

ଅର୍ଥନୀତି କ୍ଷେତ୍ରରେ ସୃଷ୍ଟ ଅସ୍ଥିରତା ଦୂର କରିବା ସରକାରଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟି ଯିବା ମଧ୍ୟ ସ୍ୱାଭାବିକ । ସରକାର ରପ୍ତାନୀ ବାଣିଜ୍ୟ ବୃଦ୍ଧି ମାଧ୍ୟମରେ ନିଅିଆ ସ୍ଥିତିକୁ ଏଡାଇବାକୁ ଯାଇ ପୁନର୍ବାର ମୁଦ୍ରାର ଅବମୂଲ୍ୟାୟନ ଘଟାଇବାକୁ ବାଧ୍ୟ ହେବେ । ଏହି ପ୍ରକ୍ରିୟାରେ ରପ୍ତାନୀ ବାବଦ ଖର୍ଚ୍ଚ ହ୍ରାସ ବିଦେଶୀ ପୁଞ୍ଜି ନିବେଶକଙ୍କୁ ପ୍ରୋତ୍ସାହିତ କରିବ ସତ, ପରବର୍ତ୍ତୀ ପର୍ଯ୍ୟାୟରେ ଭାରତୀୟ ମୋବାଇଲ ଶିଳ୍ପର ଅନୁରୂପ ସ୍ଥିତି ଯେ ସୃଷ୍ଟି ନ କରିବ ତାହା କହିହେବ ନାହିଁ । ମୁଦ୍ରା ଅବମୂଲ୍ୟାୟନର ପରବର୍ତ୍ତୀ ପର୍ଯ୍ୟାୟ ରପ୍ତାନୀ ବାଣିଜ୍ୟର ସମାନୁପାତିକ ଅଭିବୃଦ୍ଧି ଓ ବୈଦେଶିକ ବିନିମୟ ପୁଞ୍ଜି ଆମଦାନୀରେ ସମର୍ଥ ନହେଲେ ନିଅଣ୍ଟିଆ ବୋଝ ଦ୍ରୁତଗାମୀ ହୋଇଯିବ । ଅନ୍ୟପକ୍ଷରେ ମୁଦ୍ରାର ଅବମୂଲ୍ୟାୟନ ଦେଶରୁ ପ୍ରତିଭା ଚାଲାଣକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପ୍ରୋତ୍ସାହିତ କରିବ । ଅତ୍ୟାଧୁନିକ ଜ୍ଞାନ କୌଶଳଧାରୀ ଯୁବକଯୁବତୀ ଡଲାର ତୁଳନାରେ ଦେଶୀୟ ମୁଦ୍ରାର ବିନିମୟ କାୟାବୃଦ୍ଧି ପ୍ରତି ଆକୃଷ୍ଟ ହୋଇ ବିଦେଶୀ କର୍ମସଂସ୍ଥାନ ପ୍ରତି ଅଗ୍ରାଧିକାର ଦେବା ମଧ୍ୟ ସ୍ୱାଭାବିକ । ବିଦେଶୀ ମାଟିରେ ଦେଶୀୟ ଉନ୍ନତ ମାନବ ସମ୍ବଳର କର୍ମନିଯୁକ୍ତି ବିଦେଶୀ ଉତ୍ପାଦନ ଶକ୍ତିକୁ ବଢାଇବ ସିନା ପରୋକ୍ଷରେ ଆମଦାନୀ ବାଣିଜ୍ୟ ବୃଦ୍ଧିକୁ ପ୍ରୋତ୍ସାହିତ କରିବା ଅସମ୍ଭବ ନୁହେଁ । ଭାରତ ପ୍ରତିବର୍ଷ ଆମଦାନୀ କାରବାର ୭ ପ୍ରତିଶତ ବଢାଇବା ଯୋଗୁ ନିଅଣ୍ଟିଆସ୍ଥିତ ସାମଗ୍ରୀକ ଜାତୀୟ ଉତ୍ପାଦନର ୨ ପ୍ରତିଶତରେ ପହଞ୍ଚିଲାଣି । ପ୍ରତିଭାଚାଲାଣର ଉର୍ଦ୍ଧ୍ୱମୁଖୀ ଗତି ଦେଶରେ ଗୁଣାତ୍ମକ ଉତ୍ପାଦନ ଓ ରପ୍ତାନୀ ହ୍ରାସର ଯେ ଅନ୍ୟତମ ପ୍ରମୁଖ କାରଣ ନ ହେବ, ତାହା କିଏ କହିବ?

ନିରବଚ୍ଛିନ୍ନ ନିଅଣ୍ଟ ବାଣିଜ୍ୟ ଦେଶରେ ବଜେଟ ନିଅ ବୃଦ୍ଧିକୁ ମଧ୍ୟ ପ୍ରୋତ୍ସାହିତ କରିବ । ମୁଦ୍ରାସ୍ଫୀତି ହାରରେ ଅସ୍ଥିରତା ପାଇଁ ସୁଯୋଗ ସୃଷ୍ଟି ହେବା ସଂଗେ ସଂଗେ ବିଶ୍ୱ ତୈଳ ବଜାର ମଧ୍ୟ ପ୍ରଭାବିତ ହେବାର ଆଶଂକା ରହିଛି ।

ବିଶ୍ୱ ବାଣିଜ୍ୟିକ ସ୍ଥିତି ସଂପର୍କରେ ବିଶ୍ୱ ବ୍ୟାଙ୍କର ରିପୋର୍ଟରେ କୁହାଯାଇଛି ଯେ ରପ୍ତାନୀ ବାଣିଜ୍ୟ କ୍ଷେତ୍ରରେ ୧୧୭ଟି ଦେଶ ମଧ୍ୟରେ ଚୀନର ସ୍ଥାନ ସର୍ବୋଚ୍ଚରେ ରହିଛି । ଆମେରିକା ଓ ଜର୍ମାନୀ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟରେ ରହିଛନ୍ତି । ମାତ୍ର ଭାରତର ସ୍ଥାନ ଦଶମରେ । ସେହିପରି ବିଶ୍ୱ ଆମଦାନୀ ବାଣିଜ୍ୟରେ ଆମେରିକା ସର୍ବୋଚ୍ଚ ସ୍ଥାନରେ ରହିଛି ଓ ପଛକୁ ପଛ ଚୀନ, ଜର୍ମାନୀ ରହିଛନ୍ତି । ଭାରତ ରହିଛି ଅଷ୍ଟମରେ ।

ଲଗାତର ନିଅିଆ ବାଣିଜ୍ୟ ଦେଶରେ ଅର୍ଥନୈତିକ ସଂକଟ ସୃଷ୍ଟିର କାରଣ ପାଲଟିବା କିଛି ଭିନ୍ନ କଥା ନୁହେଁ । ୨୦୨୪ ରେ ବଜେଟ ନିଅଣ୍ଟକୁ ସାମଗ୍ରୀକ ଜାତୀୟ ଉତ୍ପାଦନର ୫ ଦଶମିକ ୧ ପ୍ରତିଶତରେ ରଖିବା ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତା ରମଣ ଅନ୍ତରୀଣ ବଜେଟରେ ଘୋଷଣା କରିଥିଲେ । ତେବେ ସାଂପ୍ରତିକ ସ୍ଥିତିରେ ବାଣିଜ୍ୟିକ କାରବାର ପ୍ରଭାବିତ ହେବା ସହିତ ପ୍ରତ୍ୟକ୍ଷ ବୈଦେଶିକ ପୁଞ୍ଜି ବିନିଯୋଗ ପ୍ରତ୍ୟାହାର ବୃଦ୍ଧି ପାଇଛି । ଏଣେ ସୁନା ଓ ତୈଳ ଆମଦାନୀ ବୃଦ୍ଧି ବାଣିଜ୍ୟିକ ନିଅଣ୍ଟ ବୃଦ୍ଧିର କାରଣ ପାଲଟିଛି । ବିଶ୍ୱଅର୍ଥନୀତିର ଶିଥିଳ ଗତି ପାଇଁ ଦେଶର ରପ୍ତାନୀ ବାଣିଜ୍ୟ ଆଶାତୀତ ବୃଦ୍ଧି ପାଇବାରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି ।

ସମଗ୍ର ବିଶ୍ୱରେ ଦେଶର ବାଣିଜ୍ୟିକ କାରବାର ୨୦୨୩ରେ ୪୫ ହଜାର ଶହେ କୋଟି ଡଲାର ଥିବା ସ୍ଥଳେ ୨୦୨୪ ଅପ୍ରେଲ ସୁଦ୍ଧା ୩୯ ହଜାର ୪୯୯ କୋଟି ଡଲାରକୁ ହ୍ରାସ ପାଇଛି । ଏ କ୍ଷେତ୍ରରେ ରପ୍ତାନୀ ବାଣିଜ୍ୟ ୧ ଦଶମିକ ୮ ପ୍ରତିଶତ କମିଥିବା ବେଳେ ଆମଦାନୀ ପ୍ରାୟ ୩ ପ୍ରତିଶତ ନିମ୍ନମୁଖୀ ହୋଇଛି । ସାଧାରଣ ନିର୍ବାଚନ ଏହି ଅସ୍ଥିରତାର କାରଣ ହୋଇପାରେ ବୋଲି କୁହାଯାଉଥିବା ବେଳେ ସେବା କ୍ଷେତ୍ରର ବାଣିଜ୍ୟ ୬ ପ୍ରତିଶତ ବୃଦ୍ଧିପାଇଛି ।

ଆନ୍ତର୍ଜାତିକ ବାଣିଜ୍ୟ କାରବାରକୁ ସମତୁଲ ସ୍ଥିତିରେ ପହଞ୍ଚାଇବାକୁ ହେଲେ ରପ୍ତାନୀ ବୃଦ୍ଧି ଓ ଆମଦାନୀ ହ୍ରାସ ଏକ ଉତ୍କୃଷ୍ଟ ଅର୍ଥନୈତିକ ପଦକ୍ଷେପ। ରପ୍ତାନୀ ବାଣିଜ୍ୟ ବୃଦ୍ଧି ପାଇଁ ମୁଦ୍ରାର ଅବମୂଲ୍ୟାୟନ ଆଉ ଏକ ପନ୍ଥା ହୋଇଥିଲେ ମଧ୍ୟ ଏହାକୁ ଏକ ନିର୍ଣ୍ଣାୟକ ସ୍ଥିତିରେ ରଖାଯିବା ଅର୍ଥନୀତି ପାଇଁ ଗ୍ରହଣୀୟ ହୋଇପାରେ । କାରଣ ଆମଦାନୀ ବାଣିଜ୍ୟ ରପ୍ତାନୀକୁ ଅତିକ୍ରମ କରିଗଲେ ଦେଶରେ ପ୍ରଚଳିତ ମୁଦ୍ରାର ଚାହିଦା ନିମ୍ନଗାମୀ ହୋଇଯାଏ । ଏହି ପରିସ୍ଥିତିରେ ତ୍ୱରିତ ମୁକାବିଲା ପାଇଁ ବିଦେଶୀ ପୁଞ୍ଜି ନିବେଶ ବୃଦ୍ଧି ଅତ୍ୟନ୍ତ ଜରୁରୀ । ଏଣେ ପ୍ରତ୍ୟକ୍ଷ ବୈଦେଶିକ ପୁଞ୍ଜି ନିବେଶ ବୃଦ୍ଧି ଦେଶର ସ୍ଥିର ଓ ଦୃଢ଼ ସରକାର ଏବଂ ପ୍ରଚଳିତ କୋହଳ ବାଣିଜ୍ୟ ନୀତି ଉପରେ ନିର୍ଭରଶୀଳ । ଜଟିଳ ଟିକସ ପରିବେଶ ବିଦେଶୀ ପୁଞ୍ଜି ଆଗମନ କ୍ଷେତ୍ରରେ ଏକ ଶକ୍ତିଶାଳୀ ବାଧକ ମଧ୍ୟ । ଅନ୍ୟପକ୍ଷରେ ମୁଦ୍ରାର ଅବମୂଲ୍ୟାୟନକୁ ରୋକିବା ପାଇଁ ପ୍ରଚଳିତ କୋହଳ ଆର୍ଥିକ ନୀତି ଯେତେ ଜରୁରୀ ସୁଧହାର ହ୍ରାସ ମଧ୍ୟ ତତୋଧିକ ସମ୍ବେଦନଶୀଳ । ପ୍ରଚଳିତ ବିତ୍ତୀୟ ନୀତିରେ ସରକାରୀ ବ୍ୟୟ ହ୍ରାସ ପ୍ରତି ନୀତି ନିର୍ଦ୍ଧାରକଙ୍କ ଗୁରୁତ୍ୱ ମଧ୍ୟ ଅପରିହାର୍ଯ୍ୟ । ବାଣିଜ୍ୟିକ ନିଅଣ୍ଟର ତ୍ୱରିତ ମୁକାବିଲା ପାଇଁ କେନ୍ଦ୍ରୀୟ ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଗଚ୍ଛିତ ବିନିମୟ ମୁଦ୍ରାକୁ ବୈଦେଶିକ ବିନିମୟ ମୁଦ୍ରା ବଜାରରେ ବିକ୍ରି କରିବା ସହିତ ପ୍ରତିବଦଳରେ ଅନୁରୂପ ବିନିମୟ ମୁଦ୍ରା କ୍ରୟ ଆଉ ଏକ ସଂକଟ ମୋଚନକାରୀ ସାମୟୀକ ପନ୍ଥା ହୋଇପାରେ ।

*ସିଡିଏ, ସେକ୍ଟର–୬, କଟକ,*
*ମୋ– ୯୪୩୭୧୩୪୪୦୦*

# ସୃଷ୍ଟି ପାଇଁ ମାଟି

■ ଇନ୍ଦୁ ଭୂଷଣ ଭୂୟାଁ ■

ପୃଥିବୀ ସୃଷ୍ଟିର ଅନେକ ରହସ୍ୟ ମଧ୍ୟରୁ ଗୋଟିଏ ଗ୍ରହଣୀୟ ଯେ ଏହା ଉତ୍ତପ୍ତ ଗ୍ୟାସୀୟ ତରଳପଦାର୍ଥର ଶୀତଳୀକୃତ ଏକ କଠିନ ଆବରଣଯୁକ୍ତ ପିଣ୍ଡ । ସହସ୍ର ନିୟୁତ ବର୍ଷ ଧରି ପ୍ରାକୃତିକ ଶକ୍ତିଗୁଡ଼ିକ ପ୍ରଭାବରେ କଠିନ ଶିଳା ବିତାଡ଼ିତ, ବିଖଣ୍ଡିତ ତଥା ବିଘଟିତ ହୋଇ ସୃଷ୍ଟି କରିଛି ମାଟି, ଯାହା ଭୂପୃଷ୍ଠକୁ ଆଚ୍ଛାଦିତ କରି ରଖିଛି । ସେ ସୁଉଚ୍ଚ ଗିରିଶୃଙ୍ଗ ହେଉ କିମ୍ବା ସମୁଦ୍ର ଚଟାଣ ଅବା ସୁବିସ୍ତୃତ ସମତଳ ପ୍ରାନ୍ତର ସବୁଠି ମାଟିର ଉପସ୍ଥିତି ଦୃଶ୍ୟମାନ । କେବଳ ଫରକ ଆକାର, ସଙ୍ଗଠନ, ସଂରଚନା ଆଉ ରଙ୍ଗରେ । ମାଟିର ଏମିତି ବିଭିନ୍ନତା ପଛରେ ରହିଛି କେବଳ ଭୌଗୋଳିକ, ଜଳବାୟୁ ଏବଂ ଶିଳାଉତ୍ସର ବିବିଧତାଗତ କାରଣ। ଏସବୁ ସତ୍ତ୍ୱେ ମାଟି ସର୍ବତ୍ର ସାଜିଛି ସୃଷ୍ଟି ସର୍ଜନାର ମୂଳମନ୍ତ୍ର। ଏକକୋଷୀ ଜୀବରୁ ଆରମ୍ଭ ହୋଇଥିବା ଜୀବନ୍ତ ପୃଥିବୀର ଅଭିଯାନ ବିବର୍ତ୍ତନବାଦକୁ ଆୟୁଧ କରି ସମ୍ପ୍ରତି ପହଞ୍ଚିଛି ମଣିଷ ପରି ଉନ୍ନତ ଜୀବ ଓ ବୃକ୍ଷଲତା ପାଖରେ । ଏହି କାମରେ ମାଟି ଯେ କେବଳ ଜୀବସାର ପ୍ରାରମ୍ଭିକ କର୍ତ୍ତା ସାଜିଛି ତା ନୁହେଁ ବରଂ ଖଞ୍ଜି ଦେଇଛି ଜୀବିକାର ଉତ୍ସ, ଅମାପ ପ୍ରାକୃତିକ ସମ୍ପଦର ଭଣ୍ଡାର ଆଉ ଅଜାଡ଼ି ଦେଇଛି ଅକଳନୀୟ ଶକ୍ତିର ଉତ୍ସ । ହେଲେ ସମୟକ୍ରମେ ମାଟି ସହିତ ଅଙ୍ଗାଙ୍ଗୀ ଭାବେ ଯୋଡ଼ି ହୋଇ ଆସିଥିବା ମଣିଷର ଆର୍ଥିକ, ସାମାଜିକ, ସାଂସ୍କୃତିକ ଏବଂ ଧାର୍ମିକ ଭାବଧାରା ଧୀରେ ଧୀରେ ହ୍ରାସ ପାଉଥିବା ପରିଲକ୍ଷିତ ହେଉଛି । କିଛି ଅଂଶରେ ମାଟି ସହିତ ମଣିଷର ସମ୍ପର୍କ ସଙ୍କୁଚିତ ହୋଇଯାଉଛି ତ ଆଉ କିଛି ଭାଗରେ ମାଟି ଉପରେ ମଣିଷର ଉତ୍ପୀଡ଼ନ ବଢ଼ିଚାଲୁଛି । ମାଟିରୁ ମୋହ ଭାଙ୍ଗିଯାଉ କିମ୍ବା ମଣିଷ ପାଇଁ ମାଟି ଦୁଷ୍ପ୍ରାପ୍ୟ ହେଉ ଉଭୟ ପରିସ୍ଥିତି ଭବିଷ୍ୟତ ବିଶ୍ୱ ପାଇଁ ଉଦ୍‌ବେଗଜନକ । ଏହି ପ୍ରସଙ୍ଗରେ ମିଳିତ ଜାତିସଂଘ ସାଧାରଣ ପରିଷଦ ୨୦୧୩ ମସିହାରେ ଡିସେମ୍ବର ୫ ତାରିଖକୁ ବିଶ୍ୱ ମୃତ୍ତିକା ଦିବସ ରୂପେ ପାଳନ କରିବା ପାଇଁ ବିଧିବଦ୍ଧ ଘୋଷଣା କରନ୍ତି । ଏହାକୁ ଆଉ ଟିକେ ପ୍ରାଧାନ୍ୟ ଦେବାକୁ ଯାଇ ମିଳିତ ଜାତିସଂଘ ଖାଦ୍ୟ ଓ କୃଷି ସଂସ୍ଥା ୨୦୨୫ ମସିହା ଅନ୍ତର୍ଜାତୀୟ ମୃତ୍ତିକା ବର୍ଷ ଭାବେ ପାଳନ କରୁଛି, ଯାହାର ପୂର୍ତ୍ତି ଏ ବର୍ଷ ଡିସେମ୍ବର ୫ ତାରିଖ ଅର୍ଥାତ୍ ବିଶ୍ୱ ମୃତ୍ତିକା ଦିବସ ଅବସରରେ ମନାଯାଉଛି ।

ସୁସ୍ଥ ମାଟି ଖାଦ୍ୟ, ବସ୍ତ୍ର, ଜାଳେଣି, ଔଷଧ ଇତ୍ୟାଦି ଯୋଗାଣରେ ଏକମାତ୍ର ଉତ୍ସ ଭାବେ ପରିଗଣିତ । ମାଟି ଆମ ପରିବେଶ ପରିସଂସ୍ଥା ପାଇଁ ଏକ ଅନିବାର୍ଯ୍ୟ ଅଙ୍ଗ । ପରିବେଶର ଅତି ଦରକାରୀ ଅଙ୍ଗାରଚକ୍ର ପାଇଁ ମାଟି ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ପୃଷ୍ଠତଳ ସଂଗୃହୀତ କରି ରଖିବା, ବିଶୁଦ୍ଧ ଭୂତଳ ଜଳ ଉତ୍ସ ସୃଷ୍ଟି ଓ ଜଳ ପ୍ରଦାନ କରିବା ତଥା ବନ୍ୟା, ମରୁଡ଼ି ଆଦି ପ୍ରାକୃତିକ ବିପର୍ଯ୍ୟୟକୁ ପ୍ରଶମିତ କରିବା ଦିଗରେ ମାଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହି ମାଟି ଜୈବିକ ଅଙ୍ଗାରକର ସର୍ବ ବୃହତ୍ତମ ଭଣ୍ଡାର ଯାହା ଜଳବାୟୁ ପରିବର୍ତ୍ତନଜନିତ ପ୍ରତିକୂଳ ପ୍ରଭାବକୁ ପ୍ରଶମନ ତଥା ଖାପ୍ ଖୁଆଇ ନେବାରେ ସାହାଯ୍ୟ କରିଥାଏ । ପ୍ରାୟ ୮୦୦ କୋଟିରୁ ଅଧିକ ବିଶ୍ୱ ଜନସଂଖ୍ୟାରେ ଅନେକ ଲୋକ ଅର୍ଦ୍ଧାହାର, ଅନାହାର, କୁପୋଷଣର ଶିକାର ହୋଇ ଚାଲିଛନ୍ତି । ମିଳିତ ଜାତିସଂଘ ଖାଦ୍ୟ ଓ କୃଷି ସଂସ୍ଥାର ନିର୍ଦ୍ଦେଶକ ଜୋସେ ଗ୍ରାଜିଆନେ ଡି ସିଲ୍‌ଭାଙ୍କ ମତାନୁଯାୟୀ ବର୍ତ୍ତମାନର ଜନସଂଖ୍ୟା ବୃଦ୍ଧି ପାଖାପାଖି ୬୦ ପ୍ରତିଶତ ଅଧିକ ଖାଦ୍ୟ ଉତ୍ପାଦନ ଦରକାର କରେ । ମାତ୍ର ପରିତାପର ବିଷୟ ଏହିକିଯେ ଏତାଦୃଶ ସ୍ଥିତିରେ ବିଶ୍ୱର ୩୩ ପ୍ରତିଶତ ମୃତ୍ତିକା ସମ୍ପଦ ଅବକ୍ଷୟଗାମୀ। ମାଟି ଉପରେ ମଣିଷର ଅତ୍ୟଧିକ ବହୁମୁଖୀ ଚାପ ଏହାକୁ ତାର ସର୍ବନିମ୍ନ କାର୍ଯ୍ୟ ସମ୍ପାଦନ କରିବାରେ ବାଧା ସୃଷ୍ଟି କରିଚାଲିଛି । ମାଟିର କ୍ଷଣିକ ତଥା ଲାଭଦାୟକ ବ୍ୟବହାର ପାଇଁ ଏହାର ଅବକ୍ଷୟ, ସଙ୍କୋଚନ, ମୃତ୍ତିକା ବନ୍ଧନ, ଲବଣତା ବୃଦ୍ଧି, ଜୈବାଂଶ ପ୍ରତିହତ, ପୋଷଣହୀନତା, ଅମ୍ଳବୃଦ୍ଧି ତଥା ଅନ୍ୟାନ୍ୟ ପ୍ରଦୂଷଣ ମାତ୍ରା ଧୀରେ ଧୀରେ ବଢ଼ିଚାଲିଛି । ଏପରି ସ୍ଥିତି ଲାଗି ରହିଲେ ୧୯୬୦ ମସିହାରେ ମୁଣ୍ଡପିଛା ଉତ୍ପାଦନ କ୍ଷମତାଶୀଳ ମାଟି ଯେତିକି ଥିଲା ତାହା ୨୦୫୦ ମସିହା ବେଳକୁ ଏକ ଚତୁର୍ଥାଂଶରେ ପହଞ୍ଚିଥିବ । ଗୋଟିଏ ସେମିଟର ମୃତ୍ତିକା ସୃଷ୍ଟି ହେବା ପାଇଁ ପ୍ରକୃତିକୁ ୧୦୦୦ ବର୍ଷ ପର୍ଯ୍ୟନ୍ତ ସମୟ ଲାଗୁଥିଲା ବେଳେ ଆମେ ତାକୁ ୧୦୦୦ ଦିନରୁ କମ୍ ସମୟରେ ନଷ୍ଟ କରିଦେଉଛୁ । ନିରନ୍ତର ଉନ୍ନତିରେ ଖାଦ୍ୟ ସୁରକ୍ଷା ଓ ପୋଷଣ ଅନ୍ୟତମ ଅପରିହାର୍ଯ୍ୟ ଉପାଦାନ ଯାହା କେବଳ ସୁସ୍ଥ ମାଟି ହିଁ ପ୍ରଦାନ କରିଥାଏ । ମାତ୍ର କ୍ରମାଗତ ଭାବେ ନଷ୍ଟ ହୋଇ ଚାଲିଥିବା ମାଟି ଏବେ ପାସୋରି ହୋଇଯାଇଥିବା ଗୋଟେ ସମ୍ପଦର ସ୍ଥିତିରେ ଦଣ୍ଡାୟମାନ ।

ଜୈବବିବିଧତାର ଏକ ଚତୁର୍ଥାଂଶ ମାଟି ତଳେ ଅବସ୍ଥାନ କରୁଥିବାର ଦେଖାଯାଇଥାଏ । ଅସଂଖ୍ୟ ଅଣୁଜୀବ ଅଦୃଶ୍ୟ ଭାବେ ଅସୁମାରି କାମ କରିଚାଲିଥାନ୍ତି । ପଚାସଢ଼ା ମଇଳା ପଦାର୍ଥକୁ ବିଘଟନ କରି ପରିବେଶକୁ ବିଶୁଦ୍ଧ କରିଥାନ୍ତି ଏମାନେ । ମାଟିର ସଂସ୍ପର୍ଶରେ ସମ୍ଭବ ହୋଇଥାଏ ମଞ୍ଜିର ଅଙ୍କୁରୋଦ୍‌ଗମ, ବିସ୍ତାରିତ ହୁଅନ୍ତି ବୃକ୍ଷରାଜି ଆଉ ସବୁଜିମା। ଏହା ବିଶ୍ୱର ବୃହତ୍ ବିସ୍ମୟ ନୁହେଁ ତ ଆଉ କ'ଣ? ପ୍ରକୃତିର ପରିଚର୍ଯ୍ୟା ଏବଂ ପର୍ଯ୍ୟାବରଣ ପ୍ରତିଷ୍ଠା ପାଇଁ ପ୍ରତ୍ୟେକଟି ଉପାଦାନ ଖଞ୍ଜି ଦେଇଛି ମାଟି । ମାଟିର ସ୍ତରୀୟ ସଂରଚନା ଦେଇ ଭୂଗର୍ଭଗାମୀ ଭୂପୃଷ୍ଠଜଳର ବିଶୁଦ୍ଧୀକରଣ ପ୍ରକ୍ରିୟା ଯେ କୌଣସି ବୈଜ୍ଞାନିକ ଉପକରଣ ଠାରୁ ଉନ୍ନତମାନର ତାହା ନିଃସନ୍ଦେହ । କିନ୍ତୁ ମାଟିର ଏହି ମହନୀୟତାକୁ ଆମେ କ୍ରମଶଃ ହରାଇବାକୁ ବସିଛୁ । ମଣିଷର ଅପରିଣାମଦର୍ଶୀ ସ୍ୱେଚ୍ଛାଚାରିତାର ଶିକାର ହୋଇଚାଲିଛି ମାଟି । କୁଢ଼ କୁଢ଼ ବର୍ଜ୍ୟବସ୍ତୁର ଆବରଣରେ ଅଦୃଶ୍ୟ ହୋଇ ଚାଲିଛି ମାଟି । ସ୍ୱଳ୍ପ ଜମିରୁ ଅଧିକ ଉତ୍ପାଦନର ଆବଶ୍ୟକତାକୁ ଚରିତାର୍ଥ କରିବାକୁ ଯାଇ ମାଟିରେ ରାସାୟନିକ ସାର, କୀଟନାଶକ, ଜୈବପ୍ରଯୁକ୍ତିର ବହୁଳ ପ୍ରୟୋଗ ମାଟିର ମାନକୁ ନିମ୍ନଗାମୀ କରିପକାଇଲାଣି। ମାଟି ପାଇଁ ସୃଷ୍ଟି ବଞ୍ଚି ରହିଥିବା ବେଳେ ମରିଯାଉଥିବା ମାଟିକୁ ବଞ୍ଚାଇବା, ସଂକ୍ରମିତ ମାଟିକୁ ସୁସ୍ଥ କରିବାର ପ୍ରୟାସ ସମଗ୍ର ମାନବ ସମାଜର କାମ୍ୟ ହେବା ଜରୁରୀ ।

*ପୁରୁଣା ସୋନାରି, ଜାମସେଦପୁର,*
*ମୋ. ୭୪୮୮୯୯୮୫୩୨*

# ମହାନ୍ ବିପ୍ଳବୀ - ବାଘା ଯତୀନ୍

■ ଅକ୍ଷୟ କୁମାର ରାଉତ ■

ପ୍ରତି ଯୁଗରେ, ପ୍ରତି ଦେଶରେ ଦେଶପ୍ରେମୀଙ୍କର ଆବିର୍ଭାବ ଘଟେ। ଭାରତବର୍ଷର ଇତିହାସକୁ ଅନୁଶୀଳନ କଲେ ଅନେକ ଦେଶଭକ୍ତଙ୍କର ନାମ ଓ କାର୍ଯ୍ୟାବଳୀ ଦେଖିବାକୁ ମିଳେ। ଯେଉଁ କେତେ ଜଣ ଦେଶପ୍ରେମୀଙ୍କର ତ୍ୟାଗ ଉଜ୍ଜ୍ୱଳ ଦେଶପ୍ରେମରେ ଭାରତବର୍ଷର ଇତିହାସ ଋଦ୍ଧିମନ୍ତ ହୋଇଛି ସେମାନଙ୍କ ମଧ୍ୟରୁ ବିପ୍ଳବୀ ଯତୀନ୍ଦ୍ରନାଥ ମୁଖାର୍ଜୀ ଅନ୍ୟତମ। ଯାହାର କର୍ତ୍ତବ୍ୟବୋଧର ଭାବନାରେ ଯେଉଁ ଦେଶରେ ଜନ୍ମ, ଯାହାର ଶସ୍ୟ ଜଳ ଦ୍ୱାରା ସେ ପରିପୃଷ୍ଟ ଓ ବାୟୁରେ ଜୀବିତ ସେହି ଦେଶପ୍ରତି ତାଙ୍କର ପରମ ଶ୍ରଦ୍ଧା ଭକ୍ତି ରଖିବା ବିଧେୟ । ସେହି ମହାନ ଦେଶପ୍ରେମୀଙ୍କର ଜନ୍ମ ପଶ୍ଚିମ ବଙ୍ଗଳାର ନଦିଆ ଜିଲ୍ଲା କାୟାଗ୍ରାମରେ ସମ୍ଭବତଃ ୧୮୭୯ ମସିହା ଡିସେମ୍ବର ୭ ତାରିଖରେ ହୋଇଥିଲା । ତାଙ୍କ ମା'ଙ୍କ ନାଁ ଶାରଦା ଶଶୀ ଦେବୀ ଓ ପିତାଙ୍କ ନାମ ଉମେଶ ଚନ୍ଦ୍ର ମୁଖାର୍ଜୀ ।

ପିଲାଟି ଦିନରୁ ବାପାଙ୍କୁ ହରାଇ ମା'ଙ୍କ ଯତ୍ନରେ ସେ ବଢ଼ିଥିଲେ । ସେ ଦିନେ ଖେଳପଡିଆରୁ ଆସିବା ସମୟରେ କୁକୁରଟିକୁ ଦେଖି ଛାନିଆ ହୋଇଗଲେ। ତାଙ୍କ ପାଟି ଶୁଣି ମା' କହିଲେ ତୁ ସାହସର ସହିତ ଛିଡା ହୋଇଯା ଦେଖିବୁ କୁକୁରଟି ହଟିଯିବ। ସେୟା ହେଲା କୁକୁରଟି ପଳାଇଗଲା । ମା' ଯତୀନ୍‌କୁ ବୁଝାଇଦେଲେ ବିପଦ ଆସିଲେ ସାହାସର ସହିତ ତାର ମୁକାବିଲା କଲେ ବିପଦ ଟଳିଯିବ। ଦିନେ ଯତୀନ୍ ନଦୀରେ ଗାଧୋଇବା ବେଳେ ଜୁଆର ପାଣି ମାଡିଆସିଲା । ଯତୀନ୍ ନଦୀ ଭିତରେ ଏକ ବଡ ପଥର ଉପରକୁ ଉଠିଯାଇ କାନ୍ଦିବାକୁ ଲାଗିଲେ। ସାଙ୍ଗମାନେ ଯତୀନ୍‌ଙ୍କ ମା'କୁ ଡାକିଲେ। ମା କହିଲେ ମୋ ପୁଅ ଭାରି ସାହସୀ, ସେ ନିଜେ ପହଁରି ପହଁରି କୂଳକୁ ଆସିବ। ଯତୀନ୍ ମା'ଙ୍କ କଥାରେ ପହଁରି ପହଁରି ନଦୀକୂଳକୁ ଆସିଲେ ।

ଦିନେ ଯତୀନ୍ ସାଙ୍ଗମାନଙ୍କ ସହିତ ବଣଭୋଜି କରିବା ପାଇଁ ଜଙ୍ଗଲକୁ ଯାଇଥିଲେ। ସେଠାରେ ଗୋଟିଏ ହରିଣ ଛୁଆକୁ ସାଙ୍ଗମାନେ ଗୁଳି କରି ଧରିଆଣିଲେ। ଯତୀନ୍‌ଙ୍କର କିନ୍ତୁ ହରିଣ ଛୁଆଟି ପ୍ରତି ଦୟା ଆସିଲା । ସେ ହରିଣଟିକୁ ନମାରି ତାର ସେବା କରି ସୁସ୍ଥ କଲେ। ଦିନେ ଯତୀନ୍ ହରିଣ ଛୁଆଟିକୁ ଜଙ୍ଗଲରେ ଛାଡିଦେଲେ କିନ୍ତୁ ହରିଣଟି ଜଙ୍ଗଲକୁ ଗଲା ନାହିଁ । ସେ ଯତୀନ୍‌ଙ୍କ ପଛେ ପଛେ ତାଙ୍କ ଘରକୁ ପଳାଇଆସିଲା। ଦିନକର ଘଟଣା। ସାଙ୍ଗମାନଙ୍କ ସହିତ ଯତୀନ୍ ଜଙ୍ଗଲ ରାସ୍ତାରେ ଆସୁଥାନ୍ତି । ବାଘର ଗର୍ଜନ ଶୁଣି ସାଙ୍ଗମାନେ ଭୟରେ ଦୌଡି ପଳାଇଲେ । ବାଘଟି ଯତୀନ୍‌ଙ୍କ ଉପରକୁ ଝାମ୍ପ ମାରିଲା । ଉଭୟଙ୍କ ମଧ୍ୟରେ କିଛି ସମୟ ଲଢ଼େଇ ଚାଲିଲା । ଲଢ଼େଇରେ ବାଘଟି ମରିଗଲା। ଯତୀନ୍‌ର ସାଙ୍ଗମାନେ ଏ କଥା ଚାରିଆଡେ ପ୍ରଚାର କରିଦେଲେ। ସେହି ଦିନଠାରୁ ତାଙ୍କୁ ସମସ୍ତେ ଯତୀନ୍ ବଦଳରେ ବାଘାଯତୀନ୍ ବୋଲି କହିଲେ।

ସେ ମା'ଙ୍କଠାରୁ ସାହାସିକତା ଓ ବିପଦବେଳେ ଧୈର୍ଯ୍ୟ ଧରିବା ଶିକ୍ଷା କରିଥିଲେ। ଇଂରେଜମାନଙ୍କର ଅତ୍ୟାଚାରରୁ ନିଜ ମାତୃଭୂମିକୁ ରକ୍ଷା କରିବାକୁ ସଦାସର୍ବଦା ଚେଷ୍ଟା କରିବୁ, ମା'ଙ୍କର ଏହି ପଦିକ କଥା ତାଙ୍କର ସବୁଦିନ ପାଇଁ ମନେଥିଲା। ରେଳଗାଡିରେ ଯାତ୍ରା ସମୟରେ ଯତୀନ୍ ସିଲିଗୁଡି ଷ୍ଟେସନରେ ଦେଖିଲେ ଚାରିଜଣ ଗୋରା ସୈନିକ ଝିଅବୋହୂମାନଙ୍କୁ ଅପମାନିତ କରୁଥାନ୍ତି । ଏହି ଘଟଣା ତାଙ୍କ ଦେହରେ ଗଲାନାହିଁ। ପାଣି ପିଇବା ପାଇଁ ଯତୀନ୍ ରେଳଗାଡିରୁ ଓହ୍ଲାଇଲା ବେଳେ ଜଣେ ସୈନିକ ତାଙ୍କୁ ଧକ୍କା ମାରିଦେଲେ। ଯତୀନ୍ ସାଙ୍ଗେସାଙ୍ଗେ ଚାରିଜଣ ସୈନିକଙ୍କୁ ଭଲଭାବରେ ମୁଥମାରି ତଳେ ପକାଇଦେଲେ । ସୈନିକମାନେ ଆଉ ସାହସ କଲେ ନାହିଁ ଲଢ଼ିବା ପାଇଁ ଯତୀନ୍‌ଙ୍କ ସହିତ ।

ଯତୀନ୍ କ୍ରିଷ୍ଣାନଗର ଆଙ୍ଗୋଲ ଭରନାକୁଲାର ସ୍କୁଲରେ ପାଠପଢ଼ା ଶେଷ କରି କଲିକତା ସେଣ୍ଟ୍ରାଲ କଲେଜରେ ଫାଇନ୍ ଆର୍ଟସ୍ ପାଠ ପଢ଼ିଲେ । ତାଙ୍କର ବିଭାଘର ଇନ୍ଦୁବାଳା ବାନାର୍ଜୀଙ୍କ ସହିତ ହୋଇଥିଲା। ସେ ଚାରୋଟି ସନ୍ତାନର ଜନକ ହୋଇଥିଲେ। ଯତୀନ୍ ବଙ୍ଗଳା ସରକାରଙ୍କ ଅଧୀନରେ ଚାକିରିଟିଏ କରିଥିଲେ ।ଏହି ସମୟରେ ବଙ୍ଗଳାରେ ପ୍ଲେଗ୍ ରୋଗ ଦେଖାଦେଲା । ବହୁ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କଲେ। ଲୋକଙ୍କ ସେବାରେ ଯତୀନ୍ ଲାଗିପଡିଲେ। ଏହି ସେବା ସମୟରେ ଯତୀନ୍, ଅରବିନ୍ଦ ଘୋଷ ପ୍ରଭୃତି କେତେଜଣ ଦେଶଭକ୍ତଙ୍କ ସହିତ ପରିଚିତ ହେଲେ। ସେମାନଙ୍କ ପରାମର୍ଶ ଅନୁଯାୟୀ ସେ 'ଯୁଗାନ୍ତର' ନାମରେ ଏକ କ୍ରାନ୍ତିକାରୀ ଦଳ ଗଠନ କଲେ। ଏହି ସଙ୍ଗଠନର ଲକ୍ଷ୍ୟ ହେଲା ଦେଶକୁ ସ୍ୱାଧୀନ କରିବା । ଇଂରେଜ ସରକାରଙ୍କୁ ଦେଶରୁ ତଡିବା। ଗୋରା ସରକାର ଅରବିନ୍ଦ ଘୋଷଙ୍କୁ ଗିରଫ କଲେ। ଆଲ୍ଲିପୁର କୋର୍ଟରେ ତାଙ୍କର ବିଚାର ଚାଲିଥାଏ। ଏହି ସମୟରେ ଇଂରେଜ ସରକାରଙ୍କ ଡେପୁଟି ସୁପରିଟେଣ୍ଡ୍ଣ୍ଟ ଓ ସରକାରୀ ଓକିଲଙ୍କୁ ହତ୍ୟା କରାଗଲା। ଏହି ଦୋଷରେ ଯତୀନ୍‌ଙ୍କୁ ସରକାର ଗିରଫ କଲେ। କିଛି ଦିନପରେ ଯତୀନ୍ ଜେଲ୍‌ରୁ ମୁକ୍ତି ଲାଭକଲେ ।



ପ୍ରଥମ ବିଶ୍ୱ ଯୁଦ୍ଧ ଚାଲିଥାଏ। ଏହି ସମୟରେ ଯତୀନ୍ ଦେଶପ୍ରେମୀମାନଙ୍କୁ ଏକଜୁଟ କଲେ। ଚତୁରତାର ସହିତ ଯତୀନ୍ ହାଓ୍ୱଡାରେ ଥିବା ଇଂରେଜମାନଙ୍କର ଅସ୍ତ୍ରଭଣ୍ଡାରରୁ ଅସ୍ତ୍ର ଚୋରାଇ ଆଣିଲେ। ଯତୀନଙ୍କୁ ପୋଲିସ୍ ଧରିବା ପାଇଁ ଚାରିଆଡେ ଜାଲ ବିଛାଇଲା । ତେଣୁ ଯତୀନ୍ ପଞ୍ଜାବ ପଳାଇଲେ । ସେ ବର୍ମା, ସିଙ୍ଗାପୁର, ଜାଭା ଆଦି ବହୁ ସ୍ଥାନରେ ଲୋକମାନଙ୍କୁ ସ୍ୱାଧୀନତା ପାଇଁ ମତାଇଲେ । ଗୋରା ସରକାରଙ୍କ ସହିତ ଲଢ଼ିବା ପାଇଁ ଆସ୍ତ୍ରଶସ୍ତ୍ର ଆବଶ୍ୟକତା ଯୋଗୁ ସେ ଜର୍ମାନ୍ ଓ ଜାପାନ ସହିତ ସମ୍ପର୍କ ରଖିଲେ। ଜର୍ମାନରୁ ଅସ୍ତ୍ର ଆସିବା ଠିକ୍ ହେଲା । ଦେଶଭକ୍ତ ମାନଙ୍କୁ ଏକତ୍ରିତ କରି କାର୍ଯ୍ୟ କରିବା ପାଇଁ 'ହରି ଏଣ୍ଡସନ୍' ଓ ଶ୍ରମଜୀବୀ ସମବାୟ ଅନୁଷ୍ଠାନ ଏବଂ ବାଲେଶ୍ୱରରେ 'ୟୁନିଭର୍ସାଲ୍ ଏମ୍ପୋରିୟମ୍' ନାମକ ଅନୁଷ୍ଠାନ ସ୍ଥାପନ କରାଗଲା। ଜର୍ମାନରୁ ତିନୋଟି ଗୋଳାବାରୁଦ ବୋଝେଇ ଜାହାଜ ଭାରତକୁ ଆସିଲା । ମେଭ୍‌ରିକ୍ ଜାହାଜରୁ ଅସ୍ତ୍ରଶସ୍ତ୍ର ବାଲେଶ୍ୱର ଉପକୂଳରେ ଓହ୍ଲାଇବା ପାଇଁ ଯତୀନ୍ ଦାୟିତ୍ୱ ନେଲେ । ତାଙ୍କ ସହିତ ଯତୀନ୍ଦ୍ର ପାଲ ନରେନ୍ଦ୍ର ଦାସଗୁପ୍ତ, ମନୋରଞ୍ଜନ ସେନଗୁପ୍ତ, ଚିତ୍ତପ୍ରିୟ ରାୟ କପ୍ତିପଦା ଜଙ୍ଗଲରେ ସନ୍ୟାସୀ ବେଶରେ ଲୁଚିକରି ରହିଥିଲେ। ଫ୍ରାନ୍ସ ସରକାର ମେଭ୍‌ରିକ୍ ଜାହାଜର ସନ୍ଧାନ ଇଂରେଜ ସରକାରଙ୍କୁ ଜଣାଇ ଦେବାରୁ ଯତୀନ୍‌ଙ୍କର ସମସ୍ତ ପରିଶ୍ରମ ବ୍ୟର୍ଥ ହେଲା। ମେଭ୍‌ରିକ୍ ଜାହାଜ ଉପରେ ଇଂରେଜମାନଙ୍କର ଚାରୋଟି ଜାହାଜ ଚଢ଼ଉ କରିଦେଲେ। ସାଙ୍ଗରେ ଆଣିଥିବା ସମସ୍ତ ଅସ୍ତ୍ରଶସ୍ତ୍ରକୁ ସେମାନେ ସମୁଦ୍ରରେ ଫୋପାଡିଦେଇ ଚାଲିଗଲେ ।

ଇଂରେଜ ସରକାର ଆନ୍ଦୋଳନକାରୀ ମାନଙ୍କର ଆନ୍ଦେଳନକୁ ଦମନ କରିବାକୁ ସବୁପ୍ରକାର ପନ୍ଥା ଅବଲମ୍ବନ କରୁଥାଆନ୍ତି । ସେମାନେ ଖବର ପାଇଲେ ଯେ କିଛି ଆନ୍ଦୋଳନକାରୀ ସନ୍ୟାସୀ ବେଶରେ କପ୍ତିପଦା ଜଙ୍ଗଲରେ ରହୁଛନ୍ତି। ସେମାନେ କାଳବିଳମ୍ବ ନକରି କପ୍ତିପଦା ଜଙ୍ଗଲକୁ ଚାରିପଟୁ ଘେରିଗଲେ । ଯତୀନ୍ ଓ ତାଙ୍କର ସାଥିମାନେ କୌଶଳରେ ଜଙ୍ଗଲରୁ ପଳାଇ ଯାଇ ରେଳଗାଡି ଯୋଗେ ଦୂରକୁ ପଳାଇଗଲେ। ବିପଦର ସୂଚନା ପାଇଁ ଯତୀନ୍ ଓ ତାଙ୍କର ସାଥିମାନେ ଚଳନ୍ତା ରେଳଗାଡିରୁ ଡେଇଁପଡିଲେ । ବୁଢ଼ାବଳଙ୍ଗ ନଦୀ କୂଳରେ ଥିବା ଚଷାଖଣ୍ଡ ଗାଁ ନିକଟରେ ଦୁଇଜଣ ଇଂରେଜ ଗୋଲାମ ସୁଦାମ ଗିରି ଓ ରାଜୁ ମହାନ୍ତି ଯତୀନ୍‌ଙ୍କୁ ଚିହ୍ନିପାରି ଇଂରେଜମାନଙ୍କୁ ଖବର ଦେଇଦେଲେ । କାଳ ବିଳମ୍ବ ନକରି ଇଂରେଜ ସରକାର ଚଷାଖଣ୍ଡ ଗାଁ ନିକଟ ଜଙ୍ଗଲକୁ ଘେରିଗଲେ। ଉଭୟଙ୍କ ମଧ୍ୟରେ ଚାଲିଲା ଘାମାଘୋଟ ଲଢ଼େଇ। ଯତୀନ୍ ଗୁଳିର ଜବାବ ଗୁଳିରେ ଦେଲେ। ଯତୀନ୍ ଓ ତାଙ୍କ ସାଙ୍ଗମାନଙ୍କ ଗୁଳିମାଡରେ ଇଂରେଜ ସୈନ୍ୟମାନେ ଛିନ୍ନଛତ୍ର ହୋଇଗଲେ। ଇଂରେଜ ସୈନିକଙ୍କ ଗୁଳିରେ ଚିତ୍ତପ୍ରିୟ ଟଳିପଡିଲେ। ଯତୀନ୍ ଗୁଳିମାଡରେ ମୂର୍ଚ୍ଛା ହୋଇଗଲେ। ଇଂରେଜ ସୈନ୍ୟମାନେ ତାଙ୍କୁ ବାଲେଶ୍ୱର ଡାକ୍ତରଖାନାକୁ ନେଇଗଲେ । ଅତ୍ୟଧିକ ରକ୍ତସ୍ରାବ ଯୋଗୁ ଯତୀନ୍‌ଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଗଲା । ସେ ପାଣି ପାଣି ବୋଲି ଚିତ୍କାର କଲେ । ଟେଗାର୍ଟ ସାହେବ ତାଙ୍କୁ ପାଣି ଦେବାରୁ ସେ ପାଣି ଫେରାଇ ଦେଇ କହିଲେ ଟେଗାର୍ଟ ସାହେବ ପାଣି ବଦଳରେ ତୁମେ କଣ ମୋ ଦେଶକୁ ଛାଡି ଚାଲିଯାଇପାରିବ । ମୋ ଦେଶବାସୀଙ୍କୁ ସ୍ୱାଧୀନତା ଫେରାଇ ଦେଇପାରିବ । ଟେଗାର୍ଟ ସାହେବ ଯତୀନ୍‌ଙ୍କର ଏଭଳି ଦେଶଭକ୍ତି ଦେଖି ନିରବ ରହିଲେ । ଶେଷରେ ୧୯୧୫ ମସିହା ସେପ୍ଟେମ୍ବର ମାସ ୧୦ ତାରିଖରେ ବିପ୍ଳବୀ ବାଘାଯତୀନ୍ ଭାରତମାତାଙ୍କୁ ପ୍ରଣାମ କରି ଶେଷ ନିଶ୍ୱାସ ତ୍ୟାଗକରି ସବୁଦିନ ପାଇଁ ଆଖି ବୁଜିଦେଲେ । ହେଲେ ଆଜି ବି ସେହି ମହାନ ବିପ୍ଳବୀଙ୍କର ବାଣୀ ଆମମାନଙ୍କ ହୃଦୟରେ ଗୁଞ୍ଜରିତ ହେଉଛି ।

*କୁଜଙ୍ଗ, ଜଗତ୍‌ସିଂହପୁର*
*ମୋ.– ୯୯୩୭୬୯୧୪୭୫*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୭ ଡିସେମ୍ବର ୨୦୨୫ ରବିବାର ପୃଷ୍ଠା ୫

# ଯିଶୁଙ୍କ ଆଗମନର ପ୍ରତୀକ୍ଷା

ସାରା ବିଶ୍ୱର ଖ୍ରୀଷ୍ଟ ଅନୁଗାମୀମାନେ ବିଶ୍ୱାସ କରନ୍ତି ଯିଶୁ ପୁଣିଥରେ ଫେରିବେ ଧରାପୃଷ୍ଠକୁ । ଏହି ବିଶ୍ୱାସ ଯୋଗୁ ସେମାନେ ପ୍ରତିବର୍ଷ ଯିଶୁଙ୍କ ପୁନଃ ଆଗମନ ପାଇଁ ଅପେକ୍ଷା କରନ୍ତି । ଖ୍ରୀଷ୍ଟମାସ ବା ଯିଶୁଙ୍କ ଜନ୍ମଦିନର ଏକମାସ ପୂର୍ବରୁ ତାଙ୍କ ଆଗମନ ପାଇଁ ପ୍ରସ୍ତୁତି ଆରମ୍ଭ କରନ୍ତି । ଚଳିତବର୍ଷ ଡିସେମ୍ବର ମାସର ପ୍ରଥମ ରବିବାରରୁ ଯିଶୁଙ୍କ ଆଗମନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଖ୍ରୀଷ୍ଟିଆନ୍‌ମାନେ ଏହାକୁ ଆଡ୍‌ଭେଣ୍ଟ ବା ଆଗମନୀ ପ୍ରସ୍ତୁତି ଭାବରେ ପାଳନ କରନ୍ତି । ଏହି ପ୍ରସ୍ତୁତି ପର୍ବ ଚାରୋଟି ରବିବାର ପାଳନ କରାଯାଏ । ତେଣୁ ଡିସେମ୍ବର ୨୫ ତାରିଖରେ ଶେଷ ହେବ ଆଡ୍‌ଭେଣ୍ଟ ରବିବାର । ବର୍ତ୍ତମାନ ଖ୍ରୀଷ୍ଟିଆନମାନେ ଏହାକୁ ଏକ ଉତ୍ସବ ଭାବରେ ପାଳନ କରୁଥିବା ବେଳେ ପୁରୁଣା ସମୟରେ ସେମାନେ ଏହାକୁ ବ୍ରତ ଭାବରେ ପାଳନ କରୁଥିଲେ । ପ୍ରତିବର୍ଷ ଯେ ଡିସେମ୍ବର ମାସରେ ଆଡ୍‌ଭେଣ୍ଟ ରବିବାର ଆରମ୍ଭ ହେବ ତା' ନୁହେଁ ଏହା ନଭେମ୍ବର ୨୭ରୁ ୩ ଡିସେମ୍ବର ମଧ୍ୟରେ ପଡୁଥିବା ରବିବାରରୁ ହିଁ ଆରମ୍ଭ ହେବ । ଚାରି ସପ୍ତାହ ବ୍ୟାପୀ ଏହି ପ୍ରସ୍ତୁତି ଶେଷ ହୋଇଥାଏ ଖ୍ରୀଷ୍ଟମାସ ପୂର୍ବ ରବିବାରରେ । ବର୍ତ୍ତମାନ ସାରା ବିଶ୍ୱର ଚର୍ଚ୍ଚମାନଙ୍କରେ ଯିଶୁଙ୍କ ଆଗମନ ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି ଉତ୍ସବ ପାଳନ ହେଉଛି । ଖ୍ରୀଷ୍ଟ ଅନୁଗାମୀମାନେ ନିଜ ନିଜ ଘରେ ମଧ୍ୟ ଏହି ପ୍ରସ୍ତୁତି କରୁଛନ୍ତି । ଆଡ୍‌ଭେଣ୍ଟର ଚାରି ସପ୍ତାହ ପାଇଁ ଚାରୋଟି ମହମବତି ପ୍ରଜ୍ୱଳନ କରାଯାଏ । ଆଡ୍‌ଭେଣ୍ଟ ପାଇଁ ଯେଉଁ ପୁଷ୍ପ ସଜ୍ଜା ହୋଇଥାଏ ସେଥିରେ ଚାରୋଟି ମହମବତି ରଖାଯାଇଥାଏ । ପ୍ରତି ରବିବାର ଏ ମଧ୍ୟରୁ ଗୋଟିଏ ପ୍ରଜ୍ୱଳିତ ହୁଏ । ପ୍ରତ୍ୟେକ ଫୁଲ ସଜ୍ଜାରେ ମିଠା ଏବଂ ଶୁଖିଲା ଖାଦ୍ୟ ରଖାଯାଇଥାଏ । କେତେକ ସ୍ଥାନରେ କମଳା ଚାରିପଟେ ଲାଲ ରିବନ ବନ୍ଧାଯାଇ ଏହା ମଧ୍ୟରେ ଗୋଟିଏ ମହମବତି ଭର୍ତ୍ତି କରାଯାଏ । ଏଠାରେ ମହମବତି ପୃଥିବୀର ପ୍ରତୀକ ଏବଂ ମହମବତିଟି ଯିଶୁଙ୍କ ପ୍ରତୀକ । ଲାଲ୍ ରିବନ୍ ପୃଥିବୀ ପାଇଁ ଯିଶୁଙ୍କ ତ୍ୟାଗ, ତାଙ୍କ ରକ୍ତର ପ୍ରତୀକ । ଏଥିରେ ଚାରୋଟି ମହମବତି ବର୍ଷର ଚାରୋଟି ଋତୁର ପ୍ରତୀକ । ଲେଣ୍ଟ ପରି ଏହି ପ୍ରସ୍ତୁତିର ମୁଖ୍ୟ ଅଙ୍ଗ ପ୍ରାର୍ଥନା ଏବଂ ଖାଦ୍ୟ ସଂଯମତା ।





**ବ**ର୍ତ୍ତମାନ ଗ୍ରେଗୋରିଆନ୍ କ୍ୟାଲେଣ୍ଡରରେ ଏହା ବର୍ଷର ଶେଷ ମାସରେ ଆସୁଛି । କିନ୍ତୁ ପୁରାତନ କ୍ୟାଲେଣ୍ଡର ଅନୁଯାୟୀ ଏହା ପ୍ରଥମ ମାସରେ ଆସୁଥିଲା । ୟୁରୋପୀୟ ଖ୍ରୀଷ୍ଟିଆନ୍‌ମାନେ ପଞ୍ଚମ ଶତାବ୍ଦୀରୁ ଏହି ଉତ୍ସବ ପାଳନ କରିଆସୁଥିଲେ ବୋଲି ଜଣାପଡ଼ିଛି । ସେତେବେଳେ ବିଶ୍ୱାସ ଥିଲା ଯିଶୁଙ୍କ ଆଗମନ ପୂର୍ବରୁ ସ୍ୱର୍ଗରୁ ତିନିଜଣ ରାଜା ପୃଥିବୀ ପରିଦର୍ଶନରେ ଆସୁଥିଲେ । ସେମାନେ ଦେଖୁଥିଲେ ଈଶ୍ୱର ଆସିବା ପାଇଁ ପରିବେଶ ଅନୁକୂଳ ତ? ମଧ୍ୟଯୁଗ ସମୟରେ ଯିଶୁଙ୍କ ପ୍ରଥମ ଆଗମନ ସହ ଏହି ଉତ୍ସବକୁ ସାମିଲ କରାଗଲା । ତେବେ ଆଡ୍‌ଭେଣ୍ଟ ପୁଷ୍ପସଜ୍ଜାରେ ମହମବତି ସଂଯୋଗ ହେଲା ଊନବିଂଶ ଶତାବ୍ଦୀରେ ବ୍ରିଟେନ୍‌ର ପ୍ରୋଟେଷ୍ଟାଣ୍ଟ ଚର୍ଚ୍ଚଗୁଡ଼ିକରେ । ଚର୍ଚ୍ଚ ଅଫ୍ ଇଂଲଣ୍ଡ ସୂତ୍ରରୁ ଜଣାପଡ଼ିଛି ସେତେବେଳେ ଏହି ଚର୍ଚ୍ଚ ସମଗ୍ର ଉତ୍ତର ୟୁରୋପକୁ ପ୍ରଭାବିତ କରୁଥିଲା । ତେଣୁ ସେସବୁ

କରିଥିଲେ ଏବଂ ସେ ପୁଣିଥରେ ପୃଥିବୀକୁ ଫେରିବେ ବୋଲି ବିଶ୍ୱାସ ରହିଛି । ଏହାକୁ ନେଇ ଖ୍ରୀଷ୍ଟୀୟ ଧର୍ମଯାଜକମାନଙ୍କର ବିଭିନ୍ନ ଭବିଷ୍ୟବାଣୀ ମଧ୍ୟ ରହିଛି । ଯିଶୁଙ୍କ

ଯିଶୁଙ୍କ ଆଗମନ ପାଇଁ ୪୦ଦିନର ଜନ୍ମ ଉପବାସ ବ୍ରତ ରଖାଯାଏ । ଯାହାକୁ କୁହାଯାଏ ନେଟିଭିଟି ଫାଷ୍ଟ । ତେବେ ପାଶ୍ଚାର୍ତ୍ୟ ଦେଶରେ ଏ ପ୍ରସ୍ତୁତିର ଧାରା ଭିନ୍ନ । ଖ୍ରୀଷ୍ଟିଆନ୍‌ମାନେ ବିଶ୍ୱାସ

ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା କୁହାଯାଉଛି । ଆଉ କେତେକଙ୍କ ମତ ଯିଶୁଙ୍କ ପ୍ରଥମ ବାରଜଣ ଶିଷ୍ୟ ବା ଆପୋଷ୍ଟୋଲ୍‌ମାନଙ୍କ ସମୟରୁ ଏହା ପ୍ରଚଳିତ । ସେଣ୍ଟ ପିଟର ଏହି ଧାରା

ଶୃଙ୍ଖଳା ମଧ୍ୟରେ ସୀମିତ ଥିଲା ଷଷ୍ଠ ଶତାବ୍ଦୀ ପର୍ଯ୍ୟନ୍ତ । ୫୮୧ ମସିହାଠାରୁ ଏହା ଫ୍ରାନ୍ସରେ ଲାଗୁ ହୋଇଥିଲା । ତ୍ରୟୋଦଶ ଶତାବ୍ଦୀ ବେଳକୁ ଆଡଭେଣ୍ଟ ଉପବାସ ଧାରା କ୍ରମଶଃ ହ୍ରାସ ପାଇ ଅଳ୍ପ କେତେକ ରକ୍ଷଣଶୀଳ ଧର୍ମବିଶ୍ୱାସୀଙ୍କ ମଧ୍ୟରେ ସୀମିତ ହୋଇଥିଲା । ୧୩୬୨ ମସିହାରେ ପୋପ୍ ଅର୍ବାନ୍ ପଞ୍ଚମଙ୍କ ଦାୟିତ୍ୱ ଗ୍ରହଣ ପରେ ସେ ଅନୁଗାମୀମାନଙ୍କୁ ନିଶା, ଆମିଷ ଓ ଯୌନ ସମ୍ପର୍କରୁ ଦୂରେଇ ରହିବାକୁ କହିଥିଲେ ମାତ୍ର ଉପବାସକୁ ବାଧ୍ୟମୂଳକ କରିନଥିଲେ । ସେବେଠାରୁ ଏହି ଧାରା ଅବ୍ୟାହତ ଅଛି । ତେବେ ଏହା କେବେବି ବାଧ୍ୟତାମୂଳକ କରାଯାଇନଥିଲେ । ତେବେ ଏହି ଅବଧି ମଧ୍ୟରେ ଖ୍ରୀଷ୍ଟିଆନ୍‌ମାନେ ବିବାହ ନକରିବାର ପରମ୍ପରା ରହିଛି । ଏହି ସମୟ ମଧ୍ୟରେ ଚର୍ଚ୍ଚ ମାନଙ୍କର ବିଶେଷ ବାଇବେଲ୍ ଶିକ୍ଷା ଦିଆଯାଏ । ସାଧାରଣତଃ ଆଡ୍‌ଭେଣ୍ଟ ସାଜସଜ୍ଜାରେ ଗୋଲାପୀ–ବାଇଗେଣୀ ରଙ୍ଗରର କପଡ଼ା, ମହମବତି ବ୍ୟବହାର କରାଯାଉଥିବା ବେଳେ ଆଶାର ରଙ୍ଗ ଭାବରେ ନୀଳରଙ୍ଗ ମଧ୍ୟ ବ୍ୟବହୃତ ହୁଏ । କେତେକ ଚର୍ଚ୍ଚରେ ତୃତୀୟ ରବିବାର ଗୋଲାପୀ ରଙ୍ଗ ବ୍ୟବହାର





ଦେଶରେ ମଧ୍ୟ ଆଡ୍‌ଭେଣ୍ଟ ସଜସଜ୍ଜାରେ ମହମବତି ସାମିଲ ହୋଇଗଲା । ଆଡ୍‌ଭେଣ୍ଟର ମହମବତି ଭାବରେ ମୁଖ୍ୟତଃ ଗୋଲାପୀ–ବାଇଗାଣି ରଙ୍ଗର ମହମବତି ବ୍ୟବହାର କରାଯାଏ । ଚର୍ଚ୍ଚ ମାନଙ୍କରେ ଧର୍ମଯାଜକମାନେ ବାଇଗଣି ରଙ୍ଗର ପୋଷାକରେ ପ୍ରାର୍ଥନା ପରିଚାଳନା କରନ୍ତି ଏବଂ ଚର୍ଚ୍ଚର ଗର୍ଭଗୃହ ଏବଂ ଆଲୋଚନା ସଜ୍ଜାରେ ମଧ୍ୟ ବାଇଗଣି ରଙ୍ଗ ବ୍ୟବହାର କରାଯାଏ ।

ପ୍ରାୟ ୨ହଜାର ବର୍ଷ ତଳେ ଯିଶୁଖ୍ରୀଷ୍ଟ ସ୍ୱର୍ଗ ଆରୋହରଣ

ପୁନଃ ଆଗମନ ପାଇଁ ଅନେକ ତାରିଖ ମଧ୍ୟ ଅନୁମାନ କରାଯାଇଛି । ତଥାପି ଅନେକଙ୍କର ବିଶ୍ୱାସ ଆଗାମୀ ଦଶନ୍ଧିରେ ଯିଶୁ ନିଶ୍ଚୟ ଆସିବେ । ଅନେକ ୨୦୧୭ କିମ୍ବା ୨୦୧୮ ମସିହାରେ ଯିଶୁ ପୁଣିଥରେ ପୃଥିବୀକୁ ଫେରିବେ ବୋଲି ଆଶାବାନ୍ଧି ବସିଛନ୍ତି ।

ଯିଶୁଙ୍କ ପୁନଃ ଆଗମନ ପାଇଁ ପ୍ରତୀକ୍ଷା ଓ ପ୍ରସ୍ତୁତିର ଇତିହାସ ବହୁ ପୁରୁଣା । ଯିଶୁଙ୍କ ଦେହାବସାନ ପରଠାରୁ ହିଁ ସାରା ବିଶ୍ୱରେ ଯିଶୁ ଅନୁଗାମୀମାନେ ଏହି ଦିନକୁ ଚାହିଁ ବସିଛନ୍ତି । ଇଷ୍ଟର୍ଣ୍ଣ ଅର୍ଥୋଡକ୍ସ ଚର୍ଚ୍ଚରେ



କରନ୍ତି ଯିଶୁ ତିନିଥର ଆସିବେ, ପ୍ରଥମଥର ରକ୍ତ ମାଂସର ଶରୀରରେ ବେଥେଲ୍‌ହାମ୍‌ରେ, ଦ୍ୱିତୀୟରେ ପ୍ରତିଦିନ ଆମ ହୃଦୟରେ ଏବଂ ଯେତେବେଳେ ପୃଥିବୀ ଶେଷ ହେବ ସେତେବେଳେ ।

ଆଡ୍‌ଭେଣ୍ଟ ପାଳନର ଧାରା କେବେ ଆରମ୍ଭ ହେଲା ଏହା ନେଇ ଖ୍ରୀଷ୍ଟ ଗବେଷକମାନେ ଏକମତ ନୁହନ୍ତି । ୪୮୦ ଖ୍ରୀଷ୍ଟାବ୍ଦରୁ ଏହା ପାଳନ ହୋଇଆସୁଛି ଓ ୫୬୭ରେ ଖ୍ରୀଷ୍ଟିଆନ୍ ଧର୍ମଯାଜକମାନେ ଖ୍ରୀଷ୍ଟମାସ ପର୍ଯ୍ୟନ୍ତ ଡିସେମ୍ବର ମାସରେ ଖାଦ୍ୟ ସଂଯମତା ଓ ଉପବାସ ରଖିବା ପାଇଁ କେତେକ ଚର୍ଚ୍ଚ

ଆରମ୍ଭ କରିଥିଲେ ବୋଲି କେତେକ ବିଶ୍ୱାସ କରନ୍ତି । କେତେକ ସୂତ୍ର ଅନୁଯାୟୀ ପଞ୍ଚମ ଶତାବ୍ଦୀରେ ଫାଦର ପର୍ଫେଟସ୍ ସେଣ୍ଟ ମାଟନ ଡେ' (ନଭେମ୍ବର ୧୧) ଠାରୁ ଏହି ପ୍ରସ୍ତୁତି ଆରମ୍ଭ କରିବାକୁ ଚର୍ଚ୍ଚ ଅନୁଗାମୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେଣ୍ଟ ମାର୍ଟିନ ଡେ'ଠାରୁ ଖ୍ରୀଷ୍ଟମାସ ପର୍ଯ୍ୟନ୍ତ ପ୍ରତି ସପ୍ତାହରେ ତିନିଦିନ ଉପବାସ ରହିବାକୁ ଉପଦେଶ ଦିଆଯାଇଥିଲା । ସେଥିପାଇଁ ଆଡଭେଣ୍ଟକୁ ଲେଣ୍ଟ ଅଫ୍ ସେଣ୍ଟ ମାର୍ଟିନ ବୋଲି ମଧ୍ୟ କୁହାଯାଏ । ତେବେ ଏହା ଉପରୋକ୍ତ ଧର୍ମୀୟ





କରାଯାଏ । ପାଶ୍ଚାତ୍ୟ ଖ୍ରୀଷ୍ଟିଆନ୍‌ମାନେ ଗୋଲାପୀକୁ ଖୁସିର ରଙ୍ଗ ଭାବରେ ବ୍ୟବହାର କରୁଥିବା ବେଳେ ପ୍ରାଚ୍ୟର ଖ୍ରୀଷ୍ଟିଆନ୍‌ମାନେ ଲାଲ୍ କିମ୍ବା ସୁନେଲୀ ରଙ୍ଗ ବ୍ୟବହାର କରନ୍ତି ।

ଯିଶୁଖ୍ରୀଷ୍ଟଙ୍କ ଆଗମନ ପାଇଁ ଚର୍ଚ୍ଚମାନଙ୍କରେ ବିଶେଷ ସଙ୍ଗୀତ ଅଭ୍ୟାସ ମଧ୍ୟ କରାଯାଏ ଓ ବିଶେଷ ପ୍ରାର୍ଥନା ଅନୁଷ୍ଠିତ ହୁଏ ।

ଆଡଭେଣ୍ଟ ପ୍ରସ୍ତୁତି ସହ ସ୍ଥାନୀୟ ସଂସ୍କୃତିର ମିଳନ ମଧ୍ୟ ହୋଇଛି । ଇଂଲଣ୍ଡରେ ମହିଳାମାନେ ଯିଶୁ ଓ ମଦରମେରୀଙ୍କ କଣ୍ଢେଇ ନେଇ ଘରକୁ ଘର ବୁଲନ୍ତି ଓ ଗୃହସ୍ୱାମୀ ସେମାନଙ୍କୁ କିଛି ଅର୍ଥ ଦିଅନ୍ତି । ବିଶ୍ୱାସ କରାଯାଏ ଖ୍ରୀଷ୍ଟମାସ ପୂର୍ବରୁ ଯିଶୁଖ୍ରୀଷ୍ଟ ଓ ମଦର ମେରୀଙ୍କ କଣ୍ଢେଇ ଯେଉଁ ଘରକୁ ଯାଏ



ସେଠାରେ ଦୁର୍ଭାଗ୍ୟ ପଶିପାରେନି । ନର୍ମାଣ୍ଡିରେ ଚାଷୀମାନେ ଛୋଟ ପିଲାଙ୍କ ଦ୍ୱାରା କ୍ଷେତ ମଝିରେ ପାଳଗଦାରେ ନିଆଁ ଲଗାନ୍ତି । ବିଶ୍ୱାସ କରାଯାଏ ଏହା ଫସଲ ଉପରୁ କୁଦୃଷ୍ଟି ଦୂରେଇ ଦେବ । ଇଟାଲୀରେ ଆଡ୍‌ଭେଣ୍ଟ ପ୍ରସ୍ତୁତିର ଶେଷ ପର୍ବରେ କାହାଳିବାଦକମାନେ ରୋମ୍ ସହରରେ ପ୍ରବେଶ କରନ୍ତି । ବେଥେଲ୍‌ହାମ୍‌ରେ ଯିଶୁଙ୍କ ଜନ୍ମ ପରେ ଜଗତକୁ ସୂଚନା ଦେବା ପାଇଁ ମେଷପାଳକମାନେ କାହାଳି ବଜାଇଥିଲେ । ଅନେକ ଦେଶରେ

ଆଡ୍‌ଭେଣ୍ଟର ପ୍ରଥମ ଦିନକୁ ବଡ଼ଦିନ ଋତୁର ଆରମ୍ଭ ବୋଲି ବିବେଚନା କରାଯାଏ । ଲୋକମାନେ ଖ୍ରୀଷ୍ଟମାସ ଗଛ ଲଗାନ୍ତି । ପାଇନ୍ ଏବଂ ଦେବଦାରୁ ଗଛର ଡାଳରେ ଯିଶୁଖ୍ରୀଷ୍ଟଙ୍କ ପାଇଁ ମୁକୁଟ ତିଆରି କରନ୍ତି ଏବଂ ବଡ଼ଦିନ ଉତ୍ସବ ପାଇଁ ସାଜସଜ୍ଜା ଆରମ୍ଭ କରନ୍ତି । ଷୋଡଶ ଶତାବ୍ଦୀରୁ ଜର୍ମାନରେ ଆଡ୍‌ଭେଣ୍ଟର ପ୍ରଥମ ଦିନରୁ ଫୁଲସଜ୍ଜା ହୋଇଆସୁଛି । କାଠ ତିଆରି ମୁକୁଟରେ ଚାରୋଟି ବଡ଼ ବଡ଼ ଧଳା ମହମବତି ଲଗାଯାଏ । ପ୍ରତିଦିନ ଗୋଟିଏ ଛୋଟ ମହମବତି ପ୍ରଜ୍ୱଳନ କରାଯାଏ ଏବଂ ପ୍ରତି ରବିବାର ଗୋଟିଏ ବଡ଼ । ଆଡ୍‌ଭେଣ୍ଟରେ ବ୍ୟବହୃତ ହେଉଥିବା ପାଇନ୍ ମୁକୁଟ ବିଜୟର ପ୍ରତୀକ । ପାପ ଏବଂ ଯନ୍ତ୍ରଣା ଉପରେ ବିଜୟର ପ୍ରତୀକ

ଏହା । ଏହା ବ୍ୟତୀତ ମୁକୁଟ ଯିଶୁ ରାଜାଙ୍କ ପ୍ରତୀକ । ପାରମ୍ପରିକ ଭାବରେ ଘରର ମୁଖ୍ୟ ଦରଜା ପାର୍ଶ୍ୱରେ ଏହି ଆଡ୍‌ଭେଣ୍ଟ ସାଜସଜ୍ଜା କରାଯାଇଥାଏ । ଏହାର ଚାରୋଟି ମହମବତି ମଧ୍ୟରୁ ପ୍ରଥମଟି ଆଦାମ ଓ ଇଭ୍‌ଙ୍କ ପ୍ରତି ପ୍ରଦାନ କରାଯାଇଥିବା କ୍ଷମାର ପ୍ରତୀକ, ଦ୍ୱିତୀୟଟି ଆବ୍ରାହମ୍ ଏବଂ ଅନ୍ୟ ପିତୃପୁରୁଷଙ୍କ ପ୍ରତି ବିଶ୍ୱାସର ପ୍ରତୀକ, ତୃତୀୟଟି ରାଜା ଡେଭିଡ୍‌ଙ୍କ ଆନନ୍ଦର ପ୍ରତୀକ, ଯାହାଙ୍କ ପରପିଢ଼ି ଈଶ୍ୱରଙ୍କ ପୁତ୍ର ଯିଶୁଙ୍କ ଆଗମନକୁ ସ୍ୱାଗତ କରିଥିଲେ ଏବଂ ଚତୁର୍ଥ ତଥା ଶେଷ ମହମବତି ନ୍ୟାୟ ଏବଂ ଶାନ୍ତିର ଶିକ୍ଷା ଦେଇଥିବା ମହାପୁରୁଷମାନଙ୍କ ପ୍ରତି ଶ୍ରଦ୍ଧାର ପ୍ରତୀକ । ବର୍ତ୍ତମାନ କ୍ୟାଥୋଲିକ୍ ଚର୍ଚ୍ଚଗୁଡ଼ିକରେ ଚାରୋଟି ଯାକ ମହମବତି ଗୋଟିଏ ପରେ ଗୋଟିଏ ପ୍ରଜ୍ୱଳନ କରାଯାଉଛି । ଅର୍ଥୋଡକ୍ସ ଚର୍ଚ୍ଚଗୁଡ଼ିକରେ ଅନେକ ସମୟରେ ୬ଟି ମହମବତି ବ୍ୟବହାର କରାଯାଉଛି । ସ୍ୱିଡେନରେ ଆଡ୍‌ଭେଣ୍ଟର ମହମବତି ଧଳାରଙ୍ଗର । ଏହା ଶୁଦ୍ଧତା ଏବଂ ଉତ୍ସବର ପ୍ରତୀକ ଏହି ଦେଶରେ । ଖ୍ରୀଷ୍ଟ ରାଜାଙ୍କ ମୁକୁଟ କିନ୍ତୁ ପ୍ରସ୍ତୁତ କରାଯାଏ ଡିସେମ୍ବର ୧୩ ତାରିଖରେ, ସେଣ୍ଟ ଲୁସିଆ ଡେ'ରେ ।

ଖ୍ରୀଷ୍ଟିଆନ୍ ବହୁଳ ଦେଶମାନଙ୍କରେ ଆଡ୍‌ଭେଣ୍ଟଠାରୁ ଆରମ୍ଭ ହୋଇଯାଏ ବଡ଼ଦିନ ଉତ୍ସବ ପାଇଁ ପ୍ରସ୍ତୁତି, ଯେମିତି ମୁସଲମାନମାନେ ଇଦ୍ ପୂର୍ବରୁ ଏବଂ ହିନ୍ଦୁମାନେ ଦଶହରା ପୂଜାରୁ ପ୍ରସ୍ତୁତି ଆରମ୍ଭ କରିନିଅନ୍ତି । ମାତ୍ର ଭାରତରେ ଖ୍ରୀଷ୍ଟ ଅନୁଗାମୀଙ୍କ ସଂଖ୍ୟା ଅଧିକ ନଥିବାରୁ ଏହି ପ୍ରସ୍ତୁତି ଉତ୍ସବ ସମ୍ପର୍କରେ ଅନେକ ଜାଣନ୍ତି ନାହିଁ ।





# ଶୀତରେ ତ୍ୱଚାର ଯତ୍ନ

ଶୀତରତୁରେ ପ୍ରକୃତିରାଣୀ ନିଜକୁ ବେଶ୍ ସୁନ୍ଦର ଭାବେ ସଜାଇଥାଏ । ହେଲେ ବାୟୁମଣ୍ଡଳର ଶୁଷ୍କତା ହେତୁ ମଣିଷକୁ ନିଜ ଶରୀରର ବିଶେଷ ଯତ୍ନ ନେବାକୁ ପଡ଼ିଥାଏ । ଶୀତରତୁରେ ଆମର ତ୍ୱଚା ଖୁବ୍ ଶୁଷ୍କ ହୋଇଯାଏ । ତେଣୁ ମୁହଁର ତ୍ୱଚା ଶୁଷ୍କ ଲାଗିବା ସହ ଫାଟିଥାଏ । ତ୍ୱଚାର ନିମ୍ନଭାଗରେ ଥିବା ତୈଳଗ୍ରନ୍ଥିଗୁଡ଼ିକ ଗୋଟିଏ ସ୍ଥାନରେ ଜମା ହୋଇ ରହିଯିବାରୁ ଏହି ସମସ୍ୟା ଦେଖାଯାଏ।

**ତେ**ଣୁ ଏହି ରତୁରେ ରାତିରେ ଶୋଇବା ପୂର୍ବରୁ କ୍ଲିଜିଂମିଲ୍କରେ ତୁଳା ସାହାଯ୍ୟରେ ମୁହଁକୁ ଭଲଭାବରେ ପୋଛି ଦିଅନ୍ତୁ । ଫଳରେ ମୃତ ତ୍ୱଚା ବାହାରିଯିବ । ତା'ପରେ କ୍ଷୀରସର ବା ଉନ୍ନତମାନର କୋଲ୍ଡକ୍ରିମ୍‌ରେ ମୁହଁର ତ୍ୱଚାକୁ ଦୁଇ ହାତରେ ମାଲିସ୍ କରନ୍ତୁ । ଏପରି କରିବା ଦ୍ୱାରା ତ୍ୱଚାର ତୈଳଗ୍ରନ୍ଥି ଗତିଶୀଳ ହେବ ଏବଂ ମୁହଁ ଶୁଷ୍କ ଓ ରୁକ୍ଷ ଦେଖାଯିବ ନାହିଁ । ବାହାରକୁ ଯିବା ପୂର୍ବରୁ ସନ୍‌ପ୍ରୋଟେକଟେଡ଼ ଅଏଲ୍ ଫାଉଣ୍ଡେସନ୍ ବ୍ୟବହାର କରନ୍ତୁ ଏବଂ ଏହା ଉପରେ ହାଲ୍କା ପାଉଡର ଲଗାଇପାରନ୍ତି । ଏହି ରତୁରେ ଓଠ ଫାଟିବା ସମସ୍ୟା ପ୍ରାୟ ସମସ୍ତଙ୍କର ଦେଖାଯାଏ । ତେଣୁ ଲିପ୍‌ଗ୍ଲସ୍ ଓ ଲିପ୍‌ବାମ୍ ବ୍ୟବହାର କରନ୍ତୁ । ନ୍ୟାଚୁରାଲ୍ ରଙ୍ଗର ଲିପ୍‌ଷ୍ଟିକ୍

ପ୍ରାୟତଃ ବ୍ୟବହାର କରନ୍ତୁ । ଯାହା ଓଠର ସୌନ୍ଦର୍ଯ୍ୟକୁ ବଜାୟ ରଖିବ । ମୁହଁର ତ୍ୱଚା ସାଙ୍ଗକୁ ହାତ ଓ ପାଦର ଯତ୍ନ ନେବା ମଧ୍ୟ ଜରୁରୀ । ଗାଧୋଇଲା ପରେ ବା ଗାଧୋଇବା ପୂର୍ବରୁ ଅଲିଭ୍ ଅଏଲ ବା ଅନ୍ୟ କୌଣସି ତୈଳ ହାତ ଓ ପାଦରେ ମାଲିସ୍ କରନ୍ତୁ । ବାହାରକୁ ଯିବା ପୂର୍ବରୁ ଉନ୍ନତମାନର କୋଲ୍ଡ୍ ବଡ଼ି ଲୋସନ ବ୍ୟବହାର କରନ୍ତୁ । ଫଳତଃ

ବାୟୁମଣ୍ଡଳର ଶୁଷ୍କତା ଚର୍ମର କୌଣସି କ୍ଷତି କରିପାରିବ ନାହିଁ । ଶୀତଦିନେ ଗୋଇଠି ଫାଟିବା ଏକ ସାଧାରଣ ସମସ୍ୟା । ପ୍ରତିଦିନ ଶୋଇବାକୁ ଯିବା ପୂର୍ବରୁ ହାଲ୍କା ଉଷୁମ ପାଣିରେ ଲୁଣ ପକାଇ ସେଥିରେ ପାଦକୁ ବୁଡ଼ାଇ ରଖନ୍ତୁ । ଏପରି ୫/୧୦ ମିନିଟ୍ ରଖିବା ପରେ ମୃତ ତ୍ୱଚା ନରମ ହୋଇଯିବ । ତାପରେ ସ୍କ୍ରବରରେ ମୃତ ତ୍ୱଚାକୁ ଭଲ ଭାବରେ







ବାହାର କରି ସେଥିରେ ଗ୍ଲିସରିନ୍ ବା ତେଲ ମାଲିସ୍ କରନ୍ତୁ । ଏପରି ନିୟମିତ କଲେ ଗୋଇଠି ଫାଟିବ ନାହିଁ । ଶୀତରତୁରେ ବାୟୁମଣ୍ଡଳର ଶୁଷ୍କତା କେଶ ଉପରେ ମଧ୍ୟ ପ୍ରଭାବ ପକାଇଥାଏ । କେଶରେ ରୂପି ସମସ୍ୟା ଦେଖାଯିବା ସହ କେଶ ରୁକ୍ଷ ହୋଇ ଦୋମୁହାଁ ହୋଇଯାଏ। ତେଣୁ ସପ୍ତାହରେ ଅନ୍ତତଃ ଥରେ କେଶମୂଳରେ ତେଲ ମାଲିସ୍ କରନ୍ତୁ । ୨/୩ଥର ଆଣ୍ଟି ଡେନ୍‌ଡ୍ରଫ୍ ସାମ୍ପୁ ବ୍ୟବହାର କରିବା ସହ କଣ୍ଡିସନର ମଧ୍ୟ ବ୍ୟବହାର କରନ୍ତୁ। ବାହାରକୁ ଯିବା ପୂର୍ବରୁ କେଶରେ, ଉନ୍ନତମାନର ହେୟାର କ୍ରିମ୍ ମଧ୍ୟ ଲଗାଇ ପାରନ୍ତି । ଏହାଦ୍ୱାରା ମନ ମୁତାବକ ଷ୍ଟାଇଲ୍ କରିବା ସହ କେଶର ରୁକ୍ଷତାକୁ ମଧ୍ୟ ଏଡ଼ାଇପାରିବେ । ଭିଟାମିନ୍‌ର ଅଭାବ ଯୋଗୁଁ ଶୀତଦିନେ ଗୋଡ଼ ଓ ହାତର

ନଖପାଖ ଚମଡ଼ା ଛିଡ଼ିଯାଏ। ଯାହାକୁ ଦସି ବାହାରିବା କୁହାଯାଏ । ଏହା କଷ୍ଟ ଦେବା ସହ ଅସୁନ୍ଦର ଦେଖାଯାଏ । ଏଥିରୁ ରକ୍ଷା ପାଇବା ପାଇଁ ଏହି ସ୍ଥାନରେ ଆଣ୍ଟିସେପ୍‌ଟିକ୍ କ୍ରିମ୍ ଲଗାନ୍ତୁ ଏବଂ ଗାଧୋଇବା ବେଳେ ଅଲିଭ୍ ଅଏଲ୍ ମାଲିସ୍ କରନ୍ତୁ । ଶୀତଦିନେ ହାତକୁ ସିମେଣ୍ଟ ବା ଗାଢ଼ କଫି କଲର୍‌ର ନେଲ୍‌ପଲିସ୍ ସୁନ୍ଦର ଦେଖାଯିବ।

ଏହି ରତୁରେ ଯେ କୌଣସି ଗାଢ଼ ରଙ୍ଗର ପୋଷାକ ପିନ୍ଧିପାରନ୍ତି । ପୋଷାକକୁ ଖାପ ଖୁଆଇଲା ଭଳି ସ୍ୱେଟର, ସ୍କାର୍ଫ, ସାଲ୍ ମଧ୍ୟ ବ୍ୟବହାର କରନ୍ତୁ । ପାଦକୁ ଉଷୁମ୍ ରଖିବା ପାଇଁ ସକ୍ସ ପିନ୍ଧନ୍ତୁ । ଏ ଦିନରେ ପାଦଟି ସଂପୂର୍ଣ୍ଣ ଘୋଡ଼ଇ ହୋଇ ରହିଲା ପରି ଜୋତା ପିନ୍ଧିଲେ, ପାଦ ଫାଟିବା ସମସ୍ୟା ପ୍ରାୟ ଦେଖାଯାଏ ନାହିଁ । ଶୀତ ଦିନେ ରୂପା ଗହଣା ଅଧିକାଂଶ କ୍ଷେତ୍ରରେ ଦେହରେ କଳା ପଡ଼ିଯାଏ।

ତେଣୁ ଆବଶ୍ୟକ ସ୍ଥଳେ ସୁନା ବା ଫ୍ୟାନ୍‌ସି ଜୁଏଲାରୀ ବ୍ୟବହାର କରନ୍ତୁ। ଶୀତରତୁଟି ଶରୀର ତତ୍ତ୍ୱ ଓ ସୌନ୍ଦର୍ଯ୍ୟ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ । ସାଧାରଣତଃ ପାଗରେ ଆର୍ଦ୍ରତା ରହୁଥିବାରୁ ସ୍ୱାଭାବିକ ଭାବରେ ଏହା କେବଳ ମୁଖ ମଣ୍ଡଳ ନୁହେଁ ଶରୀରର ଚର୍ମ ଉପରେ ପ୍ରଭାବ ପକାଇଥାଏ । ଶୀତଦିନେ ଅଧିକାଂଶ କ୍ଷେତ୍ରରେ ମହିଳାମାନେ ରାତିରେ ଶୋଇଲା ବେଳେ ସମଗ୍ର ଶରୀର ସହ ମୁହଁକୁ ଘୋଡାଇ ହୋଇ ଶୋଇଥାନ୍ତି। ଶୀତ ପାଇଁ ହେଉ କିମ୍ବା ମଶା ପାଇଁ ବାସ୍ତବରେ କିନ୍ତୁ ରାତିରେ ଶୋଇଲା ବେଳେ ମୁହଁକୁ ଘୋଡାଇବା ଦ୍ୱାରା ଶରୀର ବିଶୁଦ୍ଧ ଅମ୍ଳଜାନ ପାଇବାରୁ ବଞ୍ଚିତ ହେବା ସହ ମୁଖମଣ୍ଡଳ ଉପରେ ପ୍ରଭାବ ପକାଇଥାଏ । ଶୀତଦିନେ ପ୍ରାୟତଃ ଶୋଷ କମ୍

ଲାଗୁଥିବାରୁ ଖୁବ୍ ପରିମାଣର ପାଣି ମହିଳାମାନେ ପିଇଥାନ୍ତି । ଶରୀରକୁ ଆବଶ୍ୟକ ଅନୁଯାୟୀ ପାଣି ପିଅନ୍ତୁ କାରଣ ଏହା ରକ୍ତ ସଞ୍ଚାଳନ, ରକ୍ତ ପରିଷ୍କାର ସହ ପାଚନଗତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଶରୀରର ଚର୍ମକାନ୍ତିକୁ ବରଂ ପରିଷ୍କାର ରଖିବାରେ ସହାୟକ ହୋଇଥାଏ । ଶୀତଦିନେ ବିବାହ ବ୍ରତ ଓ ଅନେକ ପର୍ବପର୍ବାଣି ପଡୁଥିବାରୁ ଏହି ରତୁରେ ବଜାରର ବିୟୁଟିପାର୍ଲରରେ ଯିବାବେଳେ ସେଠାରେ ବ୍ୟବହାର ହେଉଥିବା ପ୍ରସାଧାନ ସାମଗ୍ରୀର ମାନକୁ ଗୁରୁତ୍ୱ ଦିଅନ୍ତୁ । ସୌନ୍ଦର୍ଯ୍ୟର ପସରା ଶୀତରତୁ ମେଲାଇଥିବାବେଳେ ନିଜକୁ ସୁନ୍ଦର ଚେହେରାରେ ରଖିବା ପାଇଁ ଚେଷ୍ଟିତ ହୁଅନ୍ତୁ । ଦେଖିବେ ଆପଣଙ୍କ ସୌନ୍ଦର୍ଯ୍ୟ ବ୍ୟକ୍ତିତ୍ୱକୁ ନିଶ୍ଚିତ ଭାବରେ ପ୍ରଭାବିତ କରିବ ।



# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୭ ଡିସେମ୍ବର ୨୦୨୫ । ରବିବାର


## ଭଙ୍ଗା ଘରେ ରାଘବଙ୍କ ପରିବାର

**କେସିଙ୍ଗା,୬।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ କସ୍ତୁପଡା ଗ୍ରାମର ରାଘ କରୁଆ (୬୦)ଙ୍କ ପରିବାର ଝାଟିମାଟି ଘରେ ଅସହାୟ ଅବସ୍ଥାରେ ଜୀବନଯାପନ କରି ଆସୁଛନ୍ତି । ଦୀର୍ଘ ୮ ବର୍ଷ ହେଲା ଗୋଡ଼ହାତ ଚ଼ାଲୁ ନ ଥିବାରୁ କୌଣସି କାମଧନ୍ଧା କରି ନ ପାରି ଖଟରେ ବସି ରହୁଛନ୍ତି ରାଘବ । ତାଙ୍କ ସ୍ତ୍ରୀ ଓ ଚ଼ାରି ଜଣ ଝିଅ ଅଛନ୍ତି ।

୨୦୧୫ରେ ବଡ ଝିଅକୁ ବିବାହ କରଥିବା ବେଳେ ତିନି ଜଣ ମଧ୍ୟରୁ ଦୁଇ ଜଣ ମୁକ ଆଉ ଜଣେ ସକ୍ଷମ । ୪ ଜଣଙ୍କୁ ପୋଷିବା ଜଣେ ଝିଅ ପାଇଁ ଭାରି କଷ୍ଟକର । ସାମାନ୍ୟ ବର୍ଷା ହେଲେ ଘରେ ପାଣି ପଶୁଥିବା ବେଳେ ବହୁ କଷ୍ଟରେ ଜୀବନ ବିତାଉଛନ୍ତି ।

ଅନ୍ୟପକ୍ଷେ ଦୁଇ ଝିଅଙ୍କ ଦିବ୍ୟାଙ୍ଗ ପ୍ରମାଣପତ୍ର ମଧ୍ୟ ନାହିଁ । କୌଣସି ସହାୟତା ମିଳୁ ନାହିଁ । ରାଶନ ଚ଼ାଉଳ ମିଳୁଥିବାରୁ ସେଥିରେ କଷ୍ଟରେ ଚ଼ଳିଯାଉଛନ୍ତି ପରିବାର । ଏ ନେଇ କସ୍ତୁପଡା ପଞ୍ଚାୟତ ପିଇଓ ପ୍ରେମଚ଼ାନ୍ଦ ରଣାଙ୍କୁ ପଚ଼ାରିବାରୁ ମୁଁ ଓ ସରପଞ୍ଚ ଅରୁଣ ନାଏକ ରାଘବଙ୍କ ଘରକୁ ପରିଦର୍ଶନରେ ଯାଇଥିଲୁ, ରାଘବଙ୍କ ଦୁଇ ଝିଅଙ୍କ ଦିବ୍ୟାଙ୍ଗ ପ୍ରମାଣପତ୍ର ଭବାନୀପାଟଣା ଯାଇ ଆଣିବାକୁ କୁହାଯାଇଛି । ବୋଲି ପ୍ରକାଶ କରିଥିଲେ । ଏ ସଂକ୍ରାନ୍ତରେ କେସିଙ୍ଗା ବିଡିଓ ଜନ୍ମେଜୟ ସ୍ୱାଇଁଙ୍କୁ ପଚ଼ାରିବାରୁ ରାଘବଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡେ ଦିଆଯିବ ବୋଲି କହିଛନ୍ତି ।

## ଗଳ୍ପସଙ୍କଳନ ମୂକସଖୀ ଉନ୍ମୋଚିତ

**କେନ୍ଦ୍ରାପଡ଼ା,୬।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଗାଳ୍ପିକ ମାତୃଦତ୍ତ ମହାନ୍ତିଙ୍କ ଗଳ୍ପସଂକଳନ 'ମୂକସଖୀ' ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ଉନ୍ମୋଚିତ ହୋଇଯାଇଛି । ପ୍ରଥମେ ପୂଜାର୍ଚ୍ଚନା କରାଯାଇ ଗଳ୍ପସଙ୍କଳନଟିକୁ ଶ୍ରୀ ଜୀଉମାନଙ୍କୁ ଲାଗି କରାଯାଇଥିଲା । ପରେ ପରେ ଅବସରପ୍ରାପ୍ତ ଶିକ୍ଷକ ଗୁରୁ କାଙ୍ଗାଳି ଚରଣ ବାରିକ ଓ ପୂର୍ବତନ ସୈନିକ ବ୍ରଜ କିଶୋର ସାହୁ ଅତିଥି ଭାବେ ଯୋଗଦେଇ ଗଳ୍ପସଂକଳନର ଲୋକାର୍ପଣ କରିଥିଲେ । ବିଲୁପ୍ତ ପ୍ରାୟ କେନ୍ଦ୍ରାପଡା ଜିଲ୍ଲାର ସଖୀ କଣ୍ଢେଇ ପରମ୍ପରା ଓ ଏଥିପ୍ରତି ବିମୁଖ ଯୁବପିଢ଼ିଙ୍କ ବିଚାରଧାରାକୁ ନେଇ ମୂକସଖୀ ଗଳ୍ପ ରଚନା କରାଯାଇଛି । ଗଳ୍ପ ସଂକଳନଟିରେ ଭିନ୍ନ ଭିନ୍ନ ସ୍ୱାଦର ମୋଟ ୧୪ଟି ଗଳ୍ପ ରହିଛି । ପ୍ରତିଟି ଗଳ୍ପରେ ସାମାଜିକ ପରିବର୍ତ୍ତନ ଓ ବ୍ୟକ୍ତି ଜୀବନ ଉପରେ ଏହାର ପ୍ରଭାବ ସମ୍ପର୍କରେ ଗାଳ୍ପିକ ଆଲୋକପାତ କରିଛନ୍ତି । ମନ୍ତ୍ର ପବ୍ଲିକେଶନ୍ ପକ୍ଷରୁ ପ୍ରକାଶିତ ଏହି ପୁସ୍ତକ ପାଠକଙ୍କ ଦ୍ୱାରା ଆଦୃତ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ପୁସ୍ତକ ଲୋକାର୍ପଣ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର ମହାପାତ୍ର, ସୁଶାନ୍ତ ନାୟକ, ବିରେନ୍ଦ୍ର ଦାସ, ରଶ୍ମି ରଞ୍ଜନ ସ୍ୱାଇଁ, ମଳୟ ସାହୁ, ଜ୍ଞାନ ରଞ୍ଜନ ଦାସ, ଗୌତମ କୁମାର ସାହୁ, ପଙ୍କଜ ସିହ୍ନା ପ୍ରମୁଖ ଯୋଗଦେଇଥିଲେ । ପୂର୍ବରୁ ଗାଳ୍ପିକ ମାତୃଦତ୍ତ ମହାନ୍ତିଙ୍କର ୪ଟି ଗଳ୍ପ ସଂକଳନ ପ୍ରକାଶିତ ।

## 'ଆମ ଗାଁରେ ତହସିଲ କାର୍ଯ୍ୟାଳୟ'

**ମାର୍ଶାଘାଇ,୬।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ବ୍ଲକ ଦଶିପୁର ପଞ୍ଚାୟତ କାର୍ଯ୍ୟାଳୟରେ ଆମ ଗାଁରେ ତହସିଲ କାର୍ଯ୍ୟାଳୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଅତିରିକ୍ତ ତହସିଲଦାର ଲକ୍ଷ୍ମୀପ୍ରିୟା ଦାସ, ଉଦଘାଟନ କରି ଗ୍ରାମାଞ୍ଚଳ ଜନସାଧାରଣଙ୍କ ବହୁବିଧ ସମସ୍ୟା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦୂର ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ତେବେ ଏହି କାର୍ଯ୍ୟକ୍ରମ ଦ୍ୱାରା ବିବିଧ ଓ ଜାତିଗତ ପ୍ରମାଣପତ୍ର ପ୍ରଦାନ, ପଟ୍ଟା ବଣ୍ଟନ, ଇ-ପାଉତି ମାଧ୍ୟମରେ ରାଜସ୍ୱ ପୈଠ, ଦାଖଲ ଖାରଜ ମାମଲା, କିସମ ସତ୍ତ୍ୱ ଓ ଜମି ପଟ୍ଟାର ପ୍ରଜାଖାନା ସଂଶୋଧନ ଓ ବସୁନ୍ଧରା ଯୋଜନା ମାଧ୍ୟମରେ ସ୍ଥାୟୀ ଘରଡ଼ିହ ପଟ୍ଟା ପ୍ରଦାନ ଏବଂ ବ୍ୟକ୍ତିଗତ ଓ ସାଧାରଣ ଅଭିଯୋଗ ଗୁଡ଼ିକର ଶୁଣାଣି ଓ ସମାଧାନ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଅତିରିକ୍ତ ତହସିଲଦାର ଶ୍ରୀମତୀ ଦାସ କହିଥିଲେ । ଏହି ଅବସରରେ ୧୮ଟି ବ୍ୟକ୍ତିଗତ ଅଭିଯୋଗ, ୪୫ଟି ବିବିଧ ପ୍ରମାଣପତ୍ର ବଣ୍ଟନ, ୨୭ଟି ପ୍ରଜାଖାନା ସଂଶୋଧନ ପଟ୍ଟା, ଆଦି ସମସ୍ୟାର ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାଜସ୍ୱ ପରିଦର୍ଶକ ଅଭିମନ୍ୟୁ ସେଠୀ, ରାଜସ୍ୱ ନିରୀକ୍ଷକ ଜୟରାମ ବେହେରା, ଜୟଶ୍ରୀ ସାହୁ, ମକର ମାରାଣ୍ଡି, ଧିରେନ କୁମାର ଦାସ ସମେତ ସମସ୍ତ ତହସିଲ କାର୍ଯ୍ୟାଳୟର ଅଧିକାରୀମାନେ ଉପସ୍ଥିତ ଥିଲେ ।

## ବାଙ୍କୀ ଅସ୍ମିତା ଓ ସମସ୍ୟାକୁ ନେଇ 'ମୋ ଗାଁ ମୋ ବାଙ୍କୀ'

**ବାଙ୍କୀ,୬।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଭୋକିଲା ପେଟ ସମ୍ବାଦପତ୍ରର ସଂପାଦକ ସୁଧୀର ଚନ୍ଦ୍ର ନାୟକଙ୍କର ଆହ୍ୱାନକ୍ରମେ ବାଙ୍କୀ ଅସ୍ମିତା ଓ ସମସ୍ୟାକୁ ନେଇ 'ମୋ ଗାଁ ମୋ ବାଙ୍କୀ'ର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବାଙ୍କୀ ମାଟିର କଳା, ସାହିତ୍ୟ, ଐତିହ୍ୟ , ବାଙ୍କୀର ବରପୁତ୍ର, କୃଷି, ସଂସ୍କୃତି ଓ ବାଙ୍କୀ ମାଟିର ଅସ୍ମିତାକୁ ବଞ୍ଚାଇ ରଖିବା ସହ ଜନମାନସରେ ପହଞ୍ଚାଇବା ଏବଂ ବାଙ୍କୀର ବିଭିନ୍ନ ଅଞ୍ଚଳର ବହୁବିଧ ସମସ୍ୟାକୁ ପ୍ରଶାସନିକ ଦୃଷ୍ଟିକୁ ଆଣିବା ନିମନ୍ତେ 'ମୋ ଗାଁ ମୋ ବାଙ୍କୀ' (ବାଙ୍କୀବାସୀଙ୍କ ସ୍ୱର) ନାମକ ଏକ ସମ୍ବାଦପତ୍ର ବାଙ୍କୀ ମାଟିର ଆଗାମୀ ନବବର୍ଷରେ ପ୍ରକାଶ କରାଯିବା ନିମନ୍ତେ ପ୍ରସ୍ତାବ ରହିଛି । ଏହି ପରିପ୍ରେକ୍ଷୀରେ ବାଙ୍କୀ ଅଞ୍ଚଳର ବିଶିଷ୍ଟ ସାହିତ୍ୟିକ କୌଶିକ ନାୟକ, ସାମ୍ବାଦିକ ବଳଭଦ୍ର ପଣ୍ଡା, ବରିଷ୍ଠ ଚିକିତ୍ସକ ଡାକ୍ତର ରାମଚନ୍ଦ୍ର ରାଉତ, ସାମ୍ବାଦିକ ପୂର୍ଣ୍ଣେନ୍ଦୁ କୁମାର ନାୟକ, ସାହିତ୍ୟିକ ରବିନାରାୟଣ ମଙ୍ଗରାଜ, ସମାଜସେବୀ ଘନଶ୍ୟାମ ସେଠୀ, ବିପିନି ବିହାରୀ ମହାନ୍ତି, କ୍ରୀଡାବିତ୍ ଡକ୍ଟର ସୁବିତ୍ ପଟ୍ଟନାୟକ, ଶିକ୍ଷାବିତ୍ ଅଶୋକ କୁମାର ପଟ୍ଟନାୟକ, ଶିକ୍ଷାବିତ୍ ଅଶୋକ କୁମାର ପଟ୍ଟନାୟକ, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ବିରଞ୍ଚି ନାରାୟଣ ମାଦେଡ଼ି, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଭରତ ଚନ୍ଦ୍ର ବେହେରା ଓ ପ୍ରସନ୍ନ କୁମାର ରାଉତରାୟଙ୍କ ସମେତ ବାଙ୍କୀର ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ନୂତନ ପତ୍ରିକା ସଂପର୍କରେ ଆଲୋଚନା କରିଥିଲେ ।

## ବିଜେପିର ବ୍ଲକ ଚଲ ଅଭିଯାନ

**ବାଙ୍କୀ,୬।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ବାଙ୍କୀ ଡମପଡ଼ା ବ୍ଲକକୁ ବ୍ଲକ ଚଲ ଅଭିଯାନରେ ବିଜେପି ନେତା ଶୁଭାଂଶୁ ମୋହନ ପାଢ଼ୀ, ଅଜୟ କୁମାର ସ୍ୱାଇଁ, ସୁବୋଳ ବେହେରାଙ୍କ ସମେତ ପଂଚାୟତର ଜୋନ୍‌ସ୍ତରୀୟ ଅନେକ କାର୍ଯ୍ୟକର୍ତ୍ତା ଗଣ ସାମିଲ୍ ହୋଇଥିଲେ । ଡମପଡ଼ା ବ୍ଲକ ଉନ୍ନୟନମୂଳକ କାର୍ଯ୍ୟଗୁଡିକ ତ୍ୱରାନ୍ୱିତ କରି କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶାବଳିକୁ ଗାଁରେ ପହଞ୍ଚାଇବା ଅଭିଯାନର ମୂଳ ଲକ୍ଷ୍ୟ । ବିଡିଓ ଅଂଶୁମାନ ଦାସଙ୍କ ସହ ଆଲୋଚନା କରି ବାର୍ଦ୍ଧକ୍ୟଭତ୍ତା, ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା ହିତାଧିକାରୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଚୟନ କରିବା ସହ ରାସନକାର୍ଡ, ଅନ୍ତ୍ୟୋଦୟକାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସ୍ୱଚ୍ଛତା ବିଷୟରେ ଆଲୋଚନା କରିଥିଲେ । ପାନୀୟ ଜଳ, ଆଲୋକିକରଣ ଆଦି ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀ ଦାସ ପ୍ରକାଶ କରିଥିଲେ । ଅସାମାଜିକ ଯୁବକମାନେ ବିଡିଓଙ୍କୁ ଚାପ ପ୍ରୟୋଗ କଲେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଜେପି ନେତାମାନେ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଫକୀର ଚରଣ ଦାସ, ପଦ୍ମଲୋଚନ ନାୟକ, ଉତ୍କଳ ମନ୍ତ୍ରୀ, ରାମଚନ୍ଦ୍ର ପଡିହାରୀ, ସିଦ୍ଧେଶ୍ୱର ପାଇକରାୟ, ବିନୋଦ ଦାସ, କବିରାଜ ଦାସ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ରକ୍ତ କର୍କଟ ରୋଗୀଙ୍କୁ ସହାୟତା

**କେନ୍ଦ୍ରାପଡ଼ା,୬।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା କ୍ରେଡିଟ କୋଅପରେଟିଭ ସୋସାଇଟି ମୁଖ୍ୟ ଶାଖା ପକ୍ଷରୁ କେନ୍ଦ୍ରାପଡ଼ା ବ୍ଲକ ନିକିରାଇ ପଞ୍ଚାୟତର ରକ୍ତକର୍କଟ ରୋଗୀ ସରୋଜ ପଣ୍ଡା(ବାବୁ)ଙ୍କ ପତ୍ନୀ ସରୋଜିନୀ ତ୍ରିପାଠୀଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଶ୍ରୀମତୀ ତ୍ରିପାଠୀ ରକ୍ତ କର୍କଟରେ ପୀଡିତ ହୋଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ତାଙ୍କର ଆୟୁଷ୍ମାନ ଯୋଜନାରେ ଥିବା ବୀମା ରାଶି ଶେଷ ହୋଇଯାଇଛି । ତାଙ୍କର ଚିକିତ୍ସା ପାଇଁ ଅଧିକ ଅର୍ଥର ଆବଶ୍ୟକତା ରହିଛି । ଏହି ଖବର ଜାଣିବା ପରେ କେନ୍ଦ୍ରାପଡ଼ା କ୍ରେଡିଟ ସୋସାଇଟିର ସଭାପତି ପ୍ରମୋଦ କୁମାର ସାହୁ ଶ୍ରୀମତୀ ତ୍ରିପାଠୀଙ୍କ ଚିକିତ୍ସା ପାଇଁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଶ୍ରୀମତୀ ତ୍ରିପାଠୀ ସୁବ୍ରତ ବାଗଚୀ ହସ୍ପିଟାଲରେ ଚିକିତ୍ସାଧୀନ ଥିବାରୁ ଏହି ଆର୍ଥିକ ସହାୟତାକୁ ତାଙ୍କ ସ୍ୱାମୀ ଶ୍ରୀ ପଣ୍ଡା ସୋସାଇଟିର ମୁଖ୍ୟ କାର୍ଯ୍ୟାଳୟରୁ ସଭାପତି ଶ୍ରୀ ସାହୁଙ୍କ ଠାରୁ ଗ୍ରହଣ କରିଥିଲେ । ଏହି ଅବସରରେ ସଭାପତି ଶ୍ରୀ ସାହୁ ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠି ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଚିକିତ୍ସା ପାଇଁ ଅଧିକ ଅର୍ଥର ଆବଶ୍ୟକତା ଥିବାରୁ ସହାୟତା ଯୋଗାଇ ଦେବା ପାଇଁ ନିବେଦନ କରିଛନ୍ତି । ଏହି ସହାୟତା ପ୍ରଦାନ କାର୍ଯ୍ୟକ୍ରମରେ ସମିତିର ମୁଖ୍ୟ ସାଧାରଣ ପରିଚାଳକ ମନୋଜ ସାହୁ ଓ ମୁଖ୍ୟ ଶାଖା ବରିଷ୍ଠ ପରିଚାଳକ ପଙ୍କଜ ମଲ୍ଲିକ ଉପସ୍ଥିତ ଥିଲେ ।

# ଗାଁ ଲୋକଙ୍କ ସହ ଧାରଣାରେ ପୂର୍ବତନ ଏମ୍‌ପି

**ବଲାଙ୍ଗୀର,୬।୧୨ ଏକ୍ସପ୍ରେସ୍ ନ୍ୟୁଜ୍**



ଲୋଇସିଂହା ନିର୍ବାଚ଼ନ ମଣ୍ଡଳୀ ଅନ୍ତର୍ଗତ ପିପିଲି–ଜାମୁଟିଆ ରାସ୍ତାକାମ ନିମ୍ନମାନର ତିଆରି ହେଉଥିବା ଅଭିଯୋଗ ନେଇ ପିପିଲି ଗ୍ରାମବାସୀଙ୍କ ସହ ପୂର୍ବତନ ଲୋକ ସଭା ଏମ୍‌ପି ବାଳଗୋପାଳ ମିଶ୍ର ବଲାଙ୍ଗୀର ଗ୍ରାମ୍ୟ ଉନ୍ନୟନ (ଆରଡ଼ି) ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ପୂର୍ବତନ ଏମ୍‌ପି କହିଥିଲେ ଯେ, ଲୋଇସିଂହା ନିର୍ବାଚ଼ନମଣ୍ଡଳୀରେ ବ୍ଲକ କଟନ ମାଟି ରହିଛି । ଏଣୁ ଏଠାରେ ଠିକ୍ ମାନର ରାସ୍ତା କାମ କରା ନ ଗଲେ ଖୁବ୍‌ଶୀଘ୍ର ରାସ୍ତା ଖରାପ ହୋଇଯିବ । ପିପିଲି–ଜାମୁଟିଆ ବଘାପାଲି ସେଠାରେ ରାସ୍ତା କାମ ଚ଼ାଲିଛି । ଠିକାଦାର ମନମାନି ଚ଼ଲାଇଛନ୍ତି । ଲୋକେ ଅଭିଯୋଗ କଲେ ମଧ୍ୟ ଆରଡ଼ି ବିଭାଗର ଯନ୍ତ୍ରୀମାନେ କିଛି ଶୁଣୁନାହାନ୍ତି । ଫଳରେ ରାସ୍ତା କାମ ନିମ୍ନମାନର ହେଉଛି । ଏହାର ପ୍ରତିବାଦରେ ଗ୍ରାମବାସୀ ଆରଡ଼ି ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ । ନିର୍ଦ୍ଧାରିତ ମାନର ରାସ୍ତା କାମ କରିବାକୁ ସେମାନେ ଦାବି କରିଥିଲେ । ଓଡ଼ିଶା ସରକାରଙ୍କ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଚ଼ାଲିଥିବା ପିପିଲିଠାରୁ ଜାମୁଟିଆ ରାସ୍ତା କାମ ନିମ୍ନମାନର ହେଉଥିବା ନେଇ ଅଭିଯୋଗ କରିବା ପରେ ଗ୍ରାମବାସୀଙ୍କ ଦାବିକୁ ସମର୍ଥନ କରି ପୂର୍ବତନ ଏମ୍‌ପି ଧାରଣାରେ ବସିବା ସହ ଆରଡି ବିଭାଗର ଦୁର୍ନୀତି ସମ୍ପର୍କରେ ଗୁରୁତର ଅଭିଯୋଗ ଆଣିଥିଲେ ।

ସେ କହିଥିଲେ ଯେ, ଏବେ ଏହି ବିଭାଗରେ ୨୦ ପ୍ରତିଶତ ପିସି କାରବାର ଚ଼ାଲିଥିବା ଅଭିଯୋଗ ହେଉଛି । ଏମ୍‌ପି ଲାଡ ଏବଂ ଏମ୍‌ଏଲ୍‌ଏ ଲାଡ ଫଣ୍ଡରେ ବି ପିସି କାରବାର ଚ଼ାଲିଥିବା କୁହାଯାଉଛି । ଫଳରେ ନିର୍ଦ୍ଧାରିତ ମାନ–କାମ କରା ନ ଯାଇ ଥୁକ ପାଲିସ କାମ କରାଯାଉଛି । ଏଭଳି କାମ କରାଗଲେ ଏହାର ଜୋରଦାର ବିରୋଧ କରାଯିବ ଲୋକେ ଧାରଣା ଦେବେ ଓ ଆନ୍ଦୋଳନ କରିବେ ବୋଲି କହିଥିଲେ । ଧାରଣା ବସିଥିବା ପୂର୍ବତନ ଏମ୍‌ପି ମିଶ୍ର, ଗ୍ରାମବାସୀଙ୍କ ପାଖକୁ ଆସି ଅଧୀକ୍ଷଣ ଯନ୍ତ୍ରୀ ବୁଦ୍ଧେଶ୍ୱର ମହାପାତ୍ର ଓ ତାଙ୍କ ଅଫିସର ଏସଡିଓ , ଜେଇ ଚ଼ାଲିଥିବା ରାସ୍ତା କାମର ଏଷ୍ଟିମେଟ ଆଣି ଦେଖାଇ ବୁଝାଇବାକୁ ଚେଷ୍ଟା କରିବା ସହ ଠିକାଦାରଙ୍କ ଏଗ୍ରିମେଣ୍ଟ କପି ଦେଖାଇଥିଲେ । ଉଚ୍ଚମାନର କାମ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ପୂର୍ବତନ ଏମ୍‌ପି ମିଶ୍ର ଓ ଗ୍ରାମବାସୀ ଧାରଣାରୁ ଉଠିଥିଲେ । ତେବେ ରାସ୍ତା କାମ ନିମ୍ନମାନର ହେଲେ ଆଗକୁ ଅଧିକ ଲୋକ ଆସି ଆରଡ଼ି ଅଫିସ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି ।

## ସରକାର ବଦଳିଥିଲେ ବି ପିସି ପରିମାଣ ବଦଳୁନି



**ବୈଶିଙ୍ଗା, ୬।୧୨ ଏକ୍ସପ୍ରେସ ନ୍ୟୁଜ୍**

ଓଡିଶାରେ ପଞ୍ଚାୟତରାଜ ବ୍ୟବସ୍ଥା ଲାଗୁ ହେବା ଦିନ ଠାରୁ ଦୁର୍ନୀତି ବା ପିସି ଯାହା ନ ଥିଲା ଏହି ୪/୫ ବର୍ଷ ମଧ୍ୟରେ ତାର ଅତ୍ୟଧିକ ପ୍ରଭାବ ଯୋଗୁଁ ଉନ୍ନୟନମୂଳକ କାର୍ଯ୍ୟ ଏକ ପ୍ରକାର କୋମାରେ ଥିବା ଅଭିଯୋଗ ହେଉଛି । ନିଜେ ବିଡିଓ ଏହି ପିସି କାରବାରରେ ସଂପୃକ୍ତ ଥିବା ଅଭିଯୋଗ ହେଉଛି । ପିସିର ପରିମାଣ ବୃଦ୍ଧି, ମନରେଗା କାର୍ଯ୍ୟରେ ଅନିୟମିୟତା, ମିଥ୍ୟା ବିଲ୍, ତା ସାଙ୍ଗକୁ କନିଷ୍ଠ ଯନ୍ତ୍ରୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ପଦବୀ ପୂରଣ ନ ହେବା ସରକାରଙ୍କ ସଫଳତାରେ ବାଧକ ସାଜିଥିଲା । ବର୍ତ୍ତମାନ ସୁଦ୍ଧା ପୂର୍ବ ସରକାରଙ୍କ ଯୋଜନା କାର୍ଯ୍ୟକାରୀ ନ ହେବା ଏବଂ ନୂଆ ସରକାରଙ୍କ ନୂତନ ଯୋଜନା ନିର୍ଦ୍ଧାରଣ ନ ହେବା ସାଧାରଣ ଲୋକଙ୍କ ପାଇଁ କାଳ ସାଜିଛି । ଏହାର ଉଦାହରଣ ପାଲଟିଛି ବେଟନଟୀ ବ୍ଲକର ୨୪ ପଞ୍ଚାୟତ । ଏହି ୨୪ଟି ପଞ୍ଚାୟତରେ ୨୪ ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦାୟିତ୍ୱ ତୁଲାଇବା ପରିବର୍ତ୍ତେ ୧୯ ଜଣ କାର୍ଯ୍ୟ କରୁଛନ୍ତି । ଏହି କାରଣରୁ ସବୁ ଉନ୍ନୟନ ମୂଳକ କାର୍ଯ୍ୟରେ ଲଗାମ ଲାଗି ଯାଉଛି । ଜଣେ ଜଣେ ନିର୍ବାହୀ ଅଧିକାରୀଙ୍କୁ ୨/୩ଟି ପଞ୍ଚାୟତର ଦାୟିତ୍ୱ ଦିଆଯାଇଥିବାରୁ କାର୍ଯ୍ୟ ତୁଲାଇବା କଷ୍ଟକର ହୋଇପଡୁଛି । କାର୍ଯ୍ୟ ତଦାରଖ କରିବା ପାଇଁ କନିଷ୍ଠ ଯନ୍ତ୍ରୀଙ୍କ ମଧ୍ୟ ଅଭାବ ଥିବାରୁ କାର୍ଯ୍ୟର ସମୟସୀମା ବଢି ବଢି ଯିବା ସହିତ କାର୍ଯ୍ୟର ମାନ ମଧ୍ୟ ଠିକ୍ ରହୁନଥିବା ଅଭିଯୋଗ ହେଉଛି । ୨୪ଟି ପଞ୍ଚାୟତରେ ମାତ୍ର ୯ ଜଣ କନିଷ୍ଠ ଯନ୍ତ୍ରୀ ଦାୟିତ୍ୱ ନିର୍ବାହ କରୁଥିବାରୁ କାର୍ଯ୍ୟ ଠିକ ତଦାରଖ ହୋଇ ପାରୁନହିଁ । ନୂତନ ସରକାର ନୂତନ ଚାକିରୀ ସୃଷ୍ଟି କରି ପଦବୀ ପୂରଣ କରି ପାରିଲେ ସରକାରଙ୍କ ଜନହିତକର କାର୍ଯ୍ୟ ସମ୍ପାଦନ ହୋଇ ପାରିବ । ଏଭଳି ଅନିୟମିୟତା ଲାଗି ରହିଲେ ପଞ୍ଚାୟତରେ କୌଣସି କାର୍ଯ୍ୟ ଠିକ ଭାବରେ ହୋଇ ପାରିବ ନାହିଁ ।

## ବଜରଙ୍ଗ ଦଳର ଶୋଭାଯାତ୍ରା



**ଯାଜପୁର,୬।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଚଳିତ ମାସ ୭ ତାରିଖରେ ଅନ୍ତର୍ରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ ସୌର୍ଯ୍ୟ ଦିବସ ଅବସରରେ ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି ବଜରଙ୍ଗ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସମ୍ବାଦିକ ସମ୍ମିଳନୀରେ କର୍ମକର୍ତ୍ତା ସୂଚନା ଦେଇଥିଲେ । ଶୋଭାଯାତ୍ରାଟି କୁଆଖିଆ ମଧୁବନ ନିକଟସ୍ଥ ମା' ହିଙ୍ଗୁଳା ପଡ଼ିଆରୁ ବାହାରି କୁଆଖିଆ, ହରିପୁର, ବରୁଆଁ, ବୁଢ଼ାଘାଟ, ମଲ୍ଲିକାପୁର, ଗୋଖନା, ଏନସି କଲେଜ, ମାନସାପୋଲ, ରେଡ଼କ୍ରସ ଛକ, ମେଡ଼ିକାଲ ଛକ, ଗାନ୍ଧି ଛକ ଦେଇ ହାବେଳି ବଜାର, ବଡ଼ବଜାର, ନାରାୟଣ ଛକ, ଗରିଆପୁର, ଯୋଡ଼ିକୁଅ, କୁଆଁସରପୁର, ବିରଜା ହାଟ ଦେଇ ବଜରଙ୍ଗ ଦଳ ମୁଖ୍ୟ କାର୍ଯ୍ୟାଳୟରେ ସମାପନ ହେବ । ଏହି ଶୋଭାଯାତ୍ରାରେ ପାଖାପାଖି ଏକ ହଜାରରୁ ଉର୍ଦ୍ଧ୍ୱ ମୋଟ ସାଇକେଲ ଓ କିଛି ଚାରି ଚକିଆ ଯାନ ସାମିଲ ହେବ ବୋଲି କମିଟିର କର୍ମକର୍ତ୍ତା ସୂଚନା ଦେଇଥିଲେ । ଏହି ସମ୍ବାଦିକ ସମ୍ମିଳନୀରେ ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦର ସଭାପତି ପ୍ରଭାତ ମଲ୍ଲିକ, ଜିଲ୍ଲା ଗୋ ରକ୍ଷା ପ୍ରମୁଖ ମୃତ୍ୟୁଞ୍ଜୟ ପଟ୍ଟନାୟକ, ବାଦଲ ନାୟକ, ଅନିଲ କୁମାର ଦାଶ, ଗୌତମ ପ୍ରସାଦ ସାହୁ, ଆନନ୍ଦ କୁମାର ରାଉତ, ଅରବିନ୍ଦ ଦାଶ, ସୁରେଶ କୁମାର ପତି, ଦିପନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରତିଶ୍ରୁତି ରଖିଲେନି ସରକାର, ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ଅସନ୍ତୋଷ

**କଟକ,୬।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ବର୍ତ୍ତମାନର ସରକାର ସାଧାରଣ ନିର୍ବାଚନ ପୂର୍ବରୁ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷାକର୍ମଚାରୀମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ରଖିପାରି ନାହାଁନ୍ତି ବୋଲି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆବାହକ ରନ କୁମାର ଦାଶ ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି ।

ସୂଚନାଥାଉକି, ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବିରୋଧି ଦଳର ମୁଖ୍ୟ ସଚେତକ ତଥା ବର୍ତ୍ତମାନର ମୁଖ୍ୟମନ୍ତ୍ରୀ, ବର୍ତ୍ତମାନର ଗଣଶିକ୍ଷା ମନ୍ତ୍ରୀ ଏବଂ କେତେଜଣ ବିଧାୟକଙ୍କ ଉପସ୍ଥିତିରେ ପ୍ରାକ୍ତନ ସରକାରଙ୍କ ବିରୁଦ୍ଧରେ ଗାନ୍ଧିମାର୍ଗରେ ହୋଇଥିବା ବିଶାଳ ରାଲିକୁ ସମ୍ବୋଧନ କରି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ ଯେ ତାଙ୍କ ଦଳ କ୍ଷମତାକୁ ଆସିଲେ ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କର ପେନସନ୍ ଓ ଅନୁଦାନ ଦାବି ଅବିଳମ୍ବେ ପୂରଣ ହେବ ଏବଂ ଶିକ୍ଷକ ସମାଜକୁ ସମର୍ଥନ କରି ବିଧାନ ସଭାକୁ ଅଚଳ କରିବା ପାଇଁ ମଧ୍ୟ ପଦକ୍ଷେପ ନେଇଥିଲେ । ସେଥିପାଇଁ ଶିକ୍ଷକ ସମାଜ ତାଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ରଖି ସରକାର ପରିବର୍ତ୍ତନ ପାଇଁ ସେମାନଙ୍କର ସମସ୍ତ ଶକ୍ତି, ବୁଦ୍ଧିବଳ ଖର୍ଚ୍ଚ କରିଥିଲେ । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଇତିମଧ୍ୟରେ ରାଜ୍ୟ ସରକାରଙ୍କର କାର୍ଯ୍ୟକାଳ ୧ ବର୍ଷ ୬ ମାସ ବିତି ଯାଇଥିଲେ ମଧ୍ୟ ସରକାର କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରିନାହାଁନ୍ତି । ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ସହିତ ସରକାର ବହୁବାର ଆଲୋଚନା, ପର୍ଯ୍ୟାଲୋଚନା କରିବା ପରେ ସମସ୍ୟା ସମାଧାନ ନିମନ୍ତେ ବିଧାନସଭା କମିଟି, ରାଜନୈତିକ କମିଟି, ସଚିବସ୍ତରୀୟ କମିଟି ଆଦି ଗଠନ କରି ଶିକ୍ଷକମାନଙ୍କର ସମସ୍ୟାର ସମାଧାନ ପାଇଁ ଆଗଭର ହୋଇଥିବା ବେଳେ ବର୍ତ୍ତମାନ ଆଉ ଏକ କମିଟି କ'ଣ ପାଇଁ ଗଠିତ ହୋଇଛି ସେ ନେଇ ବୁଦ୍ଧିଜୀବୀ, ଶିକ୍ଷାବିତ୍, ରାଜନୈତିକ ନେତୃବୃନ୍ଦ ଓ ଜନସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କମିଟି ଗଠନ ନାଁରେ କାଳକ୍ଷେପଣ ନୀତି ଅବଲମ୍ବନ କରି ସରକାରଙ୍କର ସମସ୍ୟା ସମାଧାନ କରିବା ପାଇଁ ଆନ୍ତରିକତା ନଥିବା ସ୍ପଷ୍ଟ ବାରିହୋଇ ପଡୁଛି ବୋଲି ସମନ୍ୱୟ ସମିତି ତରଫରୁ ଆଶଙ୍କା ପ୍ରକାଶ ପାଉଛି । ସରକାର ଯେଉଁ କମିଟି ଗଠନ କରିଛନ୍ତି ସେହି କମିଟି ୬ ମାସ ପରିବର୍ତ୍ତେ ୧ ମାସ ମଧ୍ୟରେ ତାର ରିପୋର୍ଟ ପ୍ରଦାନ କରିବାକୁ ସମନ୍ୱୟ ସମିତି ପକ୍ଷରୁ ଦୃଢ଼ ଦାବି କରାଯାଉଛି । ଏହି କମିଟିରେ ଶିକ୍ଷକ ନେତୃତ୍ୱମାନଙ୍କୁ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନିଅନ୍ତୁ ଯାହା ଫଳରେ ସମସ୍ୟା ସମାଧାନର ବାଟ ଶୀଘ୍ର ଖୋଲିଯିବ ବୋଲି ସମନ୍ୱୟ ସମିତି ପକ୍ଷରୁ ମଧ୍ୟ ଦାବି ହୋଇଛି । ଯଦି ଏଥିରେ ପରିବର୍ତ୍ତନ ନଘଟେ ତେବେ ଶିକ୍ଷକ ମାନେ ନିଶ୍ଚିତ ଭାବେ ରାଜରାସ୍ତାକୁ ଓହ୍ଲାଇବେ ଓ ଆଗାମୀ ଦିନରେ ଯେଉଁ ଦୁର୍ବାର ଆନ୍ଦୋଳନ ଗଢ଼ି ଉଠିବ ସେଥିପାଇଁ ସରକାର ଦାୟୀ ରହିବେ । ସମସ୍ୟାମାନଙ୍କ ମଧ୍ୟରେ ସମସ୍ତ ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ କରିବା ସହିତ ଅବସର ନେଉଥିବା ଓ ନେଇଥିବା ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କୁ ପେନସନ୍, ଅବସରକାଳୀନ ସୁବିଧା, ଚାକିରି ସର୍ତ୍ତାବଳୀ ପ୍ରଦାନ, ଅବସର ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି, ଗ୍ରେଡ଼ ପେ'ରେ ଥିବା ଅସଙ୍ଗତି, ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ନୋସନାଲ୍ ଇନକ୍ରିମେଣ୍ଟ ପ୍ରଦାନ, ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ ଆଦି ଅନ୍ତର୍ଭୁକ୍ତ । ତେଣୁ ସରକାର ଆଉ ଟାଳଟୁଳ ନୀତି ଅବଲମ୍ବନ ନକରି ଯଥାଶୀଘ୍ର ସମସ୍ୟାର ସମାଧାନ କଲେ ଓଡ଼ିଶାର ଶିକ୍ଷା, ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ଅବସ୍ଥା ସୁଧୁରିବା ସହିତ ବିଦ୍ୟାଳୟଗୁଡ଼ିକରେ ଉତ୍ତମ ଶୈକ୍ଷିକ ବାତାବରଣ ସୃଷ୍ଟି ହେବ ।

## ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା

**ହିଞ୍ଜିଳିକାଟୁ,୬।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଶୁକ୍ରବାର ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ଗଣ୍ଡଳା–ବେଳଗାଁ ସ୍ଥିତ ଶ୍ରୀ ବେଲେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଅଧକ୍ଷା ଡଃ ଅମିତା ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଶାରୀରିକ କ୍ରୀଡା ଶିକ୍ଷକ ନୀଳାଞ୍ଚଳ ସାହୁ ଓ ଛାତ୍ରମାନଙ୍କ ଦ୍ୱାରା ଗଣ୍ଡଳା ମା'କଲୁଆ ମନ୍ଦିରରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ମଶାଲ ଅଣାଯାଇଥିଲା । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ୨୦୨୫–୨୬ ବାର୍ଷିକ କ୍ରୀଡାକୁ ପତକା ଦେଖାଇ ଉଦଘାଟନ କରିଥିଲେ । ଦୁଇଦିନ ବ୍ୟାପି ଏହି କ୍ରୀଡା ଉତ୍ସବରେ ପ୍ରାୟ ୨୦୦ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚ଼ାଳନା କରିଥିଲେ ଶାରୀରିକ ଶିକ୍ଷକ ନୀଳାଞ୍ଚଳ ସାହୁ । ଅଧ୍ୟାପକ କାଳୁ ଚ଼ରଣ ନାୟକ, ଅଧ୍ୟାପକ ମାନସ ରଞ୍ଜନ ପଟ୍ଟନାୟକ, ଡଃ ସୁଧାଂଶୁ ଶେଖର ସାହୁ, ରମା କୁମାରୀ ପାଢ଼ୀ, ସତ୍ୟ ନାରାୟଣ ପଣ୍ଡା, ଲକ୍ଷ୍ମୀନାରାୟଣ ସାହୁ, ହରିହର ସାମନ୍ତରାୟ, ଉମାଶଙ୍କର ବେହେରା ଓ ଗୀତାଞ୍ଜଳି ପାତ୍ର ସହଯୋଗ କରିଥିଲେ ।

# କୋଣାର୍କ ମହୋତ୍ସବରେ ରାଜ୍ୟପାଳ

**କୋଣାର୍କ,୬।୧୨ ଏକ୍ସପ୍ରେସ୍ ନ୍ୟୁଜ୍**



ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ହେଉଥିବା କୋଣାର୍କ ଉତ୍ସବ ୨୦୨୫ ପରିପ୍ରେକ୍ଷୀରେ ଚ଼ନ୍ଦ୍ରଭାଗାରେ ବେଳାଭୂମିରେ ପାଞ୍ଚ ଦିନ ବ୍ୟାପୀ ଆନ୍ତର୍ଜାତିକ ବାଲୁକା କଳା ଉତ୍ସବ ଆୟୋଜନ ହୋଇ ଆସିଥାଏ । ଉତ୍ସବର ଅନ୍ତିମ ସନ୍ଧ୍ୟାରେ ଦେଶ ବିଦେଶରୁ ଆସିଥିବା ବାଲୁକା ଶିଳ୍ପୀମାନେ ସେମାନଙ୍କ କଳା ନୈପୁଣ୍ୟ ପ୍ରଦର୍ଶନ କରିବା ସହ ପର୍ଯ୍ୟଟକମାନଙ୍କ ମନ ମୋହୁଥିବା ଦେଖିବାକୁ ମିଳିଛି । ୧ରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ଏହି ଉତ୍ସବ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅତି ଉଚ୍ଚ କୋଟିର ହେଉଥିବା ଜଣାପଡିଛି । ଯାହାକି ପ୍ରତ୍ୟକ ଅପରାହ୍ନରେ ଲାଗିରହିଥିବା ଗହଳିରୁ ଅନୁମାନ କରାଯାଉଛି । ଚ଼ନ୍ଦ୍ରଭାଗା ବେଳାଭୂମିରେ ଆନ୍ତର୍ଜାତୀୟ ବାଲୁକା କଳା ଉତ୍ସବରେ ମୋଟ ୩୫ ଗୋଟି ଷ୍ଟଲରେ ଦେଶ ବିଦେଶରୁ ଆସିଥିବା ବାଲୁକା ଶିଳ୍ପୀମାନେ ନିଜ ନିଜର ଶ୍ରେଷ୍ଠ ବାଲୁକା କଳା ପ୍ରଦର୍ଶନ କରି ପର୍ଯ୍ୟଟକମାନଙ୍କ ମନ ମହୁଥିବା ଦେଖିବାକୁ ମିଳିଛି । ପ୍ରତିଦିନ ବିଭିନ୍ନ ବିଷୟ ବସ୍ତୁକୁ ନେଇ ବାଲୁକା ଶିଳ୍ପୀମାନେ ବାଲିରେ ସେମାନଙ୍କ କଳା ଚ଼ାତୁରି ପ୍ରଦର୍ଶନ କରୁଥିବା ବେଳେ ଶୁକ୍ରବାର ଅନ୍ତିମ ଦିବସରେ ବିକଶିତ ଭାରତ ଓ ଆତ୍ମନିର୍ଭର ଭାରତର ଗାଥାକୁ ନେଇ ନିଖୁଣ ବାଲୁକା କଳା ପ୍ରଦର୍ଶନ କରିଥିଲେ । ଚ଼ନ୍ଦ୍ରଭାଗା ବେଳାଭୂମିରେ ଏହି ଉତ୍ସବ ଆକର୍ଷଣୀୟ ସାଜିଥିବା ବେଳେ ଲକ୍ଷାଧିକ ଲୋକ ଏହାର ମଜା ନେଉଥିବା ଦେଖିବାକୁ ମିଳିଛି । ଏଥିସହିତ ସୁଭଦ୍ରା ଶକ୍ତି ମେଳାରେ ପ୍ରବଳ ଗହଳି ହେଉଥିବା ଦେଖିବାକୁ ମିଳିଛି । ବାଲୁକା କଳା ଉତ୍ସବରେ ପର୍ଯ୍ୟଟକମାନେ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ଖାଦ୍ୟର ମଜା ନେଉଥିବା ବେଳେ ବାଲୁକା କଳାକୁ ଉପଭୋଗ କରୁଥିବା ଦେଖିବାକୁ ମିଳିଛି । ଚ଼ଳିତ ବର୍ଷ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ପ୍ରୟାସ କରାଯାଇଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ପୋଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଅଛି ।

## ଓପିଜିସି ପକ୍ଷରୁ ଦଲଗାଁରେ ସ୍ୱାସ୍ଥ୍ୟ ଶିବିର

**ଇବ୍ ଥର୍ମାଲ,୬।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଓପିଜିସି ପକ୍ଷରୁ ଶୁକ୍ରବାର ଲଖନପୁର ବ୍ଲକ ଦଲଗାଁ ପଞ୍ଚାୟତ ଅଫିସ୍‌ରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା । ସରପଞ୍ଚ ସନ୍ତୋଷ ରୋହିଦାସ ଏହାକୁ ଉଦ୍‌ଘାଟନ କରିଥିଲେ । ଶିବିରରେ ଇବ୍‌ଥର୍ମାଲ ଡାକ୍ତରଖାନାର ମୁଖ୍ୟ ଚ଼ିକିତ୍ସାଧିକାରୀ ଡା. ସଂଗୀତା ପଣ୍ଡା, ଡା. ହିତେନ୍ଦ୍ର ରାଉତ, ଡା.ଅଙ୍କିତ ଆଚ଼ାର୍ଯ୍ୟଙ୍କ ସମେତ ସମ୍ବଲପୁରରୁ ଆସିଥିବା ଶିଶୁରୋଗ ବିଶେଷଜ୍ଞ ଡା. ମଦନ ମୋହନ ତ୍ରିପାଠୀ ଓ ଭେଷଜ ବିଶେଷଜ୍ଞ ଡା. ଦୀପକ ପାଣିଗ୍ରାହୀ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ସକାଳ ସାଢେ ୧୦ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଚ଼ାଲିଥିଲା ଶିବିରରେ ଦଲଗାଁ, ବାସୁପଲି, ସୋଲପାଲି, ଭୀମଗୁଡି, ଖୁଣ୍ଟପାଲି, ଅଧାଡିହି, ସେହ୍ଲାମାଲ, ସାରଣ୍ଡମାଲ, ଭେଜିକୁଡ଼, ନେଗୀପାଲି, ଖମାରଡିହି ଓ ଖପସିମୁଣ୍ଡା ଆଦି ଗ୍ରାମର ୧୬୯ ଲୋକଙ୍କ ବିଭିନ୍ନ ରୋଗ ପରୀକ୍ଷା କରାଯାଇ ଔଷଧ ଓ ଡାକ୍ତରୀ ପରାମର୍ଶ ଦିଆଯାଇଥିଲା । ଓପିଜିସିର ସିଏସ୍‌ର ବିଭାଗ ଓ ଇବ୍‌ଥର୍ମାଲ ଡାକ୍ତରଖାନା ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ସିଏସ୍‌ଆର ବିଭାଗର ତାପସ ପଣ୍ଡା ଉପସ୍ଥିତ ଥିଲେ । ଡାକ୍ତରଖାନାର ପ୍ରଭାତ ବାରିକ, ସୁଜାତା ନାୟକ, ସୁନିତା ଏକ୍କା, ସନ୍ଧ୍ୟାରାଣୀ କିଷାନ, ଅଗ୍ନିବେଶ ସିଂ, ଅଭିମନ୍ୟୁ ଭୋଇ, ଦିଲୀପ ଦୀପ, ଦୁବରାଜ ମିର୍ଦ୍ଧା, କର୍ଣ୍ଣ ବାଗ ଶିବିର ପରିଚ଼ାଳନାରେ ସହଯୋଗ କରିଥିଲେ ।

## ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବୃକ୍ଷ ରୋପଣ

**କେନ୍ଦ୍ରାପଡ଼ା,୬।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମଣ୍ଡଳ ଶିକ୍ଷା ଅଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ, ସହ ମଣ୍ଡଳଶିକ୍ଷା ଅଧିକାରୀ ବଳଦେବ ପ୍ରସାଦ ଜେନା, ଶିକ୍ଷକ ସଂଘ ନେତା ମାନଭଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ ବିଭିନ୍ନ ବୃକ୍ଷର ଚାରା କାର୍ଯ୍ୟାଳୟ ପରିସରରେ ରୋପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଓ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## ହାଇସ୍କୁଲରେ ସାଇବର ସଚେତନତା

**କେନ୍ଦ୍ରାପଡ଼ା,୬।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଟାଉନ ସରକାରୀ ହାଇସ୍କୁଲ ପରିସରରେ ପ୍ରଧାନ ଶିକ୍ଷକ ମଦନ ମୋହନ କରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ବରିଷ୍ଠ ଆଇନଜୀବି ପ୍ରଦୀପ କୁମାର ଦାସ ଯୋଗ ଦେଇଥିଲେ । ପିଏମ ଶ୍ରୀ ଆନୁକୂଲ୍ୟରେ ବ୍ଲକସ୍ତରୀୟ ବ୍ୟାଗଲେସ–୨୦୨୫/୨୬ ସାଇବର ସିକ୍ୟୁରିଟି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସଂଖ୍ୟାଧିକ ଛାତ୍ର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ମାଧ୍ୟମରେ ସରକାରଙ୍କ ଉଦେଶ୍ୟ ଓ ଆଭିମୁଖ୍ୟ କିପରି ଲୋକେ ଏହି ସାଇବର ଠକାମୀର ଶିକାର ନହୁଅନ୍ତୁ । ଦିନକୁ ଦିନ ଦେଶରେ ସାଇବର କ୍ରାଇମ ବଢ଼ିଥିବା ବେଳେ ସାଇବର ଠକମାନେ ବିଭିନ୍ନ ଉପାୟ ଅବଲମ୍ବନ କରି ଲୋକଙ୍କୁ ଠକୁଛନ୍ତି । ତେଣୁ ତାହା ଉପରେ ରୋକ ଲଗାଇବା ପାଇଁ ସରକାର ଅଭିନବ ଉପାୟ ମାଧ୍ୟମରେ ସମସ୍ତ ବ୍ଲକ ଏବଂ ଜିଲ୍ଲାସ୍ତରରେ ସ୍କୁଲମାନଙ୍କରେ ବ୍ୟାଗ ଲେସ ଦିବସ ପାଳନ କରୁଛନ୍ତି ଯେଉଁଥିରେ ଛାତ୍ରଛାତ୍ରୀମାନଙ୍କୁ ସାଇବର ଅପରାଧରୁ ସୁରକ୍ଷିତ ରହିପାରିବେ ସେଥିପାଇଁ ଏହିଭଳି ଶିବିର ଅନୁଷ୍ଠିତ କରାଯାଉଛି । ଯାହା ଦ୍ୱାରା ଛାତ୍ରଛାତ୍ରୀମାନେ ସଚେତନତା ହେବା ଦ୍ୱାରା ସାଇବର କ୍ରାଇମ ଉପରେ ରୋକ ଲାଗିପରିବ । ଏହି କାର୍ଯ୍ୟକ୍ରମରେ ଶିବ ପ୍ରସାଦ ନାୟକ, ପବିତ୍ର ମୋହନ ଜେନା, ଉମାକାନ୍ତ ମହାପାତ୍ର, ଶର୍ମିଷ୍ଠା ସାମଲ, ସୁଜାତା ପ୍ରିୟ ଦର୍ଶନୀ ଜେନା, ଶୁଭସ୍ମିତା ପତି, ବନଜା ରାଉତ, ଶଶୀରେଖା ସାମଲ, ସୁକେଶିନୀ ପ୍ରଧାନ, ନାରାୟଣ ମିଶ୍ର, ଇବ୍ରାହିମ ଖାନ, ଦୀପକ କୁମାର ସାମଲ, ମନୋଜ କୁମାର ପରିଡା, ଭାଗ୍ୟଶ୍ରୀ ପ୍ରିୟଦର୍ଶନୀ ପରିଡା ପ୍ରମୁଖ ଶିକ୍ଷକ ଓ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ ।

# କବିତା ସଂକଳନ 'ବିଶ୍ୱର ଅସ୍ମିତା କାଳିଆ ଠାକୁର'

**ପଟ୍ଟାମୁଣ୍ଡାଇ,୬।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ପଟ୍ଟାମୁଣ୍ଡାଇ ଅଂଚଳର ବିଶିଷ୍ଟ କବି ତଥା ପରିବେଶବିତ୍ ଡାଃ ମନୋରଜ ଦାଶଙ୍କ ଏକାଦଶତମ କବିତା ସଂକଳନ 'ବିଶ୍ୱର ଅସ୍ମିତା କାଳିଆ ଠାକୁର' ଉନ୍ମୋଚିତ ହୋଇଯାଇଛି । ଉକ୍ତ ଉନ୍ମୋଚନ ଉତ୍ସବରେ ପ୍ରାବନ୍ଧିକ ତଥା କଥାକାର ଅଧ୍ୟାପକ ଡ଼ଃ ନୀଳମଣି ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ ଭାବର ଠାକୁର ପ୍ରଭୁ ଶ୍ରୀ ଜଗନ୍ନାଥ ହିଁ ଆମର ସ୍ୱାଭିମାନ ଆମର ଅସ୍ମିତା । ସର୍ବଧର୍ମର ସମନ୍ୱୟ କ୍ଷେତ୍ର ହେଉଛି ଶ୍ରୀକ୍ଷେତ୍ର । ମାନବବାଦର ଜୟଯାତ୍ରା କାହିଁ କେଉଁ କାଳରୁ ଏଠାରୁ ସୂତ୍ରପାତ ହୋଇଛି । ଭାବପ୍ରବଣ ମଣିଷ ମନର ବେଦନାକୁ ଶୁଣିବା ନିମନ୍ତେ ସେ ସର୍ବଦା ତତ୍ପର । ତାଙ୍କ ନିକଟରେ କୌଣସି ସ୍ୱତନ୍ତ୍ର ଭାଷାର ମାଧ୍ୟମ ଆବଶ୍ୟକ ପଡ଼େ ନାହିଁ । ଭକ୍ତ ମର୍ମେ ମର୍ମେ ଅନୁଭବ କରେ ପ୍ରଭୁ ମୋ'ରି କଥାକୁ ହିଁ ମୋ ଭାଷାରେ ଶୁଣୁଛନ୍ତି ଓ ମୋତେ ଭରସା ଦେଉଛନ୍ତି, ସାନ୍ତ୍ୱନା ମଧ୍ୟ ଦେଉଛନ୍ତି । ତେଣୁ କାଳିଆ ଠାକୁର ଶ୍ରୀଜଗନ୍ନାଥଙ୍କ ଚକାନୟନକୁ ଚାହିଁ ଦେଲେ ଆପେ ଆପେ ଭାବ ଓ ଭାଷାର ବିନିମୟ ହୋଇଯାଏ । ତେଣୁ ଶୁକ୍ରବାର କବି ଡାଃ ଦାଶ ତାଙ୍କ ଏକାଦଶତମ କବିତା ସଂକଳନରେ ବିଶ୍ୱର ଅସ୍ମିତା କାଳିଆ ଠାକୁରରେ ସମସ୍ତ ଭାବକୁ ଉଜ୍ଜିବୀତ କରିଛନ୍ତି । ତାଙ୍କର ଏହି ଭକ୍ତି ରସାତ୍ମକ ଓ ଆବେଗ ପୂର୍ଣ୍ଣ ସଂକଳନ ରଚନା ପାଇଁ ସେ ତାଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ କବି ଗୌରହରି ବିଶ୍ୱାଳ ଯୋଗ ଦେଇ ପ୍ରଭୁ ଶ୍ରୀ ଜଗନ୍ନାଥ ବିଶ୍ୱର ଆରାଧ୍ୟ ଦେବତା । ବିଭିନ୍ନ ଭାଷାଭାଷୀ ଭକ୍ତ ଯଥା ଶଙ୍କର, ନିମ୍ବାର୍କ, ରାମାନୁଜ ହୁଅନ୍ତୁ କିମ୍ବା କବୀର, ନାନକ, ତୁଳସୀ ଦାସ ହୁଅନ୍ତୁ, ସେମାନେ ନିଜର ଅଭିବ୍ୟକ୍ତିକୁ ନିଜ ମାତୃଭାଷାରେ ହିଁ କରିଥିଲେ । ସେ ଶବ୍ଦ ବ୍ରହ୍ମ । ପ୍ରତ୍ୟେକ ଭାଷାର ଶବ୍ଦ ସୃଷ୍ଟି ହିଁ ତାଙ୍କର ପ୍ରେରଣାରୁ ହୋଇଛି । ଶ୍ରୀଜୟଦେବଙ୍କ ଗୀତଗୋବିନ୍ଦକୁ ଯେତିକି ଶ୍ରଦ୍ଧାର ସହିତ ଶୁଣିଛନ୍ତି ସେହିଭଳି ଦୀନକୃଷ୍ଣ 'ରସକଲ୍ଲୋଳ' ଓ ଅଭିମନ୍ୟୁ ସାମନ୍ତ ସିଂହାରଙ୍କ–'ବିଦଗଧ ଚିନ୍ତାମଣି'କୁ ମଧ୍ୟ ଭାବର ସହିତ ଶୁଣିଛନ୍ତି । ଓଡ଼ିଆ ମାଟିର ଶ୍ରେଷ୍ଠ କବି ଉପେନ୍ଦ୍ର ତ ଥିଲେ ଜଗନ୍ନାଥଙ୍କର ପ୍ରିୟକବି । ଶ୍ରୀଜଗନ୍ନାଥ ହିଁ ସାରଳା ଦାସଙ୍କୁ ମହାଭାରତ, ଜଗନ୍ନାଥ ଦାସଙ୍କୁ ଭାଗବତ, ବଳରାମ ଦାସଙ୍କୁ ରାମାୟଣ ଓ ଅଚ୍ୟୁତାନନ୍ଦଙ୍କୁ ହରିବଂଶ ଲେଖିବାକୁ ପ୍ରେରଣା ଦେବା ସହିତ କୃପାମଧ୍ୟ ପ୍ରଦାନ କରିଛନ୍ତି, ଯଶୋବନ୍ତ ଦାସ ଓ ଶିଶୁ ଅନନ୍ତ ମଧ୍ୟ ଶ୍ରୀଜଗନ୍ନାଥଙ୍କ କୃପାରୁ କବି ପଦ ପ୍ରାପ୍ତ ହୋଇଛନ୍ତି । ସେମାନଙ୍କର ଭାଷା ସୃଷ୍ଟିର କ୍ଷମତା ଲେଖନୀ ଶୈଳୀ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଓ ପରଂପରାରୁ ହିଁ ପ୍ରେରଣା ପାଇ ସମ୍ଭବ ହୋଇଛି । ସେହି ଭଳି କବି ଡାଃ ଦାଶ ଭକ୍ତି ଓ ଭାବପୂର୍ଣ୍ଣ କବିତା ରଚନା ପ୍ରଭୁଙ୍କ କରୁଣାରୁ ହୋଇଥିବାରୁ ସେ ଆମ ଅଂଚଳର ଗର୍ବ ବୋଲି ମତବ୍ୟକ୍ତ କରିଥିଲେ । କବୟିତ୍ରୀ ମିନା କୁମାରୀ ସିଂହ ଓ କବୟିତ୍ରୀ ଗୀତାଳି ଦାଶ କବିତା ଗୁଡ଼ିକୁ ସମୀକ୍ଷା କରିଥିଲେ । ଉକ୍ତ ଉତ୍ସବରେ କବୟିତ୍ରୀ ଅନୀତା ନନ୍ଦୀ, ଜ୍ୟୋତିର୍ମୟୀ ନନ୍ଦୀ, ସୁଜିତ ରାଉତ, ବିଶ୍ୱଜିତ୍ ଦାଶ ଓ ବଲ୍ଲଭ ଗୋଛୟତ ପ୍ରମୁଖ ଯୋଗଦେଇ କବିଙ୍କର କବିତାଗୁଡ଼ିକୁ ଆବୃତି କରିଥିଲେ । ଅଭିରାମ ରାୟ ସ୍ୱାଗତ ସୂଚନା ଓ ଶ୍ୟାମସୁନ୍ଦର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଡିଓଙ୍କୁ ସମ୍ବର୍ଦ୍ଧନା

**ରାଜନଗର,୬।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ନୂତନ ଭାବେ ଯୋଗ ଦେଇଥିବା ବିଡିଓ ତିଳୋତମା ପୃଷ୍ଟିଙ୍କୁ ପିଷ୍ପଗୁଚ୍ଛ ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଷଚନ୍ଦ୍ର ଗୁଡ଼ିଆ, ସରପଞ୍ଚ ସଂଘର ସଭାପତି ଅଶୋକକୁମାର ମହାନ୍ତି, ସରପଞ୍ଚ ନିରଂଜନ ରାଉତ, ଇତିଶ୍ରୀ ମିଶ୍ର, ଶୈଳେନ୍ଦ୍ର ମିଶ୍ର, ସମିର ସେଠୀ, ଚିତରଞ୍ଜନ ପଣ୍ଡା, ରାଣୀମଞ୍ଜରୀ ସେଠୀ, ଶସ୍ମିତା ମହାନ୍ତି, ଦୌପଦୀ ସେଠୀ, ପ୍ରାକ୍ତନ ସରପଞ୍ଚ ଦେବେନ୍ଦ୍ର ଜେନା, ରଞ୍ଜନ ମହାନ୍ତି, ସରୋଜ ରାଉତ, ସିଦ୍ଧେଶ୍ୱର ଚମ୍ପତିରାୟ ପ୍ରମୁଖ ଉପସ୍ଥିତ ଥିଲେ ।


**AFFIDAVIT**

I, LAXMIPRIYA BARAL, aged about 31 years, D/o- Pravakar Baral, W/o- Bishnu Charan Jena. resident of At- Nuagaon, PO- Itipur, P.S- Dhauli, Dist- Khordha, Odisha, Pin- 751002, declare by this Affidavit CF No.2, dtd.06.12.2025, that I am the deponent of this affidavit. That consequent upon my marriage with Bishnu Charan Jena, S/o- Late Prasanna Kumar Jena, on dtd.02.07.2021 as per Hindu Rites and customs, I would like to change my surname from Baral to Jena. That henceforth I shall be known called and identified as **LAXMIPRIYA JENA**, W/o- Bishnu Charan Jena for all purpose. That I declare that **Laxmipriya Jena** and Laxmipriya Baral is one and same person who is myself. That future my name will be treated as Laxmipriya Jena. This affidavit is required to be produced before the Competent authority for necessary purposes, i.e correction of my Aadhaar Card and all other necessary purposes. The facts stated above are true to the best of my knowledge and belief.



**ପୂର୍ବ ତଟ ରେଳପଥ**

(1) ବିଜ୍ଞପ୍ତି ସଂ. e-Tender-Elect-G-61-25

**କାର୍ଯ୍ୟର ବିବରଣୀ :** LHB AC କୋଚ୍‌ଗୁଡ଼ିକର 1000 ସେଟ୍ RMPUs ର ପୁନର୍ନିର୍ମାଣ (Refurbishment) ବ୍ୟବସ୍ଥା । [ଖୋର୍ଦ୍ଧା ରୋଡ୍(KUR) - 36 ସେଟ୍ RMPU] (PB-348/2025-26) ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(₹):** 2,43,59,059.08, EMD (₹): 2,71,800.00 ।

(2) ବିଜ୍ଞପ୍ତି ସଂ. e-Tender-Elect-G-62-25

**କାର୍ଯ୍ୟର ବିବରଣୀ :** ନରାଜ ମାର୍ଥପୁର(NQR) ରେଳ ଷ୍ଟେସନର ଦ୍ୱିତୀୟ ପ୍ରବେଶପଥର ଉନ୍ନତିକରଣ ସମ୍ବନ୍ଧୀୟ ବିଦ୍ୟୁତୀକରଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(₹):** 1,93,28,268.08, EMD (₹): 2,46,700.00 ।

(3) ବିଜ୍ଞପ୍ତି ସଂ. e-Tender-Elect-G-63-25

**କାର୍ଯ୍ୟର ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସାକ୍ଷୀଗୋପାଳ–ମାଳତୀପାଟପୁର ଷ୍ଟେସନ ମଧ୍ୟରେ ଲେଭେଲ କ୍ରସିଂ ନଂ. KP-30 ନିକଟରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ବ୍ୟବସ୍ଥା ସମ୍ବନ୍ଧୀୟ ବିଦ୍ୟୁତୀକରଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(₹):** 24,13,600.00, EMD (₹): 48,300.00 ।

(4) ବିଜ୍ଞପ୍ତି ସଂ. e-Tender-Elect-G-64-25

**କାର୍ଯ୍ୟର ବିବରଣୀ :** ତିନି ବର୍ଷ ଅବଧି ନିମନ୍ତେ ପୁରୀ କୋଚିଙ୍ଗ୍ ଡିପୋ ଠାରେ LHB ଟାଇପ୍ କୋଚ୍ ଗୁଡ଼ିକରେ ଅଣ୍ଡରସ୍ଲଙ୍ଗ ଇଲେକ୍ଟ୍ରିକାଲ ଉପକରଣଗୁଡ଼ିକ ନିମନ୍ତେ D2/D3/SSI ରକ୍ଷଣାବେକ୍ଷଣ ଅନୁସୂଚୀର ବହିଃସ୍ରୋତ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(₹):** 1,53,74,924.28, EMD (₹): 2,26,900.00, ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : 5,900.00 ।

(5) ବିଜ୍ଞପ୍ତି ସଂ. e-Tender-Elect-G-65-25

**କାର୍ଯ୍ୟର ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବିଭିନ୍ନ ସ୍ଥାନଗୁଡ଼ିକ ଠାରେ ରନିଙ୍ଗ୍ ରୁମ୍‌ରେ ଅତ୍ୟଧିକ ପୁରୁଣା ଇଲେକ୍ଟ୍ରିକାଲ ଆସେଟଗୁଡ଼ିକର ସ୍ଥାନାନ୍ତରଣ ଦ୍ୱାରା ସୁବିଧାସୁଯୋଗର ଉନ୍ନତି ସମ୍ବନ୍ଧୀୟ ଅବଶିଷ୍ଟ କାର୍ଯ୍ୟ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(₹):** 1,67,97,771.18, EMD (₹): 2,34,000.00 ।

ଶେଷ ହେବା ଅବଧି : 06 ମାସ (କ୍ରମ ସଂ.1, 2 ଏବଂ 5 ପାଇଁ), 03 ମାସ (କ୍ରମ ସଂ.3 ପାଇଁ) ଏବଂ 36 ମାସ (କ୍ରମ ସଂ.4 ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.24.12.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ଖୋର୍ଦ୍ଧା ରୋଡ୍

PR-871/Q/25-26

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର | 7th December, 2025 Sunday | RNI Regd. No. ODIODI/2006/23033 | Postal Regd. No. : BN/169/13-15

## ମଦର ଶକ୍ତି




ମଦ ପିଉଥିବା ଲୋକ ସହିତ କ୍ଷୀର ପିଇବାକୁ ଭଲ ପାଉଥିବା ଲୋକର ଭୀଷଣ ଯୁକ୍ତିତର୍କ ଚାଲିଥାଏ । ମଦ ପିଉଥିବା ଲୋକଟି ଦୃଢ଼ ସ୍ୱରରେ କହୁଥାଏ- କିଏ କହିଲା, ଖାଲି କ୍ଷୀରରୁ ଶକ୍ତି ମିଳେ ମଦରୁ ମିଳେ ନାହିଁ ? ଶୁଣ, ମୁଁ ତୁମକୁ ଚାଲେଞ୍ଜ କରୁଛି, ତୁମେ ମାସେଯାଏଁ ପ୍ରତିଦିନ ଗିଲାସେ ଲେଖାଏଁ କ୍ଷୀର ପିଅ ତା' ପରେ ଘର ଚାରିପଟ ପାଚେରିକୁ ଠେଲି ପକେଇବାକୁ ଚେଷ୍ଟା କର । ପାରିବ ? ପାରିବନି ପାରିବନି ପାରିବନି.... ।

କିନ୍ତୁ ଗିଲାସେ ବିୟର ପିଅ । ତା' ପରେ ସେ ପାଚେରିକୁ ହଲେଇବା ଦରକାର ନାହିଁ, ତାକୁ ଚାହିଁଲେ ସେ ଆପେ ଆପେ ହଲିବାକୁ ଆରମ୍ଭ କରିବ ।

# ଖଣି ଅଧିକାରୀଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଲେ ଟ୍ରକ ମାଲିକ

ସୋର,୬।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ସୋର ଥାନା ଦାଣ୍ଡହରିପୁର ଗ୍ରାମରେ ପଥର ଗାଡି ଧରିବାକୁ ଯାଇଥିବା ବେଳେ ଦୁଇ କନିଷ୍ଠ ଖଣି ଅଧିକାରୀଙ୍କୁ ମାଡ଼ ହୋଇଥିବା ଜଣାପଡିଛି । ସୂଚନା ଅନୁସାରେ ଆଜି ଅପରାହ୍ଣରେ ବାଲେଶ୍ୱର କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ଏବଂ ସମ୍ବିତ କୁମାର ମଣି ଦାଣ୍ଡ ହରିପୁର ଗ୍ରାମରେ ଏକ ଡମ୍ପର ବେଆଇନ ଭାବେ ପଥର ଚାଲାଣ କରୁଥିବା କୌଣସି ସୁତ୍ରରୁ ଖବର ପାଇ ଚଢ଼ାଉ କରିଥିଲେ । ଏହି ସମୟରେ ଗ୍ରାମବାସୀ କେହି ଖଣି ବିଭାଗକୁ ଖବର ଦେଇଥିବା ଅଭିଯୋଗ କରି ନିଜ ନିଜ ମଧ୍ୟରେ ଗଣ୍ଡଗୋଳ ଲାଗିଥିଲେ । ଏହି ସମୟରେ ଖଣି ଅଧିକାରୀ ଦ୍ୱୟ ଗାଡିକୁ ଜବତ କରି



ଆଣିବାକୁ ଚେଷ୍ଟା କରୁଥିବା ବେଳେ ଗ୍ରାମବାସୀମାନେ ଉଭୟଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ । ସେଠାରେ ଗାଡିକୁ ଛାଡି ପଳାଇ ଆସି ଏ ବାବଦରେ ଖଣି ଅଧିକାରୀ ଜଗନ୍ନାଥ ଦାସ ସୋର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ମୂଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

### ବାରବାଟୀ ଟି-୨୦ମ୍ୟାଚ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ

# ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ଡିଜିପି

କଟକ,୬।୧୨
ଏକ୍ସପ୍ରେସ୍ ନ୍ୟୁଜ୍

୨ ଦିନ ପରେ ବାରବାଟୀରେ ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ ମ୍ୟାଚ ଅନୁଷ୍ଠିତ ହେବ । ମ୍ୟାଚ ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ବାରବାଟୀ ମ୍ୟାଚ ପୂର୍ବରୁ ଶନିବାର ପୋଲିସ ଡିଜିପି ୱାଇ ବି ଖୁରାନିଆ ଷ୍ଟାଡ଼ିୟମରେ ପହଞ୍ଚି ସୁରକ୍ଷା ବ୍ୟବସ୍ଥାର ଯାଂଚ କରିଥିଲେ । ଖେଳାଳୀ ଓ ଦର୍ଶକଙ୍କ ସୁରକ୍ଷା ବ୍ୟବସ୍ଥା ନେଇ ପୋଲିସ ଡିଜି ବିଚାରବିମର୍ଶ କରିଥିଲେ । ପୋଲିସ କମିଶନର ଓ କଟକ ଡିସିପି ଏବଂ ଓସିଏ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ବାରବାଟୀ ଟି-୨୦ ମ୍ୟାଚ ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ହୋଇଥିବା ଡିଜି ସୂଚନା ଦେଇଛନ୍ତି । ସେହିପରି ଅଗ୍ନିଶମ ମହାନିର୍ଦ୍ଦେଶକ ଡ ସୁଧାଂଶୁ ଷଡଙ୍ଗୀ ମଧ୍ୟ ବିଭାଗୀୟ ଅଧିକାରୀମାନଙ୍କ ସହ କ୍ଷେତ୍ର ନିରୀକ୍ଷଣ କରିଛନ୍ତି । ଶ୍ରୀ ଷଡଙ୍ଗୀ କହିଛନ୍ତି, ରାଜ୍ୟର ସ୍ୱାର୍ଥ ଓ ଦର୍ଶକମାନଙ୍କ ସୁରକ୍ଷା ପାଇଁ ଆମେ ଦାୟିତ୍ୱ ବହନ କରୁଛୁ । ଯେକୌଣସି ପ୍ରକାରର ଆପାତକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଷ୍ଟାଡ଼ିୟମରେ ୩୦୦ ଆଗ୍ନିକ ମୃତୟନ ହେବ ବୋଲି ଶ୍ରୀ ଷଡଙ୍ଗୀ ସୂଚନା ଦେଇଛନ୍ତି । ଏହାଛଡ଼ା ଷ୍ଟାଡ଼ିୟମ ପରିସରରେ ୭ଟି ଅସ୍ଥାୟୀ ଏଡପୋଷ୍ଟ ଖୋଲିବ । ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ଏକାଧିକ ପମ୍ପସେଟ ଅଗ୍ନିଶମ ବାହିନୀ ମହଜୁଦ ରଖିବ । ଏହା ବ୍ୟତୀତ ୨୧ଟି ମୋବାଇଲ କଣ୍ଟ୍ରୋଲ ଭ୍ୟାନର ବ୍ୟବସ୍ଥା କରାଯିବ । ଷ୍ଟାଡ଼ିୟମ ଭିତରର ସମସ୍ତ ଗତିବିଧିକୁ ସିସିଟିଭି ଜଗିବ ।

ଅପର ପକ୍ଷରେ ବାରବାଟୀ ଟି-୨୦ ମୁକାବିଲା ପାଇଁ ପିଚ ପ୍ରସ୍ତୁତି ପର୍ବକୁ ଓସିଏ ତ୍ୱରାନ୍ୱିତ କରିଛି । ମୁଖ୍ୟ ପିଚ ବ୍ୟତୀତ ନେଟ ପ୍ରାକ୍ଟିସ ଲାଗି ମଧ୍ୟ ଏବେଠାରୁ ବ୍ୟବସ୍ଥା କରାଯାଉଛି । ଯଦିଓ ୮ ତାରିଖରେ ଉଭୟ ଭାରତ ଏବଂ ଦକ୍ଷିଣ ଆଫ୍ରିକାର ଖେଳାଳୀମାନେ ବାରବାଟୀରେ ଅଭ୍ୟାସ କରିବେ, କିନ୍ତୁ କିଛି ଖେଳାଳୀ ଶୁକ୍ରବାର ଠାରୁ ଆସିଗଲେଣି । ତେଣୁ ସେହି ଦୃଷ୍ଟିରୁ



ନେଟ ପ୍ରାକ୍ଟିସ ପାଇଁ ପୁନଃ ପ୍ରସ୍ତୁତି କରାଯାଉଛି । ବିଶେଷ କଥା ହେଲା, ପ୍ରଥମ ଥର ପାଇଁ ବାରବାଟୀର ରେଡ଼ ସଏଲ ପିଚରେ ଅନ୍ତର୍ଜାତୀୟ ମ୍ୟାଚ ଖେଳାଯିବ । ତେଣୁ ନେଟ ପ୍ରାକ୍ଟିସ ପାଇଁ ନାଲି ମାଟିର ପିଚ ପ୍ରସ୍ତୁତ ହୋଇ ରହିଛି ବୋଲି ଓସିଏ ମୁଖ୍ୟ କ୍ୟୁରେଟର ଅଞ୍ଜନ ଖୁଣ୍ଟିଆ ସୂଚନା ଦେଇଛନ୍ତି ।

# ପ୍ରେମିକା ପାଇଁ ଗଳା କାଟିଦେଲେ ପ୍ରେମିକ

ଘୁ.ଉଦୟଗିରି,୬।୧୨
ଏକ୍ସପ୍ରେସ୍ ନ୍ୟୁଜ୍

କଲେଜରେ ପାଠ ପଢ଼ିବା ବେଳେ ପ୍ରଥମ ପରିଚୟ । ଏହା ପରଠାରୁ କଥାବାର୍ତ୍ତା ଏବଂ ଘନିଷ୍ଠତା । ନିବିଡତାରୁ ଗଢ଼ି ଉଠିଲା ପ୍ରେମ ଏବଂ ଏହା ପରେ ବିବାହ । କିନ୍ତୁ ଏହି ପ୍ରେମ ବିବାହରେ ପ୍ରତିବନ୍ଧକ ସାଜିଲେ ପରିବାର, ଯେଉଁଥିପାଇଁ ଜଣେ ଯୁବକଙ୍କୁ ଜୀବନ ହାରିବା ପାଇଁ ନେବାକୁ ପଡିଛି ପଦକ୍ଷେପ । ବ୍ଲେଡରେ ନିଜ ବେକକୁ କାଟି ଗୁରୁତର ଥିବା ଯୁବକ ଏବେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । କନ୍ଧମାଳ ଜିଲ୍ଲା ଘୁମୁସର ଉଦୟଗିରି ଅଞ୍ଚଳରେ ଏହି ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି ।

କଳିଙ୍ଗା ପଞ୍ଚାୟତର ଡୁଗୁଡ଼ିପାରୀ ଗ୍ରାମରେ ଆଜି ସକାଳେ ଜଣେ ପ୍ରେମିକ ନିଜ ବେକ କାଟି ଆତ୍ମହତ୍ୟା ଉଦ୍ୟମ ଭଳି ଏକ ଅଭାବନୀୟ ଘଟଣା ଘଟିଥିବା ଦେଖିବାକୁ ମିଳିଛି । ନିଜ ପ୍ରେମିକାକୁ ନେବାକୁ ଆସି ବିଫଳ ହେବା ପରେ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ କରିଛି । ଖଜୁରୀପଡ଼ାର ଶୁଭ୍ରାଂଶୁ ସାହୁ (୨୨) ପାଖ ଗ୍ରାମର ଜଣେ ୨୧ବର୍ଷୀୟ ଯୁବତୀ ସହ ଫୁଲବାଣୀ କଲେଜରେ ପାଠ ପଢ଼ା ସମୟରେ ଦେଖା ସାକ୍ଷାତ ପରେ ବନ୍ଧୁତା ଏବଂ ତା'ପରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା । ପ୍ରେମ ସମ୍ପର୍କ ପରେ ଉଭୟ ପରିବାରର ଅଜଣାତରେ ଶୁଭ୍ରାଂଶୁ ଓ ଖୁସିଙ୍କର ବିବାହ ହୋଇଥିଲା । କିନ୍ତୁ ଯୁବତୀରଙ୍କ ଜାତି ଭିନ୍ନ ହୋଇଥିବାରୁ ଶୁଭ୍ରାଂଶୁଙ୍କର ପରିବାର ଏହି ପ୍ରେମ ବିବାହ ସମ୍ପର୍କକୁ ସ୍ୱୀକାର କରିନଥିଲେ ।

ଶାଶୁ ଘରେ ମାନସିକ ନିର୍ଯାତନା ପାଇଥିବାରୁ ଯୁବତୀ ନିଜ ଘରକୁ ଫେରି ଆସିଥିଲେ । କିନ୍ତୁ କିଛି ଦିନ ପରେ ଶୁଭ୍ରାଂଶୁ ମଧ୍ୟ ନିଜର ସ୍ତ୍ରୀ ଘରକୁ ଆସି ରହୁଥିଲେ । ଆଜି ସକାଳ ପ୍ରାୟ ୯ଟା ୩୦ରେ ସ୍ତ୍ରୀ ଗାଧୋଇବା ପାଇଁ ନିକଟରେ ଥିବା ଚୁଆକୁ ଯାଇଥିବା ବେଳେ ଶୁଭ୍ରାଂଶୁ ମଧ୍ୟ ନିଜ ପ୍ରେମିକା ପଛେପଛେ ଯାଇ ନିଜ ଘର ଖଜୁରୀପଡ଼ାକୁ ଫେରିଯିବାକୁ କହିଥିଲା । ହେଲେ ପ୍ରେମିକା ଯିବା ପାଇଁ ମନା କରିଥିବାରୁ ଏକ ବ୍ଲେଡ ସାହାଯ୍ୟରେ ନିଜ ଗଳା କାଟି ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ । ରକ୍ତାକ୍ତ ଅବସ୍ଥାରେ ଶୁଭ୍ରାଂଶୁ ତଳେ ପଡ଼ିଯିବା ଦେଖି ଯୁବତୀ ଜଣକ ବାପା-ମା'ଙ୍କୁ ଡାକି ୧୧୨ ନମ୍ବରରେ ପୁଲିସ ସହ ଯୋଗାଯୋଗ କରିଥିଲେ ।

ଖବର ପାଇ ମହିଳା ଇନ୍ସପେକ୍ଟର ରଞ୍ଜିତା ବେହେରା ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ପୁଲିସ ଗାଡ଼ିରେ ଘୁ.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ଯୁବକଙ୍କ ଗଳାରେ ୧୮ଟି ଷ୍ଟିଚ୍ ଲାଗିଥିବା କାର୍ଯ୍ୟରତ ଡାକ୍ତର କହିଛନ୍ତି । ପ୍ରାଥମିକ ଚିକିତ୍ସା ପରେ ସ୍ଥିତି ଗୁରୁତର ଦେଖି ଯୁବକଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି ।

# ପ୍ରତିବର୍ଷ ଲକ୍ଷ୍ୟ ଟପୁଛି ଅବକାରୀ ରାଜସ୍ୱ

ଭୁବନେଶ୍ୱର,୬।୧୨
ତଥ୍ୟ

ଅବକାରୀ କାରବାରରୁ ରାଜ୍ୟ ସରକାର ଯେତିକି ଟଙ୍କାର ରାଜସ୍ୱ ଆଦାୟ ପାଇଁ ଲକ୍ଷ୍ୟଧାର୍ଯ୍ୟ କରୁଛନ୍ତି ପ୍ରତିବର୍ଷ ତାହାଠାରୁ ଅଧିକ ରାଜସ୍ୱ ପାଉଛନ୍ତି । ଗତ ୫ବର୍ଷର ଅବକାରୀ ରାଜସ୍ୱ ଆଦାୟ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ଓ ମିଳିଥିବା ରାଜସ୍ୱରୁ ଏହା ଲକ୍ଷ୍ୟ କରାଯାଇଛି ।

୨୦୨୦-୨୧ ବର୍ଷରେ ରାଜ୍ୟ ସରକାର ଅବକାରୀ ରାଜସ୍ୱ ବାବଦରେ ୫୨୫୦ କୋଟି ଟଙ୍କାର ରାଜସ୍ୱ ଆଦାୟ ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଥିଲେ । ତେବେ ବର୍ଷ ଶେଷରେ ଦେଖାଗଲା ଯେ ଏହି କ୍ଷେତ୍ରରୁ ସରକାର ୫୪୦୦ କୋଟି ୨୧ଲକ୍ଷ ଟଙ୍କା ପାଇଛନ୍ତି । ସେହିଭଳି ୨୦୨୧-୨୨ ବର୍ଷରେ ଅବକାରୀ ରାଜସ୍ୱରୁ ରାଜକୋଷକୁ ୫୫୦୦ କୋଟି ଟଙ୍କା ଆସିବ ବୋଲି ସରକାର ଆକଳନ କରିଥିବାବେଳେ ଆସିଥିଲା ୭୬୨୨ କୋଟି ୪୧ଲକ୍ଷ ଟଙ୍କା । ଉକ୍ତ ବର୍ଷରେ ଭାଟ୍‌କୁ ବାଦ ଦେଲେ ସରକାର ଧାର୍ଯ୍ୟ ଲକ୍ଷ୍ୟର ୧୦୧ ପ୍ରତିଶତ ରାଜସ୍ୱ ଆଦାୟ କରିଥିଲେ । ଏତ୍ ସହିତ ୨୦୯୪ କୋଟି ଟଙ୍କା ଭାଟ୍ ମିଶିବା ଫଳରେ ରାଜସ୍ୱ ପରିମାଣ ଢେର ବୃଦ୍ଧି ପାଇଥିଲା ।

୨୦୨୨-୨୩ ବର୍ଷରେ ଅବକାରୀ ରାଜସ୍ୱରୁ ୬୫୦୦ କୋଟି ଟଙ୍କା ପାଇବାକୁ ସରକାର ଲକ୍ଷ୍ୟଧାର୍ଯ୍ୟ କରିଥିଲେ । ଏହିବର୍ଷ ରାଜକୋଷକୁ ଆସିଥିଲା ୮୯୬୭ କୋଟି ୪୯ଲକ୍ଷ ଟଙ୍କା । ଏଥି ମଧ୍ୟରେ ୨୫୧୨ କୋଟି ଟଙ୍କାର ଭାଟ୍ ଅର୍ନ୍ତଭୁକ୍ତ ଥିଲା । ୨୦୨୩-୨୪ ବର୍ଷରେ ସରକାର ରାଜସ୍ୱ ଆଦାୟ ଲକ୍ଷ୍ୟକୁ ୭୮୦୦କୋଟି ଟଙ୍କାକୁ ବୃଦ୍ଧି କରିଥିଲେ । ବର୍ଦ୍ଧିତ ରାଜସ୍ୱ ଆଦାୟଧାରା ଜାରି ରହିବା ସହିତ ସେହିବର୍ଷ ଅବକାରୀ ରାଜସ୍ୱ ୧୦ହଜାର କୋଟି ଟଙ୍କାକୁ ଅତିକ୍ରମ କରିଯାଇଥିଲା । ଗତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୪-୨୫ ବର୍ଷରେ ରାଜ୍ୟ ସରକାର ଧାର୍ଯ୍ୟ ଲକ୍ଷ୍ୟକୁ ୮୬୮୦ କୋଟି ଟଙ୍କାକୁ ବଢାଇ ଦେଇଥିବାବେଳେ ରାଜସ୍ୱ ଆକାରରେ ପାଇଥିଲେ ୧୧,୪୨୯ କୋଟି ଟଙ୍କା ।

ରାଜ୍ୟରେ ଏବେ ଅବକାରୀ ରାଜସ୍ୱର ମୁଖ୍ୟ ଆୟ ମଦରୁ ହେଉଥିବାବେଳେ ରାଜ୍ୟରେ ପ୍ରତିବର୍ଷ ମଦ ବିକ୍ରି ପରିମାଣ ବୃଦ୍ଧି ପାଉଥିବା ଆକଳନ କରାଯାଉଛି । କାରଣ ରାଜ୍ୟରେ ବହୁଭାବେ ବ୍ୟବହାର ହେଉଥିବା ଗଞ୍ଜେଇ ଓ ବ୍ରାଉନସୁଗାର ଭଳି ନିଶା ସାମଗ୍ରୀ ବିକ୍ରି ବେଆଇନ୍ ହୋଇଥିବାରୁ ସରକାର ସେଥିରୁ କୌଣସି ପ୍ରକାର ଟିକସ ପାଆନ୍ତି ନାହିଁ । ତେଣୁ ଭାରତ ତିଆରି ବିଦେଶୀ ମଦ, ବିୟର, ବାହାର ଭାଟି ମଦ ଓ ଦେଶୀ ମଦ ବିକ୍ରି ହିଁ ସରକାରଙ୍କର ଅବକାରୀ ରାଜସ୍ୱର ମୁଖ୍ୟ ଉତ୍ସ ପାଲଟିଛି ।

ସମଗ୍ର ରାଜ୍ୟରେ ଏବେ ନିଶା ବିଶେଷକରି ମଦ କାରବାର ବିରୁଦ୍ଧରେ ଧାରଣା, ଧର୍ମଘଟ ଆଦି ଜାରି ରହିଥିବାବେଳେ ସରକାରଙ୍କର ଅବାକରୀ ରାଜସ୍ୱ ପରିମାଣ ପ୍ରତିବର୍ଷ ବଢିବା ଏବେ ନିଶାମୁକ୍ତ ଭାରତ ଯୋଜନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିବାରେ ଲାଗିଛି ।

## ରୋଗର ଜ୍ୱାଳା ସହିନପାରି ମହିଳାଙ୍କ ଆତ୍ମହତ୍ୟା

ଅସ୍ତରଙ୍ଗ,୬।୧୨: ଏକ୍ସପ୍ରେସ୍ ନ୍ୟୁଜ୍

କାକଟପୁର ଥାନା ଅଧିନସ୍ଥ କଣ୍ଟାପଡା ପଞ୍ଚାୟତ କାଣ୍ଡିସାହି ଗ୍ରାମର ସର୍ବେଶ୍ୱର କାଣ୍ଡିଙ୍କ ପତ୍ନୀ କୌଶଲ୍ୟା କାଣ୍ଡି ଶୁକ୍ରବାର ରାତି ୮ ଘଟିକା ସମୟରେ ନିଜ ଘର ଫ୍ୟାନରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ପରିବାର ଲୋକେ କହିବା ଅନୁଯାଇ ସର୍ବେଶ୍ୱର ଏବଂ କୌଶଲ୍ୟାଙ୍କ ମଧ୍ୟରେ କୌଣସି ପାରିବାରିକ ବିବାଦ କିମ୍ବା ବିବାଦ କେବେ ଘଟିନାହିଁ । ତେବେ କିଛି ଦିନ ହେଲା କୌଶଲ୍ୟା ଟିବି ରୋଗରେ ପୀଡିତ ହୋଇ ଚିକିତ୍ସା ହୋଇଆସୁଥିଲେ । ଶୁକ୍ରବାର ସନ୍ଧ୍ୟାରେ ସ୍ୱାମୀ ଏବଂ ପୁତ୍ର ସୋସାଇଟିରେ କ୍ଷୀର ଦେବାକୁ ଯାଇଥିବା ଜାଣି ଘରେ କେହି ନଥିବାର ସୁଯୋଗ ନେଇ ଆତ୍ମହତ୍ୟା ଭଳି ଏକ ଚରମ ନିଷ୍ପତି ନେଇ ଫ୍ୟାନରେ ରଶି ଲଗାଇ ଝୁଲି ପଡ଼ିଥିଲେ । ଖବର ପାଇ କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ରମେଶ ଚନ୍ଦ୍ର ନିଶଙ୍କ ଘଟଣା ସ୍ଥଳରେ ପହଂଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ । ଏ ସଂକ୍ରାନ୍ତରେ ଥାନା କେଶ ନମ୍ବର ୧୮/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲୁରହିଛି ।

## ପ୍ରଥମ ପୃଷ୍ଠାରୁ...

### ବିଜେପିରେ ପ୍ରଫୁଲ୍ଲଙ୍କ...

ପୂର୍ବତନ ଭଦ୍ରକ ପୌରାଧ୍ୟକ୍ଷ ପ୍ରୟାସକାନ୍ତି ସାମଲ (ଲୁଲୁ), ତାଙ୍କର ସାନ ଭାଇ ତଥା ଭଣ୍ଡାରିପଖୋରୀ ବ୍ଲକ ଉପାଧ୍ୟକ୍ଷ ପ୍ରଣିତକାନ୍ତ ସାମଲ (ଜୁଲୁ), ଉଭୟଙ୍କର ପୀଉସୀ ତଥା ଭଦ୍ରକ ବ୍ଲକ ଅଧ୍ୟକ୍ଷ ଉର୍ମିଳା ନାୟକ ବିଜେପିରେ ଯୋଗଦେଇଛନ୍ତି ।

ସେହିପରି ଭଣ୍ଡାରୀପୋଖରୀ ବ୍ଲକ ଅଧ୍ୟକ୍ଷା ସୁମତି ସେଠୀ, ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଂଜନ ଘଡେଇ, ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ ବିଶ୍ୱାଳ ଆଜି ବିଜେପିରେ ଯୋଗ ଦେଇଛନ୍ତି । ବିଜେପିରେ ଯୋଗଦେବା ପୂର୍ବରୁ ଏମାନେ ସମସ୍ତେ ବିଜେଡିରେ ଥିଲେ । କଂଗ୍ରେସର ଯୁବନେତା ପ୍ରକାଶ ଜ୍ୟୋତି ମହାକୁଡ ମଧ୍ୟ ବିଜେପିରେ ଯୋଗ ଦେଇଥିବା ବେଳେ ଜିଲ୍ଲାର ୩୦ ଜଣ ସରପଞ୍ଚ ଓ ୩୫ ଜଣ ସମିତି ସଭ୍ୟଙ୍କ ସମେତ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଆଜି ପଦ୍ମ ଧରିଛନ୍ତି । ଭୁବନେଶ୍ୱରସ୍ଥିତ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନୋମହନ ସାମଲ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବାସୁଦେବପୁର ବିଜେପି ନେତା ବାଣୀକଲ୍ୟାଣ ମହାନ୍ତି, ଭଦ୍ରକ ଜିଲ୍ଲା ବିଜେପି ସଭାପତି ଭଗବାନ ପଣ୍ଡା, ଭଣ୍ଡାରିପୋଖରୀର ବିଜେପି ନେତା ବଦ୍ରୀନାରାୟଣ ଧଳ, ଡ, ସୁଧାଂଶୁ ନାୟକ, ଭୁବନେଶ୍ୱର ବିଧାୟକ ବାବୁ ସିଂହ ଏମାନେ ସବୁ ଉପସ୍ଥିତ ଥିଲେ ।

ଭଦ୍ରକ ଜିଲ୍ଲାରେ ବିଜେଡି ସଂଗଠନ ଭାଙ୍ଗି ଖଣ୍ଡଖଣ୍ଡ ହୋଇଯାଉଛି । ଅଧାରୁ ଅଧିକ ବ୍ଲକକୁ ବିଜେପି ଅକ୍ତିଆର କରିସାରିଛି । ଏତଦ୍ ଦୃଶ୍ୟ ଦେଖ କିଛିଦିନ ପୂର୍ବରୁ ସଭାପତି ନବୀନ ପଟ୍ଟନାୟକ ଭଦ୍ରକ ଜିଲ୍ଲାର ବିଜେଡି ଦଳର ସମସ୍ତ ବରିଷ୍ଠ ନେତା ଓ ବିଧାୟକଙ୍କୁ ଡାକି ଦଳକୁ ସଂଗଠିତ କରି ରଖିବା ପାଇଁ ପରାମର୍ଶ ଦେଇଥିଲେ । ଦଳରୁ ୪ ବ୍ଲକ ଅଧ୍ୟକ୍ଷ କିଭଳି ବିଜେପିକୁ ନଯିବେ ଓ ସରପଂଚ ଓ ସମିତି ସଭ୍ୟମାନେ କିଭଳି ଦଳ ନଛାଡ଼ିବେ ସେଥିପାଇଁ ଭଦ୍ରକ ଜିଲ୍ଲାର ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କୁ ଦାୟିତ୍ୱ ଦିଆଯାଇଥିଲା । ତେବେ ପ୍ରଫୁଲ୍ଲଙ୍କୁ ଏତେ ବଡ ଦାୟିତ୍ୱ ମିଳିଥିଲା ବେଳେ ତାଙ୍କର ପୁଅ ଓ ଭଉଣୀ ବିଜେଡି ଛାଡି ବିଜେପିରେ ସାମିଲ ହୋଇଛନ୍ତି, ଯାହା ଅନ୍ୟମାନଙ୍କୁ ଆଶ୍ଚର୍ଯ୍ୟ କରୁଛି ।

### ନେହରୁଙ୍କ ଚିନ୍ତାଧାରାକୁ...

ଯାହା ମହାତ୍ମା ଗାନ୍ଧୀଙ୍କ ହତ୍ୟାର କାରଣ ହୋଇଥିଲା । ସୋନିଆ ଗାନ୍ଧୀ କହିଥିଲେ ଯେ ଏହି ବିଚାରଧାରା କେବଳ ସ୍ୱାଧୀନତା ସଂଗ୍ରାମରୁ ଦୂରରେ ରହିଲା ନାହିଁ, ବରଂ ସମ୍ବିଧାନ ନିର୍ମାଣରେ ମଧ୍ୟ କୌଣସି ଭୂମିକା ଗ୍ରହଣ କରିନାହିଁ । ଯେଉଁମାନଙ୍କର ବିଚାରଧାରା ସ୍ୱାଧୀନତା ସଂଗ୍ରାମରେ କୌଣସି ଅବଦାନ ରଖିନାହିଁ ସେମାନେ ସମ୍ବିଧାନ ବିରୁଦ୍ଧରେ କାମ କରିଛନ୍ତି ।

ସେ କହିଥିଲେ ଯେ ନେହେରୁଙ୍କ ପ୍ରତିଛବି, ଭୂମିକା ଏବଂ ଐତିହ୍ୟକୁ ବଦନାମ କରିବା ପାଇଁ ଏକ ସୁଚିନ୍ତିତ ଏବଂ ବ୍ୟବସ୍ଥିତ ଅଭିଯାନ ଚାଲିଛି । ସେ କହିଥିଲେ ଯେ ଏହି ସମାନ ମାନସିକତା ଏବେ ଇତିହାସ ପୁନଃଲିଖନ ଏବଂ ପ୍ରତିଷ୍ଠାନଗୁଡ଼ିକୁ ଦୁର୍ବଳ କରିବାକୁ ଚେଷ୍ଟା କରୁଛି । ସେ ଆହୁରି କହିଛନ୍ତି ଯେ ନେହେରୁଙ୍କୁ ବଦନାମ କରିବାର ମୁଖ୍ୟ ଉଦ୍ଦେଶ୍ୟ କେବଳ ତାଙ୍କୁ ଇତିହାସରୁ ଲିଭାଇ ଦେବା ନୁହେଁ, ବରଂ ଆମ ଜାତି ଯେଉଁ ସାମାଜିକ, ରାଜନୈତିକ ଏବଂ ଆର୍ଥିକ ଭିତ୍ତିଭୂମି ଉପରେ ଠିଆ ହୋଇଛି ତାହାକୁ ନଷ୍ଟ କରିବା । ଦେଶର ଆତ୍ମାକୁ ରକ୍ଷା କରିବାର ଏବେ ସମୟ ବୋଲି କହିଛନ୍ତି ସୋନିଆ ।

### ମନ୍ଦିର ପାଣ୍ଠି...

ସୃଷ୍ଟି କରୁଛି । ସିଜେଆଇ ଉତ୍ତର ଦେଇଥିଲେ, ଆପଣଙ୍କୁ ଜନସାଧାରଣଙ୍କ ନିକଟରେ ଆପଣଙ୍କର ବିଶ୍ୱସନୀୟତା ସ୍ଥାପନ କରିବାକୁ ପଡିବ । ଆପଣ ଗ୍ରାହକ ଏବଂ ଜମାକୁ ଆକର୍ଷିତ କରିପାରିବେ ନାହିଁ ଏହା ଆପଣଙ୍କର ସମସ୍ୟା ।

ଜଷ୍ଟିସ୍ ବାଗଚି କହିଥିଲେ ଯେ, ଜମାଗୁଡ଼ିକୁ ସେମାନଙ୍କର ମିଆଦ ଶେଷ ହେବା ପରେ ଫେରାଇବା ବ୍ୟାଙ୍କର ଦାୟିତ୍ୱ । ଆଇନଜୀବୀ ଜବାବ ଦେଇଥିଲେ ଯେ, ବ୍ୟାଙ୍କ ଜମାଗୁଡ଼ିକୁ ବନ୍ଦ କରିବାକୁ ବିରୋଧ କରୁନାହିଁ, କିନ୍ତୁ ହଠାତ୍ ପାଣ୍ଠି ଫେରାଇବା ପାଇଁ ନିର୍ଦ୍ଦେଶ ଅସୁବିଧା ସୃଷ୍ଟି କରିବ ।

ସୁପ୍ରିମକୋର୍ଟ ଆବେଦନଗୁଡ଼ିକୁ ଖାରଜ କରି ଆବେଦନକାରୀଙ୍କୁ ସମୟ ବୃଦ୍ଧି ପାଇଁ କେରଳ ହାଇକୋର୍ଟରେ ଆବେଦନ ଦାଖଲ କରିବାର ସ୍ୱାଧୀନତା ପ୍ରଦାନ କରିଥିଲେ । ଏହି ଆବେଦନଗୁଡ଼ିକ ମନନ୍ଥବାଦୀ କୋ-ଅପରେଟିଭ୍ ଅର୍ବାନ୍ ସୋସାଇଟି ଲିମିଟେଡ୍ ଏବଂ ଥିରୁନେଲି ସର୍ଭିସ୍ କୋଅପରେଟିଭ୍ ବ୍ୟାଙ୍କ ଲିମିଟେଡ୍ ଦ୍ୱାରା ଦାଖଲ କରାଯାଇଥିଲା ।

ସେମାନେ ଅଗଷ୍ଟ ମାସରେ କେରଳ ହାଇକୋର୍ଟଙ୍କର ଏକ ଡିଭିଜନ୍ ବେଞ୍ଚ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଥିଲେ । କେରଳ ହାଇକୋର୍ଟ ଦୁଇ ମାସ ମଧ୍ୟରେ ଥିରୁନେଲି ମନ୍ଦିର ଦେବସ୍ୱମର ଜମା ଫେରସ୍ତ କରିବାକୁ ସମ୍ପୃକ୍ତ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ ।

### ଗତବର୍ଷ ୫୩...

୨୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଓଡିଆ ଖାଦ୍ୟର ପ୍ରଚାର ପ୍ରସାର ପାଇଁ ସୋନି ପିକ୍‌ଚର ନେଟୱାର୍କକୁ ୨କୋଟିରୁ ଅଧିକ ଟଙ୍କ ଦିଆଯାଇଥିବାବେଳେ ଝାରସୁଗୁଡା ବିମାନବନ୍ଦରରେ ବ୍ରାଣ୍ଡିଂ ପାଇଁ ୨,୫୧,୮୧,୦୦ ଟଙ୍କା ଅଜନ୍ତା ଆଡଭରଟାଇଜର୍ସକୁ ପ୍ରଦାନ କରାଯାଇଛି ।

ଓଡିଶା ପର୍ଯ୍ୟଟନର ପ୍ରଚାର ପାଇଁ ପେଟିଏମ୍, ମେକ୍ ମାଇଁ ଟ୍ରିପ୍, ଇକ୍ସିଗୋ, ୟାହୁ ମିଡିଆ, ଗୁଗୁଲ୍ ଆଦି ସଂସ୍ଥା ମଧ୍ୟ ଲକ୍ଷାଧିକ ଟଙ୍କା ନେଇଥିବା ଉପମୁଖ୍ୟମନ୍ତ୍ରୀଙ୍କ ଉତ୍ତରରୁ ଜଣାପଡିଛି । ତେବେ ଦୂରଦର୍ଶନ ଭଳି ସଂସ୍ଥା ଏଥିପାଇଁ ୮ଲକ୍ଷ ଟଙ୍କାରୁ କମ୍ ଅଥ ନେଇଛି ଯାହା କି ଏ କ୍ଷେତ୍ରରେ ସବୁଠାରୁ କମ୍ ଥିବା ଜଣାଯାଇଛି ।

### ଇଣ୍ଡିଗୋ ବିରୋଧରେ...

କହିଥିଲେ । ଡିଜିସିଏ ଇଣ୍ଡିଗୋ ବିରୁଦ୍ଧରେ କଠୋର ଆଭିମୁଖ୍ୟ ଗ୍ରହଣ କରି କହିଛି ଯେ ଇଣ୍ଡିଗୋ ଏହାର ନୂଆ ଡ୍ୟୁଟି ନିୟମ କାର୍ଯ୍ୟକାରୀ କରିବା ଓ ଉପଯୁକ୍ତ କ୍ରୁ ପରିଚାଳନା କରିବାରେ ବିଫଳ ହୋଇଥିବାରୁ ସମସ୍ତ ଉଡାଣ ବାଧାପ୍ରାପ୍ତ ହୋଇଥିଲା । ସେପଟେ ଏନେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ କହିଛନ୍ତି ଯେ ଇଣ୍ଡିଗୋର ଖରାପ କ୍ରୁ ପରିଚାଳନା ଏବଂ ଡିଜିସିଏ ନିୟମାବଳୀର ଭୁଲ ପରିଚାଳନା ଯୋଗୁଁ ଇଣ୍ଡିଗୋ ବର୍ତ୍ତମାନ ଏହି ସମସ୍ୟାର ସମ୍ମୁଖୀନ ହେଉଛି । କେଉଁଠାରେ ଭୁଲ୍ ରହିଛି ଓ ଏପରି ପରିସ୍ଥିତି ପାଇଁ କିଏ ଦାୟୀ ଏହାର ତଦନ୍ତ କରାଯିବ ଉଚିତ୍ ଓ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ୍ ବୋଲି ସେ କହିଛନ୍ତି ।

### ବିଳମ୍ବରେ ଚେତା...

ଇଣ୍ଡିଗୋର ଉଡାଣ ରଦ୍ଦ ହେବା ପରେ ହଜାର ହଜାର ଯାତ୍ରୀ ପ୍ରଭାବିତ ହୋଇଛନ୍ତି । ଏହାରି ଭିତରେ ମନ୍ତ୍ରଣାଳୟ ଶନିବାର ଏୟାରଲାଇନକୁ ନିର୍ଦ୍ଦେଶ ଦେଇ ରଦ୍ଦ ହୋଇଥିବା ଉଡାଣର ଟିକେଟ ରିଫଣ୍ଡ ପ୍ରକ୍ରିୟା ରବିବାର ସଂଧ୍ୟା ସୁଦ୍ଧା ସାରିବାକୁ କହିଛନ୍ତି । ଏହା ବ୍ୟତୀତ ଯେଉଁ ଯାତ୍ରୀଙ୍କ ଯାତ୍ରା ଯୋଜନା ରଦ୍ଦ ପ୍ରଭାବିତ ହୋଇଛି, ସେମାନଙ୍କଠାରୁ ରିସିଡ୍ୟୁଲିଙ୍ଗ ଚାର୍ଜ ନିଆଯିବ ନାହିଁ ।

ମନ୍ତ୍ରଣାଳୟ ଏହା ମଧ୍ୟ ନିର୍ଦ୍ଦେଶ ଦେଇଛି ଯେ ଇଣ୍ଡିଗୋ ବାତିଲ କିମ୍ବା ବିଳମ୍ବ ହୋଇଥିବା ବିମାନରେ ଯାତ୍ରୀଙ୍କ ଲଗେଜକୁ ୪୮ ଘଣ୍ଟା ମଧ୍ୟରେ ସେମାନଙ୍କ ଠିକଣାରେ ପହଞ୍ଚାଇବ । ଆବଶ୍ୟକ ହେଲେ ଯାତ୍ରୀ ଅଧିକାର ନିୟମ ଅନୁଯାୟୀ କ୍ଷତିପୂରଣ ଦେବାକୁ ମଧ୍ୟ ଏହା ବାଧ୍ୟତାମୂଳକ କରିଛି । ଯାତ୍ରୀଙ୍କ ସୁବିଧା ଏବଂ ଅଭିଯୋଗ ସମାଧାନ ସୁନିଶ୍ଚିତ କରିବା ପାଇଁ ମନ୍ତ୍ରଣାଳୟ ଇଣ୍ଡିଗୋକୁ ଯାତ୍ରୀ ସହାୟତା ଏବଂ ରିଫଣ୍ଡ ସୁବିଧା ସେଲ ସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛି । ଏହି ସେଲଗୁଡ଼ିକ ପ୍ରଭାବିତ ଯାତ୍ରୀମାନଙ୍କ ସହିତ ଯୋଗାଯୋଗ କରି ସହାୟତା ପ୍ରଦାନ କରିବେ ।

# ବିଲ୍‌କୁ ବିରୋଧ କରି ରାସ୍ତାରେ ଜୁଆ ଖେଳାଇଲେ କଂଗ୍ରେସ ନେତା

ଚନ୍ଦାହାଣ୍ଡି,୬।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ରାଜ୍ୟ ସରକାର ବିଧାନସଭାରେ ଗେମଲିଙ୍ଗ ଆକ୍ଟକୁ ସଂଶୋଧନ କରିବା ପରେ ଏହାକୁ ବିଭିନ୍ନ ସ୍ଥାନରେ ବିରୋଧ କରୁଥିବା ଦେଖିବାକୁ ମିଳିଛି । ଏହାକୁ ବିରୋଧ କରି ଆଜି ଚନ୍ଦାହାଣ୍ଡି ସଦର ବସ୍‌ଷ୍ଟାଣ୍ଡ ଛକ ଠାରେ ବରିଷ୍ଠ କଂଗ୍ରେସ ନେତା କ୍ଷେମରାଜ ବାଘ ସର୍ବସାଧାରଣ ସ୍ଥାନରେ ଖୁଲମଖୁଲା ଜୁଆ ଖେଳାଉ ଥିବା ଦେଖିବାକୁ ମିଳିଛି । ସର୍ବସାଧାରଣ ସ୍ଥାନରେ ଖୁଡ଼ଖୁଡି ଖେଳର ପଟି ପକେଇ ନିର୍ଭୟରେ ଜୁଆ ଖେଳିବାକୁ ପଥଚାରୀଙ୍କୁ ଡାକିଥିଲେ ।

ଲୋକେ ମଧ୍ୟ ହଜାର ହଜାର ଟଙ୍କା ଧରି ଜୁଆ ଖେଳିଥିଲେ ।



ସୋସିଆଲ ମିଡ଼ିଆରେ ଖବର ପ୍ରଚାର ହେଲା ପରେ ନବରଂଗପୁର ଜିଲ୍ଲା ଚନ୍ଦାହାଣ୍ଡି ଥାନା ଏଏସ୍‌ଆଇ ବେଣୁପାଣି ମାଝୀ ପହଞ୍ଚି ସର୍ବସାଧାରଣ ସ୍ଥାନରେ ଜୁଆ ଖେଳି ବାକୁ ମନା କରିଥିଲେ । ଜୁଆ ଖେଳ ବନ୍ଦ କରିବାକୁ କହିଥିବା ବେଳେ କଂଗ୍ରେସ ନେତା କ୍ଷେମରାଜ ବାଘ ଶୁଣି ନଥିଲେ ।

ପୁଲିସକୁ କଂଗ୍ରେସ ନେତା କହିଥିଲେ ଜୁଆ ଖେଳ ଆଜି ଛକରେ ହେଉଛି । ଆସନ୍ତାକାଲି ସକାଳୁ ଥାନା, ବ୍ଲକ, ତହସିଲ ସମ୍ମୁଖରେ ହେବ । ସରକାର ଜୁଆ ଖେଳିବା ଲୋକଙ୍କୁ ଗିରଫ କରିପାରିବ ନାହିଁ । ଆପଣ ଆଇନ ଜାଣି ନାହାନ୍ତି, ଯାହା ବିଧାନସଭାରେ ସଂଶୋଧନ ହୋଇଛି ବୋଲି କହିଥିଲେ । ଆପଣ ଫାଇନ ପକାନ୍ତୁ ଆମେ ଫାଇନ ଦେବୁ ।

ଏଏସ୍‌ଆଇ ଏହା ଶୁଣି ଫେରି ଯାଇଥିଲେ । ସରକାରଙ୍କ ଏହି ଭୁଲ ନୀତି ଯୋଗୁଁ ଆଗାମି ଦିନରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ଏବଂ ସରକାର ଏଥି ପାଇଁ ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି । ଏହି ଜୁଆ ଖେଳରେ ବରିଷ୍ଠ କଂଗ୍ରେସ ନେତା ଗଗନେଶ୍ୱର ଚୌହାନ, ଯୁବ କଂଗ୍ରେସ ସଭାପତି ଗୌରୀ ଶଙ୍କର ସେଠୀ, କୃଷ୍ଣ ବାଘ ସହଯୋଗ କରିଥିବା ବେଳେ ବହୁ ସଂଖ୍ୟାରେ ଲୋକ ରାସ୍ତା ଯାମ କରି ଜୁଆ ଖେଳିଥିଲେ ।

## ସ୍ୱାମୀ ହତ୍ୟାକାରୀ ସ୍ତ୍ରୀକୁ ଆଜୀବନ କାରାଦଣ୍ଡ

ଆଠଗଡ,୬।୧୨: ଏକ୍ସପ୍ରେସ୍ ନ୍ୟୁଜ୍

ଆଠଗଡ ସହରରେ ଘଟିଥିବା ଏକ ହତ୍ୟା ମାମଲା ବିଚାର କରି ଆଠଗଡ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ରାଜକୁମାର ଦାସ ଶନିବାର ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ।

ଘଟଣାର ବିବରଣୀରୁ ପ୍ରକାଶ, ୨୦୨୨ ଫେବୃୟାରୀ ୨୨ ତାରିଖ ଦିନ ମଙ୍ଗୁଳି ନାଏକଙ୍କୁ ପାରିବାରିକ କଳହ କାରଣରୁ ତାଙ୍କ ପତ୍ନୀ ରୀନା ନାଏକ ଏକ ଛୁରୀରେ ଗଳା କାଟି ହତ୍ୟା କରିଥିଲେ । ଏ ସମ୍ପର୍କରେ ସେହିଦିନ ମୃତ ମଙ୍ଗୁଳିଙ୍କ ପ୍ରଥମ ପତ୍ନୀ ମାମି ନାଏକ ଆଠଗଡ ଥାନାରେ ଏତଲା ଦେଇଥିଲେ । ଆଠଗଡ ପୁଲିସ ତୁରନ୍ତ ଅଭିଯୁକ୍ତକୁ ଗିରଫ କରି ଆକ୍ରମଣରେ ବ୍ୟବହୃତ ଛୁରିକୁ ଜବତ କରିଥିଲେ । ଆଠଗଡ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଦାସ ମାମଲାର ବିଚାର ବେଳେ ସମସ୍ତ ସାକ୍ଷ୍ୟ ପ୍ରମାଣ, ପୁଲିସର ଅଭିଯୋଗ ଫର୍ଦ୍ଦ, ପୁଲିସ ବିଜ୍ଞାନାଗାର ପରୀକ୍ଷା ରିପୋର୍ଟ ଏବଂ ସରକାରୀ ଓକିଲଙ୍କ ବଳିଷ୍ଠ ଯୁକ୍ତିକୁ ଗ୍ରହଣ କରି ଅଭିଯୁକ୍ତ ରୀନା ନାଏକକୁ ଦୋଷୀ ସାବ୍ୟସ୍ତ କରି ରାୟ ଶୁଣାଇଥିଲେ । ଏଡିଜେ ତାଙ୍କ ରାୟରେ ଅଭିଯୁକ୍ତ ପତ୍ନୀକୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୨ମାସ କାରାଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି । ମାମଲାଟିକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ଶରତ କୁମାର ଦାଶ ଓ ଦେବାଶିଷ ସିଟ୍ ପରିଚାଳନା କରୁଥିବାବେଳେ କଟକର ପ୍ରୋସିକ୍ୟୁସନ ଉପନିର୍ଦ୍ଦେଶକ ଏସ କେ ସାମନ୍ତ ଆବଶ୍ୟକ ପରାମର୍ଶ ଦେଇଥିଲେ ।

## ସାକ୍ଷୀ ନଆସିବାରୁ ରାହୁଲଙ୍କ ବିରୋଧରେ ମାମଲା ଟଳିଲା

ଠାଣେ,୬।୧୨: ଏକ୍ସପ୍ରେସ୍ ନ୍ୟୁଜ୍

ମହାରାଷ୍ଟ୍ର ଠାଣେ ଜିଲ୍ଲାର ଏକ କୋର୍ଟ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ)ର ଜନୈକ ସ୍ୱୟଂ ସେବକଙ୍କ ପକ୍ଷରୁ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ବିରୋଧରେ ଆଗତ ଅପରାଧିକ ମାନହାନୀ ମୋକଦ୍ଦମାର ଶୁଣାଣିକୁ ଡିସେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ସ୍ଥଗିତ କରିଦେଇଛନ୍ତି । ଶନିବାର ମାମଲାର ଶୁଣାଣି କାଳରେ ଅଭିଯୋଗକାରୀଙ୍କ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ସାକ୍ଷୀ କୋର୍ଟରେ ହାଜର ନହେବାରୁ ଏହି ନିଷ୍ପତ୍ତି ନିଆଯାଇଛି । ରାହୁଲ ଗାନ୍ଧିଙ୍କ ଓକିଲ ନାରାୟଣ ଆୟର ଶୁଣାଣି ସ୍ଥଗିତ ହୋଇଥିବା ପୁଷ୍ଟି କରିଛନ୍ତି । ସେ କହିଛନ୍ତି ଯେ ମାମଲାର ସାକ୍ଷୀ ଅଶୋକ ସାୟକର ବ୍ୟକ୍ତିଗତ କାରଣରୁ କୋର୍ଟରେ ହାଜର ହୋଇ ପାରିନାହାନ୍ତି । ସାୟକର ଏବେ ସୋଲାପୁରର ବାର୍ଶିରେ ପୋଲିସ ଉପାଧିକ୍ଷକ (ଡିଏସପି) ଅଛନ୍ତି । ମାମଲାରେ ସାୟକରଙ୍କ ସାକ୍ଷ୍ୟ ଡିସେମ୍ବର ୨୯ ତାରିଖରେ ଗ୍ରହଣ କରାଯାଇ ପାରେ ବୋଲି ଆୟର କହିଛନ୍ତି । ମାମଲାରେ ସାୟକରଙ୍କ ସାକ୍ଷ୍ୟକୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି । କାରଣ ୨୦୧୪ ମସିହାରେ ପୋଲିସ ଉପନିରୀକ୍ଷକ ଭାବେ ସେ ଭାରତୀୟ ଦଣ୍ଡ ପ୍ରକ୍ରିୟା ସଂହିତା ଧାରା ୨୦୨ରେ ମାନହାନୀ ମାମଲାର ପ୍ରାରମ୍ଭିକ ଯାଞ୍ଚ କରିଥିଲେ । ସାୟକରଙ୍କ ରିପୋର୍ଟ ଆଧାରରେ କୋର୍ଟ ପରେ ଭାରତୀୟ ଦଣ୍ଡବିଧି ଆଇନ ଧାରା ୫୦୦ରେ ରାହୁଲ ଗାନ୍ଧିଙ୍କ ବିରୋଧରେ ସମନ ଜାରି କରିଥିଲେ । ଆରଏସଏସର ସ୍ଥାନୀୟ କାର୍ଯ୍ୟକର୍ତ୍ତା ରାଜେଶ କୁଣ୍ଟେ ୬ ମାର୍ଚ୍ଚ ୨୦୧୪ରେ ଭିବଣ୍ଡି ନିକଟରେ ଅନୁଷ୍ଠିତ ଏକ ନିର୍ବାଚନ ରାଲିରେ କଂଗ୍ରେସ ନେତାଙ୍କ ସେହି କଥିତ ବୟାନକୁ ନେଇ ଅପରାଧିକ ମାନହାନୀ ମୋକଦ୍ଦମା ରୁଜୁ କରିଥିଲେ ଯେଉଁଥିରେ ରାହୁଲ ଗାନ୍ଧି କହିଥିଲେ ଯେ ଆରଏସଏସର ଲୋକେ ମହାତ୍ମା ଗାନ୍ଧିଙ୍କ ହତ୍ୟା କରିଥିଲେ । ଏହା ପୂର୍ବରୁ ନଭେମ୍ବର ୧୫ ଶୁଣାଣି ମଧ୍ୟ ସ୍ଥଗିତ ରହିଥିଲା ।

## ଜାନୁଆରୀ ୨୦ରେ ଓଏସଏସଟିଇଟି ପରୀକ୍ଷା

କଟକ,୬।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ଓଡ଼ିଶା ସେକେଣ୍ଡାରୀ ସ୍କୁଲ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଏସଏସଟିଇଟି) ଆସନ୍ତା ଜାନୁଆରୀ ୨୦ ତାରିଖରେ ଅନୁଷ୍ଠିତ ହେବ । ପରୀକ୍ଷା ପାଇଁ ଇଚ୍ଛୁକ ପ୍ରାର୍ଥୀମାନେ ଆଜିଠାରୁ ଆସନ୍ତା ୧୭ ତାରିଖ ଯାଏ ଆବେଦନ କରିପାରିବେ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସମୟ ଧାର୍ଯ୍ୟ କରାଯାଇଛି । ଏଥିପାଇଁ ଆଡ଼ମିଟକାର୍ଡ଼ ଜାନୁଆରୀ ୧୦ ତାରିଖରେ ବୋର୍ଡ଼ ୱେବସାଇଟରୁ ପାଇପାରିବେ ବୋଲି ସୂଚନା ଦିଆଯାଇଛି । ଓଏସଏସଟିଇଟି ପରୀକ୍ଷା ୨ଟି ପେପରରେ ହେବ । ପ୍ରଥମ ପେପର ପରୀକ୍ଷା ସକାଳ ୯ ଟାରୁ ଆରମ୍ଭ ହୋଇ ୧୧.୩୦ ମିନିଟ ପର୍ଯ୍ୟନ୍ତ ଚାଲିବ । ସେହିପରି ଦ୍ୱିତୀୟ ପେପର ପରୀକ୍ଷା ଅପରାହ୍ନ ୨ ଟାରୁ ୪ଟା ଯାଏ ଚାଲିବ ବୋଲି ବୋର୍ଡ଼ ପକ୍ଷରୁ ସମୟ ନିର୍ଘଣ୍ଟ ଜାରି କରାଯାଇଛି ।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460
Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ
Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ